

ଶିଖରଙ୍କ ଉପରେ ନଜର ରଖିନ୍ତି ଜାହ୍ନବୀ

▸ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-331 ♦BHUBANESWAR ♦TUESDAY ♦28 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୩୧ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୮ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



ବିଜୁ ଜନତା ଦଳ

# ଓଡ଼ିଶାର ପରିଚୟ



| ନବୀନଙ୍କ ପୂର୍ବର ଦୁଇ ଦଶକ | ନବୀନଙ୍କ ଦୁଇ ଦଶକ |
|---|---|
| ଦାରିଦ୍ର୍ୟ, ଅନାହାର ଓ ଅସହାୟତାର ଓଡ଼ିଶା | ସମୃଦ୍ଧ ଓଡ଼ିଶାର ଜିଡିପି ଆଜି ଜାତୀୟ ହାରଠୁ ଅଧିକ |
| ବିପର୍ଯ୍ୟୟ ସମୟରେ ସମ୍ପୂର୍ଣ୍ଣ ଅସହାୟ ରାଜ୍ୟ | ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱର ଶ୍ରେଷ୍ଠ ଉଦାହରଣ |
| କର୍ମଚାରୀଙ୍କ ଦରମା ଦେଇ ପାରୁନଥିବା ଦେବାଳିଆ ରାଜ୍ୟ | ଆର୍ଥିକ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ- ଦେଶରେ ସର୍ବନିମ୍ନ ମୁଣ୍ଡ ପିଛା ଋଣ |
| ଖାଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ | ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ଦେଶକୁ ଖାଦ୍ୟ ଯୋଗାଉଥିବା ରାଜ୍ୟ। ଚାଷୀଙ୍କ ଆୟ ଦୁଇ ଗୁଣ କରିବାରେ ଦେଶର ପ୍ରଥମ ରାଜ୍ୟ |
| ଦୁର୍ନୀତିଗ୍ରସ୍ତ ଓ ପକ୍ଷପାତିତା ଶାସନ | 'ମୋ ସରକାର' ଦ୍ୱାରା ପରିଚାଳିତ ଓଡ଼ିଶା ଭାରତର ସର୍ବୋତ୍ତମ ପ୍ରଶାସନିକ ରାଜ୍ୟ ଭାବେ ଜଣା |
| ଦେଶରେ ପଛୁଆ ରାଜ୍ୟ ତାଲିକାରେ ସବୁଠୁ ଆଗରେ | ପୁଞ୍ଜିନିବେଶରେ ଓଡ଼ିଶା ଦେଶର ଦ୍ୱିତୀୟ ଅଗ୍ରଣୀ ରାଜ୍ୟ |
| ହସ୍ପିଟାଲ ଅଭାବରେ ଜରାଜୀର୍ଣ୍ଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା | BSKY ଦ୍ୱାରା ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା |
| ସ୍କୁଲ ଏବଂ ଶିକ୍ଷକ ଅଭାବୀ ରାଜ୍ୟ ଓ ସର୍ବ ନିମ୍ନମାନର ଶିକ୍ଷା ବ୍ୟବସ୍ଥା | ଅତ୍ୟାଧୁନିକ ଭିତ୍ତିଭୂମି ସହ ଓଡ଼ିଶାର ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା କ୍ଷେତ୍ର ଆଜି ବିଶ୍ୱସ୍ତରୀୟ |
| ପେଟ ପୋଷିବା ପାଇଁ ଅନ୍ୟ ରାଜ୍ୟକୁ ପଳାୟନର କରୁଣ ପରିସ୍ଥିତି | ଓଡ଼ିଶାର ବେରୋଜଗାର ହାର ଦେଶରେ ସର୍ବନିମ୍ନ |
| | ଓଡ଼ିଶା ଦେଶର ନୂଆ କ୍ରୀଡ଼ା ରାଜଧାନୀ ଭାବେ ପରିଚିତ |
| | ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରି 'ସ୍କିଲ୍ ଇନ୍ ଓଡ଼ିଶା' ଆଜି ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ହୋଇଛି |
| | IT, ସେମିକଣ୍ଡକ୍ଟର ଏବଂ AI କ୍ଷେତ୍ରରେ ସର୍ବାଧିକ ପୁଞ୍ଜିନିବେଶ ଆଣିଥିବା ରାଜ୍ୟ |
| | ଷ୍ଟାର୍ଟ-ଅପ ଇକୋସିଷ୍ଟମ୍ ପାଇଁ ଦେଶରେ ସର୍ବୋତ୍ତମ ରାଜ୍ୟ |
| | ସଡ଼କ ପରିବହନ, ବିମାନ ଚଳାଚଳ ଓ ବନ୍ଦର ଇତ୍ୟାଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି |

5T ନବୀନ ଗ୍ୟାରେଣ୍ଟି

ନବୀନଙ୍କ 5T ଗ୍ୟାରେଣ୍ଟି
ରୂପାନ୍ତରଣର ଗ୍ୟାରେଣ୍ଟି

## ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ

ଲୋକସଭା    ବିଧାନସଭା

PUBLISHED BY DR. SASMIT PATRA, GENERAL SECRETARY, BIJU JANATA DAL

**ଟିଏମସି ସରକାରଙ୍କ ବିରୋଧରେ ବିଜେପିର ଅସମ୍ମାନଜନକ ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

# ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଶତ୍ରୁ ନୁହନ୍ତି

ନୂଆଦିଲ୍ଲୀ,୨୭।୫(ଏଜେନ୍ସି)



ପଶ୍ଚିମବଙ୍ଗର ଟିଏମସି ସରକାରଙ୍କ ବିରୋଧରେ ବିଜେପି ଜାରି କରିଥିବା ବିଜ୍ଞାପନ ମାମଲାରେ କୋଲକାତା ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ସହିତ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାବ୍ୟତୀତ ଏହି ମାମଲାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ବିଜେପି ପ୍ରତି କଡ଼ା ଟିପ୍ପଣୀ ରଖି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ କାହାର ଶତ୍ରୁ ନୁହେଁ ବୋଲି ବିଜେପି ଉଦ୍ଦେଶ୍ୟରେ କହିଛନ୍ତି। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଜେପି ପକ୍ଷରୁ ସୁପ୍ରିମକୋର୍ଟରେ ପିଟିସନ ଦାଏର କରାଯାଇଥିଲା ବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରି ଦେବା ସହିତ ଏହା ଉପରେ ଶୁଣାଣି କରିବାକୁ ସିଧା ସିଧା ମନା କରିଦେଇଛନ୍ତି । ଏହା ସହିତ ବିଜେପିର ବିଜ୍ଞାପନକୁ ସର୍ବୋଚ୍ଚ ନ୍ୟାୟାଳୟ ଭୁଲ୍ ବୋଲି ଦର୍ଶାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ନିର୍ବାଚନ ବେଳେ ମତଦାନ ପୂର୍ବଦିନ ବିଜେପି ପକ୍ଷରୁ ଟିଏମସି ସରକାରଙ୍କ ବିରୋଧରେ ଏକ ବିଜ୍ଞାପନ ଜାରି କରାଯାଇଥିଲା ବେଳେ ଏହାକୁ ବିରୋଧ କରି ଟିଏମସି ବିଜେପି ବିରୋଧରେ ହାଇକୋର୍ଟରେ ପିଟିସନ ଦାଏର କରିଥିଲା। ହାଇକୋର୍ଟ ଏହାର ବିଚାର କରି ତୁରନ୍ତ ଏଭଳି ବିଜ୍ଞାପନ ବନ୍ଦ କରିବାକୁ ବିଜେପିକୁ କହିଥିଲେ। ହେଲେ ବିଜେପି ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

ଜଷ୍ଟିସ ଜେ.କେ ମହେଶ୍ୱରୀ ଏବଂ କେ.ଭି ବିଶ୍ୱନାଥନଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲା ବେଳେ ହାଇକୋର୍ଟଙ୍କ ରାୟ ଉପରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଥିଲେ। ବିଜେପିର ଏଭଳି ବିଜ୍ଞାପନ ଭୋଟରଙ୍କ ସ୍ୱାର୍ଥରେ ନୁହେଁ ଏବଂ ଏହା ବ୍ୟକ୍ତିଗତ ଭାବେ ବିରୋଧୀ ଦଳ ନେତାଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ହାଇକୋର୍ଟ ତାଙ୍କ ରାୟରେ ଦର୍ଶାଇଥିଲେ। ଏହିକ୍ରମରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ଶତ୍ରୁ ନୁହନ୍ତି ବୋଲି ଖଣ୍ଡପୀଠ କହିଥିଲେ।

## ବିଭବ କୁମାରଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ, ୨୭।୫(ଏଜେନ୍ସି): ଆପ୍ ସାଂସଦ ସ୍ୱାତୀ ମାଲିୱାଲାଙ୍କୁ ମାଡ ମାରିବା ଏବଂ ଅସଦାଚରଣ କରାଯିବା ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଆଲଙ୍କ ପୂର୍ବତନ ବ୍ୟକ୍ତିଗତ ସହଯୋଗୀ ବିଭବ କୁମାରକୁ ପୁଣି ଝଟ୍‌କା ଲାଗିଛି। କୋର୍ଟ ପୁଣିଥରେ



ବିଭବ କୁମାରଙ୍କ ଜାମିନ ଆବେଦନକୁ ସୋମବାର ଖାରଜ କରିଦେଇଛନ୍ତି। ତିସ୍ ହଜାରି କୋର୍ଟର ଅତିରିକ୍ତ ବିଚାରପତି ସୁଶିଲ ଅତନୁ ତ୍ୟାଗି ବିଭବ କୁମାରଙ୍କ ଜାମିନ ଆବେଦନକୁ ପ୍ରତ୍ୟାଖାନ କରି ତାଙ୍କୁ ଜାମିନ ଦେଇନାହାନ୍ତି। ଆସନ୍ତାକାଲି ବିଭବଙ୍କ ନ୍ୟାୟିକ ହେପାଜତ ଅବଧି ଶେଷ ହେଉଥିବାରୁ ଏହାପୂର୍ବରୁ ସେ ଜାମିନ ଆବେଦନ କରିଥିଲେ। ଆସନ୍ତାକାଲି ମଧ୍ୟ ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

● **ପରିବାରକୁ କ୍ଷମା ମାଗିଲେ ପ୍ରଜ୍ୱଳ**

## ୩୧ରେ ଏସଆଇଟିରେ ହାଜର ହେବେ



ବେଙ୍ଗାଲୁରୁ, ୨୭।୫(ଏଜେନ୍ସି): କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ବର୍ତ୍ତମାନ ଏସଆଇଟି ଯାଞ୍ଚ କରୁଥିବା ବେଳେ ସେ ଏବେ ବି ବିଦେଶରୁ ଫେରିନାହାନ୍ତି। ତେବେ ତାଙ୍କ ବିରୋଧରେ ବିଭିନ୍ନ ସ୍ତରରେ ନୋଟିସ୍ ଜାରି ହୋଇଥିବାରୁ ପ୍ରଜ୍ୱଳ ଖୁବଶୀଘ୍ର ଭାରତ ଫେରିବେ ବୋଲି କହିଛନ୍ତି। ସେ ଆସନ୍ତା ୩୧ ତାରିଖରେ ଏସଆଇଟି ନିକଟରେ ହାଜର ହେବେ ବୋଲି ସୋମବାର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଏହି ଅବସରରେ ସେ ତାଙ୍କ ଜେଜେ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବ ଗୌଡାଙ୍କୁ କ୍ଷମା ମାଗିବା ସହିତ ବର୍ତ୍ତମାନ ତାଙ୍କ ମାନସିକ ସ୍ଥିତି ଠିକ୍ ନଥିବା ଏଥିରେ ଉଲ୍ଲେଖ କରିଛନ୍ତି । ନିଜର ବର୍ତ୍ତମାନର ଠିକଣା ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ସେ ଏହି ଭିଡିଓ ଜାରି କରି ରେଭାନ୍ନା କହିଛନ୍ତି, ମୁଁ କେଉଁଠି ଅଛି ତାହା ସ୍ପଷ୍ଟ କରିବାକୁ ଏହି ଭିଡିଓ ଜାରି କରୁଛି ।' ସେ କହିଛନ୍ତି ଯେ, ଲୋକସଭା ନିର୍ବାଚନ ଶେଷ ହେବା ପରେ ବିଭିନ୍ନ କାରଣରୁ ମୋ ବିରୋଧରେ ମାମଲା ଦାୟର କରାଯାଇଥିଲା ଏବଂ ଏସଆଇଟି ଗଠନ କରାଯାଇଥିଲା। ମୋ ବିଦେଶଯାତ୍ରାର ଏହି ମାମଲାଗୁଡ଼ିକ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଏହା ମୋର ପୂର୍ବ ଯୋଜନା ମୁତାବକ ଯାତ୍ରା ଥିଲା। ତେବେ ଏସଆଇଟି ନୋଟିସ୍ ପାଇବା ପରେ ମୋ ଓକିଲଙ୍କ ଜରିଆରେ ମୁଁ ଜବାବ ରଖିଛି ବୋଲି ପ୍ରଜ୍ୱଳ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି, କଂଗ୍ରେସ ନେତାମାନେ ତାଙ୍କ ବିରୋଧରେ ଆକ୍ରମଣ ଆରମ୍ଭ କରିବା ପରେ ସେ ଡିପ୍ରେସନକୁ ଯାଇଥିଲେ। "ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାମାନେ ମୋ ବିରୋଧରେ ଗୁଜବ ପ୍ରଚାର କରିବା ପରେ ମୁଁ ଉଦାସୀନ ହୋଇ ଯାଇଥିଲି ଏବଂ ମୁଁ ନିଜକୁ ଅଲଗା କରିଥିଲି। ମୋର କ୍ୟାରିୟର ଶେଷ କରିବାକୁ ଏକ ରାଜନୈତିକ ଷଡଯନ୍ତ୍ର ଚାଲିଛି ଏବଂ ମୁଁ ଏହାର ସାମ୍ନା କରିବି ବୋଲି ସେ କହିଛନ୍ତି।

● **ରାଜକୋଟ ଅଗ୍ନିକାଣ୍ଡ ଘଟଣାରେ ହାଇକୋର୍ଟଙ୍କ ଭର୍ତ୍ସନା**

## ଗୁଜୁରାଟ ସରକାରଙ୍କ ଉପରେ ଆଉ ଭରସା ନାହିଁ

ଗାନ୍ଧୀନଗର, ୨୭।୫(ଏଜେନ୍ସି): ରାଜକୋଟର ଗେମିଙ୍ଗ ଜୋନ ଅଗ୍ନିକାଣ୍ଡ ଘଟଣାରେ ବର୍ତ୍ତମାନ ସୁଦ୍ଧା ୩୩ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ମୃତକଙ୍କ ମଧ୍ୟରେ ୧୨ଜଣ ଶିଶୁ ରହିଛନ୍ତି। ସ୍ଥିତି ଏତେ ଗମ୍ଭୀର ହୋଇଛି ଯେ, ମୃତକମାନଙ୍କୁ ଚିହ୍ନଟ କରିବା ମଧ୍ୟ ସମ୍ଭବ ହେଉନାହିଁ। ଯାହାକୁ ନେଇ ମୃତକଙ୍କ ପରିବାର ଲୋକଙ୍କ କ୍ରନ୍ଦନରେ ସ୍ଥାନୀୟ ଅଞ୍ଚଳରେ ହୃଦୟ ବିଦାରକ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଏକ ସ୍ୱର୍ଶକାତର ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା ବେଳେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି ।ଦୁଇବର୍ଷରୁ ଅଧିକ ସମୟ ଧରି ଏହି ଗେମିଙ୍ଗ ଜୋନଟି ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ କିଭଳି ପରିଚାଳିତ ହେଉଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିବା ସହିତ ସରକାର କ'ଣ ଅନ୍ଧ ହୋଇଯାଇଥିଲେ କି ବୋଲି କୋର୍ଟ କହିଛନ୍ତି। ସ୍ଥାନୀୟ ବ୍ୟବସ୍ଥାକୁ ନେଇ ବର୍ତ୍ତମାନ ସମୟରେ ରାଜ୍ୟ ସରକାରଙ୍କୁ ଭରସା କରିହେବ ନାହିଁ ବୋଲି ମଧ୍ୟ ହାଇକୋର୍ଟ କଡ଼ା ଟିପ୍ପଣୀ ରଖିଛନ୍ତି ।ଗେମିଙ୍ଗ ଜୋନର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବାରୁ କୋର୍ଟ ଭର୍ତ୍ସନା କରି କହିଛନ୍ତି, ରାଜକୋଟ ପୌରପାଳିକା ନିଜ ଫଟୋଗ୍ରାଫିରେ ଏହି ଗେମିଙ୍ଗ ଜୋନର ଫଟୋକୁ ରଖିଛି। ଏହି ଫଟୋରେ ପୌରପାଳିକାର ଜଣେ ଅଧିକାରୀଙ୍କୁ ମଧ୍ୟ ସ୍ଥାନିତ କରାଯାଇଛି । ତେବେ ଏହି ଅଧିକାରୀ ଜଣକ କିଏ ବୋଲି ହାଇକୋର୍ଟ ପଚାରିଛନ୍ତି । କୋର୍ଟ ଆହୁରି ମଧ୍ୟ କହିଛନ୍ତି ରାଜ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଆଖିଦୃଷିଆ ପଦକ୍ଷେପ ନିଆଯାଉ ନାହିଁ। ଗତ ୪ବର୍ଷ ମଧ୍ୟରେ ଏଭଳି ଛଅଟି ଘଟଣା ଘଟିସାରିଥିବା ହାଇକୋର୍ଟ ଦର୍ଶାଇ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି।

## ଜାମିନ ଅବଧି ୭ ଦିନ ବଢ଼ାଇବାକୁ ସୁପ୍ରିମକୋର୍ଟରେ କେଜ୍ରିୱାଲଙ୍କ ଆବେଦନ



ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ସମ୍ପ୍ରତି ଜୁନ୍ ୧ ଯାଏଁ ଅନ୍ତରୀଣ ଜାମିନରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପକ୍ଷରୁ ଆଜି ତାଙ୍କ ଜାମିନ ଅବଧିକୁ ୭ଦିନ ବଢ଼ାଯିବା ପ୍ରାର୍ଥନା ସମ୍ବଳିତ ଏକ ପିଟିସନ୍ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ସେଥିରେ କାରଣ ଦର୍ଶାଯାଇଛି ଯେ ତାଙ୍କ ପିଇଟି-ସିଟି ସ୍କାନ୍ ସାଙ୍ଗକୁ ଅନ୍ୟ କେତେକ ଡାକ୍ତରୀ ପରୀକ୍ଷା କରାଯିବା ଦରକାର ହେଉଛି । ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି, ଜେଲ ଯିବା ପରଠାରୁ କେଜ୍ରିୱାଲଙ୍କ ଓଜନ ୭ କିଲୋଗ୍ରାମ୍ କମିଛି । ତାଙ୍କ କିଟୋନ୍ ସ୍ତର ଅତ୍ୟୁଚ୍ଚ ରହିଥିବା ଡାକ୍ତରୀ ପରୀକ୍ଷଣରୁ ଜଣାପଡ଼ିବା ପରେ ଆଉ କେତେକ ଡାକ୍ତରୀ ପରୀକ୍ଷା କରାଇବା ପାଇଁ ଡାକ୍ତର ସୁପାରିସ କରିଛନ୍ତି। ତାଙ୍କ ଅନ୍ତରୀଣ ଜାମିନ ଅବଧିକୁ ୭ ଦିନ ବଢ଼ାଗଲେ ସେ ଏସବୁ ଜରୁରୀ ଡାକ୍ତରୀ ପରୀକ୍ଷା କରାଇ ନେବାକୁ ସମୟ ପାଆନ୍ତେ ଦର୍ଶାଇ ତାଙ୍କ ପ୍ରତି ସଦୟ ହେବାକୁ କେଜ୍ରିୱାଲ ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ କେଜ୍ରିୱାଲ ଗତ ମାର୍ଚ୍ଚ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ କିଛିଦିନ ରିମାଣ୍ଡରେ ରହିବା ପରେ ତିହାର ଜେଲ୍‌ରେ ଥିଲେ। ତାଙ୍କ ଜାମିନ ଆବେଦନକୁ ଟ୍ରାଏଲ୍ କୋର୍ଟ ଓ ହାଇକୋର୍ଟ ନାମଞ୍ଜୁର କରିବାରୁ ସେ ଜାମିନ ପାଇଁ ସୁପ୍ରିମ୍‌କୋର୍ଟ ଯାଇଥିଲେ। ନ୍ୟାୟମୂର୍ତ୍ତି ସଞ୍ଜୀବ ଖାନ୍ନା ଓ ନ୍ୟାୟମୂର୍ତ୍ତି ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ତାଙ୍କୁ ସର୍ତ୍ତଯୁକ୍ତ ଅନ୍ତରୀଣ ଜାମିନ ଦେଇଥିଲେ।

● **ଦୁଇଦିନ ପରେ କେରଳ ଛୁଇଁବ ମୌସୁମୀ**

## ଉତ୍ତର, ଉତ୍ତର-ପଶ୍ଚିମ ଭାରତକୁ ତାତିରୁ ମିଳିବ ତ୍ରାହି: ଆଇଏମଡି



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଦେଶର ଉତ୍ତର ଏବଂ ଉତ୍ତର-ପଶ୍ଚିମ ଭାଗରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସମେତ ରାଜସ୍ଥାନ, ମଧ୍ୟପ୍ରଦେଶ, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ହରିୟାଣା ଆଦି ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବା ସହିତ ରାଜସ୍ଥାନର ବିଭିନ୍ନ ଇଲାକାରେ ତାପମାତ୍ରା ୪୯ ଡିଗ୍ରୀ ଛୁଇଁବା ସ୍ଥିତିକୁ ଜଟିଳ କରିଦେଇଛି । ତେବେ ଆଗାମୀ ତିନି ଦିନ ମଧ୍ୟରେ ଏହି ସ୍ଥିତିରେ ପରିବର୍ତ୍ତନ ଘଟିବା ସହିତ ତାପମାତ୍ରା ସ୍ୱାଭାବିକ ସ୍ତରକୁ ଫେରି ଆସିବ ବୋଲି ସୋମବାର ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ କୁହାଯିବା ପରେ ଲୋକଙ୍କୁ ଆଶ୍ୱସ୍ତି ମିଳିଛି ।ଆଇଏମଡିର ପୂର୍ବ ଆକଳନ ଅନୁସାରେ ମୌସୁମୀ ଆଗାମୀ ଦୁଇ ଦିନ ମଧ୍ୟରେ କେରଳ ଉପକୂଳ ଛୁଇଁବାକୁ ଯାଉଥିବାରୁ ଉତ୍ତର ଏବଂ ଉତ୍ତର-ପଶ୍ଚିମ ଭାରତ ସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସ୍ୱାଭାବିକ ଭାବେ ପ୍ରତିବର୍ଷ ଜୁନ ପ୍ରଥମ ସପ୍ତାହରେ ମୌସୁମୀ କେରଳ ଉପକୂଳ ଛୁଇଁଥାଏ। କିନ୍ତୁ ଚଳିତବର୍ଷ ମୌସୁମୀ ଆଗୁଆ ଆସିବା ସହିତ ଦିନକ ପୂର୍ବରୁ ଅର୍ଥାତ୍ ମେ ' ୩୦ରେ କେରଳ ଉପକୂଳ ଛୁଇଁବ ବୋଲି ଆଇଏମଡି କିଛି ଦିନ ତଳେ ସୂଚନା ଦେଇଥିଲା। ବର୍ତ୍ତମାନ ମୌସୁମୀ ଗତି ସ୍ୱାଭାବିକ ରହିଥିବାରୁ ଏହି ଦିନ ହିଁ ମୌସୁମୀ କେରଳ ଛୁଇଁବ ବୋଲି ଆଇଏମଡି ପକ୍ଷରୁ କୁହାଯାଇଛି।

## ପୁନେ ପୋର୍ସ ଦୁର୍ଘଟଣା: ଆଉ ୩ ଗିରଫ

ପୁନେ, ୨୭।୫(ଏଜେନ୍ସି): ପୁନେ ପୋର୍ସ କାର୍ ଦୁର୍ଘଟଣା ମାମଲାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବା ସହିତ ଏହି ଘଟଣାରେ ଜଡ଼ିତ ଗିରଫ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଶନିବାର ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତ ନାବାଳକର ଜେଜେ ବାପାକୁ ପୁଲିସ ଗିରଫ କରିଥିବାବେଳେ ଗତକାଲି ଏହି ମାମଲାରେ ଦୁଇଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା। ଦୁଇ ଡାକ୍ତର ରକ୍ତ ନମୁନାରେ ହେରଫେର କରିଥିବା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ଏହାପରେ ସୋମବାର ମଧ୍ୟ ଆଉ ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ସମେତ ତାଙ୍କ ବାପା, ଜେଜେ ବାପା ଓ ଡ୍ରାଇଭରକୁ ମିଶାଇ ୭ ଜଣଙ୍କୁ ଗିରଫ କରାଯାଇଛି।

**'ରେମଲ' ପ୍ରଭାବରେ ପଶ୍ଚିମବଙ୍ଗ ଓ ବାଂଲାଦେଶରେ ବ୍ୟାପକ କ୍ଷତି**

# ପଶ୍ଚିମବଙ୍ଗରେ ୪ ମୃତ; ୧୫ ହଜାର ଘର ନଷ୍ଟ

କୋଲକାତା,୨୭।୫(ଏଜେନ୍ସି)



ସାମୁଦ୍ରିକ ଝଡ଼ ରେମଲ ଗତକାଲି ରାତିରେ ସ୍ଥଳ ଭାଗ ଛୁଇଁବା ପରେ ଏହା ପ୍ରଭାବରେ ପଶ୍ଚିମବଙ୍ଗ ଏବଂ ବାଂଲାଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଏବଂ ପଶ୍ଚିମବଙ୍ଗ ଉପକୂଳକୁ ଲାଗି ରହିଥିବା ସାଗର ଦ୍ୱୀପ ଓ ଖେପୁପରା ମଧ୍ୟରେ

- ୨ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର
- ହାଇଦରାବାଦରେ ପ୍ରବଳ ବର୍ଷା: ୧୩ ମୃତ

ବାତ୍ୟା ସ୍ଥଳଭାଗ ଅତିକ୍ରମ କରିଥିଲା ବେଳେ ଘଣ୍ଟା ପ୍ରତି ୧୨୦ କିମି ବେଗରେ ପବନ ବହିବା ସହିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟା ପ୍ରାୟ ୪ ଘଣ୍ଟା ଧରି ଜାରି ରହିବା ସହିତ ଏହାର ପ୍ରଭାବ ବାଂଲାଦେଶ ଉପକୂଳ ସମେତ ପଶ୍ଚିମବଙ୍ଗ ସଂଲଗ୍ନ ଅଞ୍ଚଳରେ ତାଣ୍ଡବ ରଚିଥିଲା। ଫଳରେ ପଶ୍ଚିମବଙ୍ଗ ଓ ବାଂଲାଦେଶରେ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ିବା ସହ ହଜାର ହଜାର ଘର ନଷ୍ଟ ହୋଇଯାଇଛି। ପଶ୍ଚିମବଙ୍ଗର ୨୪ ପ୍ରଗଣା ଏବଂ ପୂର୍ବ ବର୍ଦ୍ଧମାନ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଥିଲା ବେଳେ ଏହିସବୁ ଅଞ୍ଚଳରେ ପ୍ରାୟ ବ୍ୟାପକ କ୍ଷୟକ୍ଷତି ଘଟିଛି। କାନ୍ଥ ଏବଂ ଗଛ ପଡ଼ି ୪ ଜଣଙ୍କ ମୃତ୍ୟୁ ହେବା ସହିତ ୧୫ ହଜାରରୁ ଅଧିକ ଘର ଭାଙ୍ଗିଯାଇଛି। ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ୨ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୮୦ ହଜାର ଲୋକଙ୍କୁ ଅସ୍ଥାୟୀ ଶିବିରରେ ରଖାଯାଇଛି। ବର୍ତ୍ତମାନ ମଧ୍ୟ ବର୍ଷା ଜାରି ରହିଛି। ଯାହାକୁ ନେଇ କୋଲକାତା ସମେତ ଅନ୍ୟାନ୍ୟ ସ୍ଥାନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କୋଲକାତାରେ ମେଟ୍ରୋ ରେଳ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଏନଡିଆରଏଫ ଏବଂ ଏସଡିଆରଏଫର ବହୁ ଟିମ୍ ନିୟୋଜିତ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବା ସହିତ ସ୍ଥିତି ଉପରେ ନଜର ରଖାଯାଉଥିବା କୁହାଯାଇଛି।

ସମ୍ପ୍ରତି ହାଇଦରାବାଦରେ ବର୍ଷା ଲାଗି ରହିଥିବା ବେଳେ ହାଇଟେକ୍ ସହର ସ୍ଥିତି ଜଟିଳ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ହାଇଦରାବାଦ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ମାଓବାଦୀ ଭୟ; ପଦ୍ମଶ୍ରୀ ସମ୍ମାନ ଫେରାଇବେ ହେମଚାନ୍ଦ



ନୂଆଦିଲ୍ଲୀ, ୨୭।୫(ଏଜେନ୍ସି): ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଉପାନ୍ତ ଅଞ୍ଚଳରେ ପାରମ୍ପରିକ ରୀତିରେ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇ ବୈଦ୍ୟରାଜ ଭାବେ ପ୍ରତିଷ୍ଠାଲାଭ କରିଥିବା ହେମଚାନ୍ଦ ମାଝୀ ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ସମ୍ମାନ ପାଇବା ପରେ ସମାଜରେ ତାଙ୍କର ପ୍ରତିଷ୍ଠା ଦ୍ୱିଗୁଣିତ ହୋଇଥିଲା। ହେଲେ ଏବେ ସ୍ଥିତି ଏଭଳି ହୋଇଛି ଯେ, ହେମଚାନ୍ଦ ତାଙ୍କ ପଦ୍ମଶ୍ରୀ ସମ୍ମାନ ଫେରାଇବାକୁ ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ୭୨ ବର୍ଷିୟ ହେମଚାନ୍ଦ ପାରମ୍ପରିକ ଉପାୟରେ ଯେଉଁ ଚିକିତ୍ସା କରୁଛନ୍ତି ତା' ମଧ୍ୟ ଆଉ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି ।ମାଓବାଦୀଙ୍କ ଭୟରେ ହେମଚାନ୍ଦ ଗତକାଲି ଏହି ନିଷ୍ପତ୍ତି ନେଇଛନ୍ତି ।ମାଓବାଦୀମାନେ ଛୋଟେଡଙ୍ଗର ପୁଲିସ ଥାନା ଅଞ୍ଚଳର ଚାମେଲି ଓ ଗରୁଡାଣ୍ଡ ଗାଁରେ ନିର୍ମାଣ ହେଉଥିବା ଦୁଇଟି ମୋବାଇଲ ଟାୱାରକୁ ବୋମା ପକାଇ ଉଡାଇ ଦେବା ପରେ ହେମଚାନ୍ଦଙ୍କ ଉଦ୍ଦେଶ୍ୟରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଇଛନ୍ତି । ଏହି ପୋଷ୍ଟରରେ ହେମଚାନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ପାଉଥିବା ସମୟର ଫଟୋ ଅଛି ବୋଲି ପୁଲିସ ସୂଚନା ଦେଇଛି ।ହେମଚାନ୍ଦ ଛୋଟେଡଙ୍ଗର ଅଞ୍ଚଳର କିଛି ଲୁହା ଖଣିରୁ କମିଶନି ଅର୍ଥ ପାଉଥିଲେ ବୋଲି ମାଓବାଦୀମାନେ ଅଭିଯୋଗ ଆଣି ଏଭଳି ଧମକ ଦେଇଛନ୍ତି। କିନ୍ତୁ ଏହି ଅଭିଯୋଗକୁ ହେମଚାନ୍ଦ ଖଣ୍ଡନ କରବା ସହିତ ପଦ୍ମଶ୍ରୀ ସମ୍ମାନ ଫେରାଇ ଦେବାକୁ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ହେମଚାନ୍ଦଙ୍କ ପୁତୁରାକୁ ଗତବର୍ଷ ମାଓବାଦୀମାନେ ଏକ ମିଥ୍ୟା ଅଭିଯୋଗରେ ହତ୍ୟା କରିଥିଲେ। ତେବେ ତାଙ୍କ ପ୍ରତି ମାଓବାଦୀ ଦେଇଥିବା ଧମକକୁ ଦୃଷ୍ଟିରେ ରଖି ହେମଚାନ୍ଦ ସମ୍ମାନ ଫେରାଇ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

**ରାଫାରେ ବିସ୍ଥାପିତଙ୍କ ଶିବିର ଉପରେ ଇସ୍ରାଏଲର ଆକ୍ରମଣ**

# ୪୦ ପାଲେଷ୍ଟାନୀୟଙ୍କ ମୃତ୍ୟୁ

ରାଫା(ପାଲେଷ୍ଟାଇନ), ୨୭ ।୫(ଏଜେନ୍ସି)

ୱାଫା ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁଯାୟୀ ,ରାଫାର ତାଲ୍ ଅଲ୍-ସୁଲତାନ୍ ଅଞ୍ଚଳରେ



ଥିବା ବିସ୍ଥାପିତ ପାଲେଷ୍ଟନୀୟଙ୍କ ଶିବିର ଉପରେ ଗତକାଲି ଇସ୍ରାଏଲୀ ସେନା ଏକାଧିକ ବାର କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ସେଥିରେ ପ୍ରାୟ ୪୦ଜଣ ନିରସ୍ତ୍ର ପାଲେଷ୍ଟିନୀୟ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଲେ ମହିଳା ଓ ଶିଶୁ। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ୍ କମ୍ପାଉଣ୍ଡକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିଲା। ସେଥିରେ ହମାସ୍‌ର ୱେଷ୍ଟ ବ୍ୟାଙ୍କ କମାଣ୍ଡର୍ ଓ ଅନ୍ୟ ଜଣେ ବରିଷ୍ଠ ନେତା ନିହତ ହୋଇଛନ୍ତି ।ଇଣ୍ଟର୍‌ନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ ରାଫାରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ରଖିବାକୁ ଇସ୍ରାଏଲ ସେନାକୁ ଆଦେଶ ଦେବାର ଦିନକ ପରେ ଇସ୍ରାଏଲ ପକ୍ଷରୁ ରାଫା ବିସ୍ଥାପିତ ଶିବିର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି। ଗତକାଲି ଆତଙ୍କବାଦୀ ସଂଗଠନ ହମାସ୍‌ର ଅଲ୍-କାସିମ୍ ବ୍ରିଗେଡ୍ ଇସ୍ରାଏଲ ଉପରେ ରକେଟ୍ ଆକ୍ରମଣ କରିଥିଲା। ଇସ୍ରାଏଲକୁ ଟାର୍ଗେଟ୍ କରି ରାଫାରୁ ୮ଟି ରକେଟ୍ ପ୍ରକ୍ଷେପିତ ହୋଇଥିଲା। ଇସ୍ରାଏଲର ନରସଂହାର ଜବାବରେ ଏହି ରକେଟ୍ ଆକ୍ରମଣ କରାଯାଇଥିବା ହମାସ୍ ପକ୍ଷରୁ କୁହାଯାଇଥିଲା। ଏହି ରକେଟ୍ ଆକ୍ରମଣର ଜବାବ ଦିଆଯିବ ବୋଲି ଇସ୍ରାଏଲ କହିଥିଲା। ପୁଣି ଜଣେ ଇସ୍ରାଏଲୀ ସୈନ୍ୟଙ୍କୁ ବନ୍ଦୀ ରଖିଥିବା ନେଇ ହମାସ୍‌ର ଦାବିରେ ଇସ୍ରାଏଲ କ୍ରୋଧିତ ହୋଇଥିଲା।

**ଜାତିସଂଘକୁ ଅବଗତ କଲେ ପାପୁଆ ନିଉଗିନି ସରକାର**

# ଭୂସ୍ଖଳନରେ ୨୦୦୦ରୁ ଅଧିକ ଲୋକ ପାଇଛନ୍ତି ଜୀବନ୍ତ ସମାଧି

ନ୍ୟୁୟର୍କ, ୨୭ ।୫(ଏଜେନ୍ସି)

ପପୁଆ ନିଉ ଗିନି(ପିଏନ୍‌ଜି) ଗତ ୨୪ତାରିଖରେ ଘଟିଥିବା ବଡ଼ ଧରଣର ଭୂସ୍ଖଳନରେ ୨ହଜାରରୁ ଅଧିକ ଲୋକ ଜୀବନ୍ତ ପୋତି ହୋଇ ମୃତ୍ୟୁ ଲଭିଛନ୍ତି ବୋଲି ସେଠାକାର ସରକାର ଗତକାଲି ଜାତିସଂଘକୁ ଏକ ପତ୍ର ଲେଖି ଅବଗତ କରାଇଛନ୍ତି । ଆଜି ସେ ପତ୍ର ସାର୍ବଜନୀନ ହୋଇଛି। ଗତକାଲି ଜାତିସଂଘର ମାଇଗ୍ରେସନ୍ ଏଜେନ୍ସି ଇଣ୍ଟର୍‌ନ୍ୟାସ୍‌ନାଲ୍ ଅର୍ଗାନାଇଜେସନ୍ ଫର୍ ମାଇଗ୍ରେସନ୍ ପିଏନ୍‌ଜି ଭୂସ୍ଖଳନରେ ୬୭୦ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ କରିଥିଲା। ଜାତିସଂଘ ମାଇଗ୍ରେସନ୍ ଏଜେନ୍ସିର ଭୁଲ ପରିସଂଖ୍ୟାନକୁ ସୁଧାରିବା ନିମନ୍ତେ ପିଏନ୍‌ଜି ସରକାର ଜାତିସଂଘକୁ ଜଣାଇଛନ୍ତି ଯେ ଭୂସ୍ଖଳନ ପ୍ରକୃତରେ ୨ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଯାହା ଜାତିସଂଘ ଏଜେନ୍ସି ପ୍ରକାଶ କରିଥିବା



ସଂଖ୍ୟାର ତିନିଗୁଣ। ପିଏନ୍‌ଜି'ର ଏନଗା ପ୍ରଦେଶର ୟାମ୍ବାଲି ଗ୍ରାମ ଏହି ଭୂସ୍ଖଳନରେ ନିଶ୍ଚିହ୍ନ ହୋଇଯାଇଛି। ସେହି ଗ୍ରାମ ଓ ନିକଟବର୍ତ୍ତୀ ପ୍ରଭାବିତ ଅଞ୍ଚଳରୁ ୧୨୫୦ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇଛି। ୟାମ୍ବାଲି ଗ୍ରାମ ୮ ମିଟର ବା ୨୬.୩ ଫୁଟ ଉଚ୍ଚତାର ପଥର, ମାଟି, କାଦୁଅ ଆଦିରେ ପୋତି ହୋଇଯାଇଛି। ପ୍ରଭାବିତ ଅଞ୍ଚଳଟି ଅସ୍ଥିର ରହି ଏବେ ଧୀରେଧୀରେ ଗଡ଼ାଣି ପଟକୁ ଖସିବାରେ ଲାଗିଛି। ଫଳରେ ଉଦ୍ଧାରକାରୀ ଦଳ ଓ ବର୍ତ୍ତି ଯାଇଥିବା ଲୋକଙ୍କ ପ୍ରତି ନୂଆ ବିପଦ ଦେଖାଦେଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଏକଦା ପ୍ରାୟ ୪ହଜାର ଲୋକ ବସବାସ କରୁଥିବା ତଥ୍ୟ ଦେଇଛନ୍ତି କେୟାର୍ ଇଣ୍ଟର୍‌ନ୍ୟାସ୍‌ନାଲ୍'ର ପିଏନ୍‌ଜି କଣ୍ଟ୍ରି ଡାଇରେକ୍ଟର୍ ଜଷ୍ଟିନ୍ ମ୍ୟାକ୍‌ମାହୋନ୍। ୧୨୫୦ ଜଣଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଥିବା ଓ ଉଦ୍ଧାର କରାଯାଇଥିବା ଅନ୍ୟ କେତେ ଶହଙ୍କୁ ଚିକିତ୍ସା ଶିବିରକୁ ପଠଯାଇଥିବା ସୂଚନା ଦେଇ ମ୍ୟାକ୍‌ମାହୋନ୍ କହିଛନ୍ତି ଯେ ବାକି ସମସ୍ତେ ୮ ମିଟର ଗଭୀରତାରେ ଜୀବନ୍ତ ସମାଧି ନେଇଛନ୍ତି । ପୁଣି ସେହି ଅଞ୍ଚଳରେ ହିଂସାମୁଖୀ ଦୁଇ ଆଦିବାସୀ ଗୋଷ୍ଠୀ ପରସ୍ପରକୁ ନିପାତ କରିବାକୁ ଉଦ୍ୟତ ହୋଇ ସଶସ୍ତ୍ର ସଂଘର୍ଷରେ ଲିପ୍ତ ଥିବାରୁ ଉଦ୍ଧାରକାରୀ ଦଳକୁ ସେନା ସୁରକ୍ଷାରେ କାର୍ଯ୍ୟ କରିବାକୁ ପଡୁଛି।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-331 ♦BHUBANESWAR ♦TUESDAY ♦28 MAY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୩୩୧ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୮ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ଆଜିଠୁ ବଢ଼ିବ ତାତି

■ ଭୁବନେଶ୍ୱର, ୨୭ ।୫ (ସମିସ): ଆସନ୍ତାକାଲି (ମଙ୍ଗଳବାର) ଠାରୁ ରାଜ୍ୟରେ ତାତି ବଢ଼ିବ । ଆସନ୍ତା ୩-୪ଦିନ ମଧ୍ୟରେ ତାପାତ୍ରା ୫ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବାତ୍ୟା ରେମଲ୍ ପ୍ରଭାବରେ ଗତ ୨-୩ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସାଙ୍ଗକୁ ମେଘୁଆ ପାଗ ଲାଗି ରହିଥିଲା । ଏବେ ବାତ୍ୟାର ପ୍ରଭାବ ହ୍ରାସ ହେବା ଯୋଗୁଁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି । ଆଜି ରାଜ୍ୟର ୮ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି । ବର୍ତ୍ତମାନ ଉପକୂଳବର୍ତ୍ତୀ ଅଧିକାଂଶ ସ୍ଥାନରେ ତାପମାତ୍ରା ବିଶେଷ ରହୁ ନଥିଲେ ମଧ୍ୟ ଆର୍ଦ୍ରତା ଅଧିକ ରହୁଥିବା ହେତୁ ଅଧିକ ଗୁଳୁଗୁଳି ହେଉଛି । ବାତ୍ୟା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୫୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦ୍ୱୀପରେ ୫୦ ମିମି, ଜଗତସିଂହପୁରରେ ୩୦ମିମି, କେନ୍ଦ୍ରାପଡ଼ାରେ ୨୮ ମିମି, ଭଦ୍ରକରେ ୩୧ମିମି, ବାଲେଶ୍ୱରରେ ୨୫ମିମି ଓ ପୁରୀରେ ୨୩ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ମଙ୍ଗଳବାର ଝାରସୁଗୁଡ଼ା, ନୂଆପଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼ ଆଦିରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର କହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

### କେନ୍ଦ୍ରାପଡ଼ା, ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଧୂଆଁଧାର୍ ପ୍ରଚାର

# ବିଶ୍ୱାସଘାତକଙ୍କୁ ଚିହ୍ନି ରଖନ୍ତୁ

- ନାମ ଉଲ୍ଲେଖ ନ କରି ବୈଜୟନ୍ତ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶାଣିତ କଟାକ୍ଷ
- ପୂର୍ବତନ ସାଂସଦ ସାଧାରଣ ଲୋକଙ୍କ ପାଇଁ ନୁହେଁ; ନିଜ ହିତରେ ରହିଲେ
- କେନ୍ଦ୍ରାପଡ଼ାବାସୀ ଓ ମୋ ସହ ବିଶ୍ୱାସଘାତକତା କରିଛନ୍ତି ପୂର୍ବତନ ସାଂସଦ
- ମିଛ କହୁଥିବା ଓ କୁମ୍ଭୀରକାନ୍ଦଣା କାନ୍ଦୁଥିବା ଲୋକଙ୍କୁ ବିଶ୍ୱାସ କରନ୍ତୁ ନାହିଁ
- ଜୁଲାଇ ମାସରୁ ରାଜ୍ୟର ୯୦% ପରିବାରକୁ ସମ୍ପୂର୍ଣ୍ଣ ରୂପେ ବିଜୁଳି ମାଗଣା



■ କେନ୍ଦ୍ରାପଡ଼ା/ଜଗତସିଂହପୁର, ୨୭।୫(ସମିସ): କେନ୍ଦ୍ରାପଡ଼ା ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ଧୂଆଁଧାର ପ୍ରଚାର କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ରାପଡ଼ାରେ ପ୍ରଚାର କାଳରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନାମ ଉଲ୍ଲେଖ ନ କରି ବିଶ୍ୱାସଘାତକଙ୍କୁ ଚିହ୍ନି ରଖିବାକୁ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବରେ ଜଗତସିଂହପୁରରେ ପ୍ରଚାର କାଳରେ ସେ ମିଛ କହୁଥିବା ଓ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବିରୋଧୀଙ୍କ ଛଳନା ପ୍ରତି ସାବଧାନ ରହିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ବିଜୁ ଜନତା ଦଳ ରାଜ୍ୟର ଲୋକଙ୍କ ସହ ଥିଲା, ରହିଛି ଓ ଭବିଷ୍ୟତରେ ରହିଥିବ ବୋଲି ଉଲ୍ଲେଖ କରି ଦଳୀୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଇଙ୍ଗିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ତାଙ୍କୁ ସଂସଦ କରି ସଂସଦକୁ ପଠାଇଲି। ମାତ୍ର ସେ କେନ୍ଦ୍ରାପଡ଼ାବାସୀ ଓ ମୋ ସହିତ ବିଶ୍ୱାସଘାତକତା କରିଛନ୍ତି। ୧୦ ବର୍ଷ ଧରି ସେ ସାଂସଦ ରହିଥିଲେ, ମାତ୍ର ଏହି ସମୟ ମଧ୍ୟରେ ସେ କେନ୍ଦ୍ରାପଡ଼ାର ଲୋକଙ୍କ ପାଇଁ କିଛି କରିବା ବଦଳରେ ନିଜ ପାଇଁ ଓ ନିଜ କମ୍ପାନୀର ଲାଭ ପାଇଁ କାମ କଲେ। ଏହା ହେଉଛି ବିଜେପି ନେତାଙ୍କ ସ୍ୱରୂପ, ତେଣୁ ଏପରି ଲୋକଙ୍କୁ ଚିହ୍ନି ରଖନ୍ତୁ ବୋଲି କହିଛନ୍ତି ନବୀନ ପଟ୍ଟନାୟକ। ସେହିପରି ଜଗତସିଂହପୁରରେ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିବା ସହ ବିରୋଧୀଙ୍କ ମିଛ ଓ କୁମ୍ଭୀରକାନ୍ଦଣା ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କ ସହ ଭାବବିନିମୟ କରିଛନ୍ତି। ବିଏସ୍‌କେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, କାଳିଆ, ମଧୁବାବୁ ▶ପୃଷ୍ଠା-୯

### ବୈଜୟନ୍ତଙ୍କ ମୁଖା ଖୋଲିଲେ ପାଣ୍ଡିଆନ

# ସ୍ୱାର୍ଥ ହାନି ହେବାରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର

■ କେନ୍ଦ୍ରାପଡ଼ା/ଜଗତସିଂହପୁର ୨୭।୫(ସମିସ): କେନ୍ଦ୍ରାପଡ଼ା ମାଟିରେ ପୂର୍ବତନ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ମୁଖା ତଳର କୁତ୍ସିତ ଚେହେରାକୁ ଖୋଲି ଦେଇଛନ୍ତି ବିଜେଡି ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ବୈଜୟନ୍ତଙ୍କ ନାମ ଉଲ୍ଲେଖ କରି ନ ଥିଲେ ମଧ୍ୟ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ସ୍ୱାର୍ଥର ଗୋଟିଗୋଟି କଥାକୁ ଲୋକଙ୍କ ସାମ୍ନାରେ ରଖିଛନ୍ତି। ନିଜ ସ୍ୱାର୍ଥ ପୂରଣ ନ ହେବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଅପପ୍ରଚାର କରିଥିଲେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ତେଣୁ ବାହାରୁ ଯେତେ ବଡ଼ବଡ଼ ନେତାଙ୍କୁ କେନ୍ଦ୍ରାପଡ଼ାରେ ଆଣି ନିଜ ସପକ୍ଷରେ ପ୍ରଚାର ଓ ରାଜ୍ୟ ସରକାରଙ୍କ ବିରୋଧରେ ଅପପ୍ରଚାର କଲେ ବି କିଛି ଫରକ ପଡ଼ିବ ନାହିଁ; ସେମାନେ ଜିତିବେ ନାହିଁ। ନବୀନ ପଟ୍ଟନାୟକ ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ରହିଛନ୍ତି ଓ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ କେନ୍ଦ୍ରାପଡ଼ାର ବିଜେପି ସାଂସଦ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଦୁଇଥର ଲୋକସଭା ଓ ଥରେ ରାଜ୍ୟସଭାକୁ ପଠାଇଥିଲେ। ମାତ୍ର ସାଂସଦ ହେବା ପରେ ସେ ନିଜ ପାଇଁ ଓ ନିଜ କମ୍ପାନୀର ଲାଭ ପାଇଁ ଲାଗିଲେ। କମ୍ପାନୀ ପାଇଁ ରେଲୱେ ସାଇଡ଼ିଂ ଆଣିଲେ; କିନ୍ତୁ କେନ୍ଦ୍ରାପଡ଼ାକୁ ରେଲୱେ ଲାଇନ୍ ଆଣିବାକୁ ଭୁଲିଗଲେ। ଫାଇନାନ୍ସ କମିଟିର ସଦସ୍ୟ ଭାବେ ନିଜ କମ୍ପାନୀର ଲୋନ ଛାଡ଼ କଲେ। ସାଂସଦ ହେବା ଆଗରୁ ତାଙ୍କର ପାରିବାରିକ କମ୍ପାନୀର ସ୍ଥିତି କଣ ଥିଲା ? ସାଂସଦ ହେବା ପରେ ତାଙ୍କ କମ୍ପାନୀର କେଉଁପରି ସ୍ଥିତିରେ ଅଛି ତାହା ଆପଣମାନେ ଜାଣନ୍ତି। ସେ ଫାଇନାନ୍ସ କମିଟିର ଅଧ୍ୟକ୍ଷ ହେବାପାଇଁ ଚାହୁଁଥିଲେ; କିନ୍ତୁ ଏହା ପଛରେ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଓ ଲାଭ ନିହିତ ଥିବା ଅନୁଭବ କରିବା ପରେ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ। ସେବେଠାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଉପରେ କ୍ରୋଧାନ୍ୱିତ ହୋଇ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ସୃଷ୍ଟି କଲେ। ଏପରିକି ଅନେକ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ତାଙ୍କ ଦେହ ଖରାପ ବିଷୟରେ ପଚାରିଲେ ଏବଂ ତତ୍କାଳୀନ କେନ୍ଦ୍ରାପଡ଼ା ସାଂସଦ ଏହି ସୂଚନା ସେମାନଙ୍କୁ ଦେଇଥିବା କହିଲେ। ଏପରିକି ନିଜ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁଜବ ପ୍ରସାରଣ କଲେ। ମୁଖ୍ୟମନ୍ତ୍ରୀ ପଦ ଉପରେ ତାଙ୍କର ଲୋଭ ଥିଲା। ମୁଖ୍ୟମନ୍ତ୍ରୀଙ୍କ ▶ପୃଷ୍ଠା-୯



- ମୁଖ୍ୟମନ୍ତ୍ରୀ ପଦ ଲାଳସା ଯୋଗୁଁ କରିଥିଲେ ମୁଖ୍ୟମନ୍ତ୍ରୀଙ୍କ ଅସୁସ୍ଥତାର ଅପପ୍ରଚାର
- ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାମ କରିବାରୁ ଦଳରୁ ବିଦା କରିଥିଲେ ମୁଖ୍ୟମନ୍ତ୍ରୀ
- ସାଂସଦ ହେବା ପୂର୍ବରୁ ତାଙ୍କର ସ୍ଥିତି ଓ ପରବର୍ତ୍ତୀ ସମୟର ସ୍ଥିତିକୁ ଦେଖନ୍ତୁ
- ଦେଶରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ନବୀନ ଯଥେଷ୍ଟ
- ଏକ ଲକ୍ଷ କୋଟି ଟଙ୍କାରେ କେନ୍ଦ୍ରାପଡ଼ାରେ ବସିବ ବୃହତ୍ ଇସ୍ପାତ କାରଖାନା

## ଲୋକକଥା



ଛାତ୍ରଛାତ୍ରୀଙ୍କର ଫଳ ବାହାରିଲା
ବାକି ନେତାଙ୍କର ଫଳ,
ଚାରି ତାରିଖରେ ପ୍ରକାଶ ପାଇବ
ସରିନି ଭୋଟ ଅମଳ ।
କେତେକଙ୍କ ସ୍ଥିତି ବିକଳ,
ଦିନରେ ତ କେତେ ସପନ ଦେଖନ୍ତି
ପୂରିବ ଆପଣା ଥାଳ !!

### ଲାଲ୍‌ବାହିନୀର ଜଘନ୍ୟ କାଣ୍ଡ

# ପୁଲିସ୍ ଇନ୍‌ଫର୍ମର୍ ସନ୍ଦେହରେ ଯୁବକଙ୍କୁ ହତ୍ୟା

■ ଫୁଲବାଣୀ, ୨୭।୫(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ଅଞ୍ଚଳରେ ଲାଲବାହିନୀ ଏକ ଜଘନ୍ୟ କାଣ୍ଡ ଘଟାଇଛନ୍ତି। କୋଟଗଡ଼ ଥାନା ଅନ୍ତର୍ଗତ ବାରିପଙ୍ଗା ଗ୍ରାମର ମେଟାଲା ରୋହିତ ନାମକ ଜଣେ ଯୁବକଙ୍କୁ ଘରୁ ଉଠାଇ ନେଇ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ହତ୍ୟା ପରେ ଶବକୁ ଏକ ପଲିଥିନ୍‌ରେ ଗୁଡ଼ାଇ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଫୋପାଡ଼ି ଦେଇଛନ୍ତି। ସୋମବାର ସକାଳୁ ଗ୍ରାମବାସୀ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ସୂଚନା ମୁତାବକ, ମେଟାଲା ଗ୍ରାମସାଥୀ ଥିଲେ। ନିଜ ଗ୍ରାମରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ▶ପୃଷ୍ଠା-୯



ଅଙ୍ଗନବାଡ଼ି କେନ୍ଦ୍ର ନିକଟରୁ ଉଦ୍ଧାର ହେଲା ପଲିଥିନ୍‌ଗୁଡ଼ା ଶବ

- ଉନ୍ନୟନମୂଳକ କାର୍ଯ୍ୟ ବ୍ୟାହତ ଓ ଲୋକଙ୍କୁ ଭୟଭୀତ କରିବା ପାଇଁ ହୀନ ଚକ୍ରାନ୍ତ: ଏସ୍‌ପି



# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଆ ଅସ୍ମିତା ସୁଦୃଢ଼ ହୋଇଛି: ବିଜେଡି

**ଭୁବନେଶ୍ୱର, ୨୭ ।୫(ସମିସ):** ଗତ କିଛି ଦିନ ହେଲା ବିରୋଧୀ ଓଡ଼ିଆ ଅସ୍ମିତା କଥା କହି ଚାଲିଛନ୍ତି, ହେଲେ ସେମାନେ ଅସ୍ମିତାର ମାନେ ଠିକ ଭାବେ ବୁଝି ନାହାନ୍ତି। ଗତ ୨୪ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଦେଶ ବିଦେଶରେ ଓଡ଼ିଶାର ନାଁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାଳରେ ଓଡ଼ିଆ ଅସ୍ମିତା ସୁଦୃଢ଼ ହୋଇପାରିଛି। ବିପର୍ଯ୍ୟୟ ମୁକାବିଲାଠାରୁ ଆର୍ଥିକ ପରିଚାଳନା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ବୋଲି ବିଜେଡି ଜାତୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର କହିଛନ୍ତି। ଆଜି ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମିଶ୍ର ବିରୋଧୀ ଦଳମାନଙ୍କ ଦ୍ୱାରା ଠାଯାଉଥିବା ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ନେଇ କଡ଼ା ଜବାବ୍ ରଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ଡ଼ଃ ମିଶ୍ର କହିଥିଲେ ଯେ ଗତ ୨୪ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଦେଶ ବିଦେଶରେ ଓଡ଼ିଶାର ନାଁ ଆସିଛି। ମୁଖ୍ୟମନ୍ତ୍ରୀ ରାଜ୍ୟର ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଓଡ଼ିଶାକୁ ନେଇ ଅନେକ ଅପଯଶ ରହିଥିଲା। ଓଡ଼ିଶାକୁ ଏକ ବିମାରୁ ରାଜ୍ୟ ବା ରୋଗିଣା ରାଜ୍ୟ ଭାବେ ଚିତ୍ରିତ କରାଯାଉଥିଲା। ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ସଙ୍କଟଜନକ ସ୍ଥିତିରେ ଥିଲା। ବିପର୍ଯ୍ୟୟ ବା ଦୁର୍ବିପାକ ଓଡ଼ିଶାର ସ୍ଥିତିକୁ ଦୋହଲାଇ ଦେଉଥିଲା ଓ ଏହାକୁ ମୁକାବିଲା କରିବା ପାଇଁ ଓଡ଼ିଶାର ସାମର୍ଥ୍ୟ ନଥିଲା। ତାଛଡ଼ା ଓଡ଼ିଶା ଏକ ଖାଦ୍ୟ ଅଭାବୀ ରାଜ୍ୟ ଭାବେ ପରିଗଣିତ ହେଉଥିଲା ବେଳେ ସମସ୍ତ ସୂଚକାଙ୍କ ଭିତରେ ରାଜ୍ୟର ସ୍ଥିତି ସବୁଠାରୁ ନିମ୍ନରେ ଥିଲା। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ, ବର୍ତ୍ତମାନ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ହୋଇଛି। ଓଡ଼ିଶା ଏବେ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଏବେ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହେବା ସଙ୍ଗେ ଆମେ ଦ୍ୱିତୀୟ ଶକ୍ତି ବଳକା ରାଜ୍ୟ ହୋଇପାରିଛୁ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ପାଇଛି ଓ ରାଜ୍ୟରେ ଦୁଇ ଦୁଇ ଥର ବିଶ୍ୱକପ ହକି ହୋଇଛି। ବିଶ୍ୱ ସ୍ତରୀୟ ସ୍ପୋର୍ଟ୍ସ ସେଣ୍ଟର ସମେତ ଅନେକ ବିଶ୍ୱ ସ୍ତରୀୟ କ୍ରୀଡା ଭିତ୍ତିଭୂମି ତିଆରି ହୋଇଛି। ଭୁବନେଶ୍ୱର ପୂର୍ବ ଭାରତର ଆଇଟି କ୍ୟାପିଟାଲ ଭାବେ ପରିଚୟ ସୃଷ୍ଟି କରିଛି। କୋଭିଡ ସମୟରେ ୧୭ଟି ରାଜ୍ୟକୁ ମାଗଣା ଅକ୍ସିଜେନ ପଠାଇ ମାନବିକତାର ଉଦାହରଣ ସୃଷ୍ଟି କରିଛି। ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା ଯଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଡ୍ରିଙ୍କ ଫ୍ରମ ଟ୍ୟାପ, ଜାଗା ମିଶନ, ୫-ଟି ରୂପାନ୍ତର ସ୍କୁଲ, ଦକ୍ଷତା ବିକାଶ, ଆଦିବାସୀ ସଂସ୍କୃତିର ସଂରକ୍ଷଣ, ମିଶନ ଶକ୍ତିରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଇତ୍ୟାଦି ଓଡ଼ିଶାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି।

ବିଶ୍ୱ ଓଡ଼ିଆ ସମ୍ମିଳନୀ ଆୟୋଜଜ ସହ ଐତିହ୍ୟ ସଂରକ୍ଷଣରେ ଧାର୍ମିକ ସ୍ଥଳର ବିକାଶ ହୋଇପାରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିଲା ବେଳେ ଓଡ଼ିଶାର ଅଭିବୃଦ୍ଧି ୧୧.୫ ପ୍ରତିଶତ ଥିଲା ତାହା ଏବେ ଏବେ ୧୨ ପ୍ରତିଶତରେ ପହଞ୍ଚିଛି। ମୁଣ୍ଡପିଛା ଋଣ କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବନିମ୍ନ ରହିଛି। ମହାରାଷ୍ଟ୍ର ପରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶାର ଦ୍ୱିତୀୟ ସ୍ଥାନରେ ରହିଛି। ବିରୋଧୀ ନିର୍ବାଚନ ପାଇଁ ପ୍ରସଙ୍ଗ ବିହୀନ ହୋଇ ପଡ଼ିଛନ୍ତି ଓ ଇଆଡୁ ସିଆଡୁ ଅନେକ କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଶଂସନୀୟ କାମ କରୁଛନ୍ତି, ଓଡ଼ିଶା ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଓ ଓଡ଼ିଆ ଅସ୍ମିତା ସୁଦୃଢ ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

- ରାଜ୍ୟର ଆର୍ଥିକ ସଙ୍କଟ ଓ କ୍ଷୁଧା ମୃତ୍ୟୁ ଇତିହାସ ପାଲଟିଛି
- ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ସାରା ବିଶ୍ୱରେ ରୋଲ ମଡେଲ
- ମୁଣ୍ଡ ପିଛା ଋଣ ଭାର କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବନିମ୍ନ
- ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଭାରତର ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ




## ଗଢ଼ାଚାଲିଛି ତିନିରଥ...

# ଗୁଜରେ ନୃସିଂହ ରୂପ ଖୋଦେଇ ଜାରି



**ପୁରୀ, ୨୭।୫ (ସମିସ):** ବୁଧବାର ଭଉଁରୀ। ପରମ୍ପରା ଅନୁଯାୟୀ, ଭଉଁରୀ ତିଥିରେ ତିନିରଥର ଚକଡେରା କାର୍ଯ୍ୟ ସମ୍ପନ୍ନ ହେବ। ଏହାକୁ ନଜରରେ ରଖି ମହାରଣା ସେବକମାନେ ପ୍ରସ୍ତୁତ ହୋଇଯାଇଛନ୍ତି। ସୋମବାର ସୁଦ୍ଧା ତିନିରଥର ୧୪ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିମଧ୍ୟରେ ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥର ୫ଟି ଲେଖାଏଁ ଚକ ସରିଥିବା ବେଳେ ଦେବଦଳନ ରଥର ୪ଟି ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟ ଚକଗୁଡ଼ିକରେ ପହି ପିନ୍ଧା କାର୍ଯ୍ୟ ଜାରି ରହିଛି। ସେହିପରି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ନାହାକା ଅଖ ନିର୍ମାଣ ମଧ୍ୟ ସରିଛି। ଭଉଁରୀରେ ଏହି ନାହାକା ଅଖରେ ଚକଡେରା ଯିବ। ଆଉ ୫ଟି ତୁମ୍ବରେ ଅର ବାଡିଆ ଯାଇଛି। ସୋମବାର କଟକ କରତକଳରୁ ଗୋଟିଏ ଟ୍ରିପ୍ ପହି ଆସି ପହଞ୍ଚିଛି। ସେହିପରି ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥରେ ଦୁଇଟି ଲେଖାଏ ୨୦ ଫୁଟିଆ ଓରା କାଠର ଚଉପଟ କରାଯାଉଛି। ତିନିରଥର ସାଲଗୁଜ, ଜଳ ଯନ୍ତ୍ର, ତିଖ ଗୁଜ କାମ ଚାଲିଛି। ସେହିପରି ରଥଖଳାରେ ରୂପକାର ସେବକମାନେ ସାଲଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ତିନିରଥର ୫ଟି ଲେଖାଏଁ ମୋଟ ୧୫ଟି ଗୁଜରେ ରୂପ ଖୋଦେଇ କରାଯାଉଛି। ଦୋଳବେଦୀ କୋଣ କମାରଶାଳରେ କମାର ସେବକମାନେ ଅରକଣ୍ଟା ଏବଂ ତୁମ୍ବ ବଳା ନିର୍ମାଣ କରୁଛନ୍ତି। ଅପରପକ୍ଷେ, ରଥଖଳାରେ ଏ ପର୍ଯ୍ୟନ୍ତ ଆବଶ୍ୟକ ୧୨ଫୁଟିଆ ଧଉରା କାଠ ଏବଂ ୪୦ଫୁଟିଆ ଅଖ କାଠ ପହଞ୍ଚି ପାରିନାହିଁ। ଫଳରେ ନିର୍ମାଣ କାମରେ ସମସ୍ୟା ହେଉଛି। ଏହି କାଠ ଅକ୍ଷୟ ତୃତୀୟା ଦିନ ପହଞ୍ଚିବା କଥା। ମାତ୍ର ଏବର୍ଷ ଏହି କାଠ ଆସିବାରେ ଅହେତୁକ ବିଳମ୍ବ ହେଲାଣି ବୋଲି ରଥ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ବିଜେପି ସୁରକ୍ଷା ଦେବା ଲଜ୍ଜାଜନକ: ବିଜେଡି

**ଭୁବନେଶ୍ୱର,୨୭ ।୫(ସମିସ):** ପ୍ରଶାନ୍ତ ଜଗଦେବଙ୍କ ଭଳି ଅପରାଧୀ ଓ ଗୁଣ୍ଡାଙ୍କୁ ସୁରକ୍ଷା କରିବା ପାଇଁ ଓଡ଼ିଶା ବିଜେପି ଗଣମାଧ୍ୟମ ସାମ୍ନାକୁ ଆସି ନିର୍ଲଜ ଯୁକ୍ତି କରୁଛି। ବିଡ଼ମ୍ବନା ହେଉଛି ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଭଳି ବରିଷ୍ଠ ନେତା ଶ୍ରୀ ଜଗଦେବଙ୍କୁ ରକ୍ଷା ଲାଗି ଆଗେଇ ଆସିବା ଆହୁରି ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି ବିଜେଡ଼ି ମୁଖପାତ୍ର ଇପ୍‌ସିତା ସାହୁ।



ଶ୍ରୀମତୀ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ପ୍ରଶାନ୍ତ ଜଗଦେବ ମଦ୍ୟପାନ କରି ନିଜ କାର୍‌ରେ ବିଜେପି କର୍ମୀ ଓ ସମର୍ଥକଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ଗିରଫ ହୋଇ ଜେଲ୍‌ରେ ରହିଥିଲେ। ସେହି ବ୍ୟକ୍ତିଙ୍କୁ ବିଜେପି ଆଦରରେ ଦଳୀୟ ଟିକଟ ଦେଇଛି ଆଉ ଏବେ ତାଙ୍କ ଗୁଣ୍ଡାଗିରି ଉପରେ ପରଦା ଢ଼ାଙ୍କିବାକୁ ସମୀର ମହାନ୍ତି ଗଣମାଧ୍ୟମ ସମ୍ମୁଖରେ ଯୁକ୍ତି ବାଢୁଛନ୍ତି। ଏହାଠାରୁ ଆଉ ଲଜ୍ଜାଜନକ ବିଷୟ କିଛି ନାହିଁ ବୋଲି ଇପ୍‌ସିତା କହିଛନ୍ତି।

ଏହା ପୂର୍ବରୁ ଶ୍ରୀ ଜଗଦେବ ଖୋର୍ଦ୍ଧାର ଜଣେ ବିଜେପି ନଗର ସଭାପତିଙ୍କୁ ମାଡ଼ ମାରିଥିଲେ। ଏବେ ଶ୍ରୀ ଜଗଦେବ ଓ ତାଙ୍କ ସହ ଥିବା କିଛି ଅସାମାଜିକ ବ୍ୟକ୍ତି ଇଭିଏମ୍ ଭାଙ୍ଗି ଗିରଫ ହୋଇଛନ୍ତି। କେବଳ ଇଭିଏମ୍ ଭଙ୍ଗା ନୁହେଁ ବରଂ ଦୁଇ ଦିନ ତଳେ ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ରେ ଥିବା ପୋଲିଂ ବୁଥରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ସେ ଆକ୍ରମଣ କରିଥିଲେ। ତାଙ୍କ ସହ ଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାରରେ ସେ ସେଠାରୁ ଫେରାର୍ ହେଉଥିଲେ। ତେଣୁ ବିଜେଡି ଆଶା କରୁଛି ଯେ ଓଡ଼ିଶା ବିଜେପିର କିଛି ଲଜ୍ଜା ରହିବ ଏବଂ ଶ୍ରୀ ଜଗଦେବଙ୍କ ଭଳି ଜଣେ ଅଭ୍ୟାସଗତ ଅପରାଧୀ, ଠକ ଓ ଗୁଣ୍ଡାଙ୍କୁ ରକ୍ଷା କରିବାକୁ ଆସିବ ନାହିଁ। ବିଜେପି ପାଇଁ ପ୍ରଚାର କରିବାକୁ ଓଡ଼ିଶା ଆସୁଥିବା ନିର୍ବାଚନ ପର୍ଯ୍ୟଟକମାନେ ପ୍ରଥମେ ବିଜେପିରେ ଗୁଣ୍ଡା, ଠକ ଓ ଜମି ଜବରଦଖଲକାରୀଙ୍କ କଥା କହିବା ଉଚିତ। ଓଡ଼ିଶା ବିଜେପିର ଏଭଳି ନିମ୍ନସ୍ତରୀୟ ରାଜନୀତି ଯୋଗୁଁ ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

- ପୂର୍ବତନ ବିଜେପି ସଭାପତି ବି ଗୁଣ୍ଡାଙ୍କୁ ସୁରକ୍ଷା ଦେବା ଆଶ୍ଚର୍ଯ୍ୟଜନକ
- ବିଜେପି କର୍ମୀଙ୍କୁ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିଥିଲେ ଜଗଦେବ
- ଇଭିଏମ୍ ଭାଙ୍ଗି ସାଂସଦଙ୍କ ସହ ଫେରାର ବେଳେ ଜଗଦେବଙ୍କୁ ଧରିଛି ପୁଲିସ୍
- ଏଭଳି ଆଚରଣ ପାଇଁ ବିଜେପିକୁ ବାରମ୍ବାର ପ୍ରତ୍ୟାଖାନ କରୁଛନ୍ତି ଓଡ଼ିଶାବାସୀ

# ନିର୍ବାଚନ ଖୋଲିଲା ଇଣ୍ଟରନେଟ୍ ଅବ୍ୟବସ୍ଥାର ମୁଖା

**ଭୁବନେଶ୍ୱର,୨୭ ।୫ (ସମିସ):** ରାଜ୍ୟରେ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଟ୍ ଅବ୍ୟବସ୍ଥାର ମୁଖା ଖୋଲି ଦେଇଛି ସାଧାରଣ ନିର୍ବାଚନ। ରାଜ୍ୟରେ ଆଜି ବି ଏମିତି ବହୁ ଅଞ୍ଚଳ ଅଛି, ଯେଉଁଠି ନେଟୱର୍କ ଅପହଞ୍ଚ। କେଉଁଠି ମୂଳରୁ ନେଟୱର୍କ ନାହିଁ ତ କେଉଁଠି ନେଟୱର୍କ ଥିଲେ ବି ଇଣ୍ଟରନେଟ୍ କାମ କରୁନି; କେବୁଲ ଯୋଗେ ବ୍ରଡ୍‌ବ୍ୟାଣ୍ଡ ସେବା ତ ସେଠି ସ୍ୱପ୍ନ ପାଲଟିଛି। ଫୋନ୍ କଲଟିଏ ପାଇଁ ବି ଲୋକେ ଜଙ୍ଗଲ ଅତିକ୍ରମ କରି, ପାହାଡ଼ ଚଢ଼ି ମୋବାଇଲ୍ ନେଟ୍‌ୱର୍କ ଖୋଜୁଛନ୍ତି। ଚଳିତ ନିର୍ବାଚନ ସମୟରେ ବିଭିନ୍ନ ଜିଲ୍ଲାରେ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଟ୍ ଅବ୍ୟବସ୍ଥାର ବିକଳ ଚିତ୍ର ପଦାକୁ ଆସିଛି। ଫଳରେ ସବୁ ଅଞ୍ଚଳକୁ ଇଣ୍ଟରନେଟ୍ ସେବା ପହଞ୍ଚିଥିବା ନେଇ କେନ୍ଦ୍ର ସରକାରଙ୍କ ନାରାର ଅସଲ ଚିତ୍ର ପଦାରେ ପଡ଼ିଛି। ନିର୍ବାଚନ ହୋଇଥିବା କିଛି ସ୍ଥାନରେ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବାରୁ ପୁଲିଂ ଓ ସୁରକ୍ଷା କର୍ମୀମାନେ ବିବିଧ ସମସ୍ୟା ଭୋଗିଛନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ଦେବାରେ ବିଳମ୍ବ ବି ହୋଇଥିଲା।

ପ୍ରଥମ ଦୁଇଟି ପର୍ଯ୍ୟାୟରେ ୯ଟି ଲୋକସଭା କ୍ଷେତ୍ରର ୬୩ ବିଧାନସଭାରେ ମତଦାନ ହୋଇଥିଲା। ଏଥିରେ ପୁଲିଂ ବୁଥ୍ ହୋଇଥିବା ସ୍ଥାନଗୁଡ଼ିକରେ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। କିନ୍ତୁ ମତଦାନ ହୋଇଥିବା ୧୭୫୮ଟି ପୁଲିଂ ବୁଥିରେ ଇଣ୍ଟରନେଟ୍ ସୁବିଧା ନଥିଲା। ଇଣ୍ଟରନେଟ୍ ସୁବିଧା ନଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନରେ ମାଓ ଉପଦ୍ରୁତ ୧୧ଟି ଜିଲ୍ଲାରେ ନିର୍ବାଚନ ସମ୍ପନ୍ନ ହୋଇଥିଲା। ସେହି ଜିଲ୍ଲାଗୁଡ଼ିକର ଅଧିକାଂଶ ସ୍ଥାନଗୁଡ଼ିକରେ ଇଣ୍ଟରନେଟ୍ ବ୍ୟବସ୍ଥା ନଥିଲା। ଏଥିରୁ ଅଧିକାଂଶ ଅଞ୍ଚଳ ମାଓ ଉପଦ୍ରୁତ ହୋଇଥିବାରୁ କିଭଳି ନିର୍ବାଚନ ପରିଚାଳନ କରାଯିବ; ତାକୁ ନେଇ ନିର୍ବାଚନ ଅଧିକାରୀ ଚିନ୍ତାରେ ପଡ଼ିଥିଲେ। ନିର୍ବାଚନ ସମୟରେ ଅବାଧ, ମୁକ୍ତ ଓ ହିଂସାକାଣ୍ଡକୁ ରୋକିବାକୁ ଯୋଗାଯୋଗକୁ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ପ୍ରଥମେ ମୋବାଇଲ କମ୍ୟୁନିକେସନ୍ ବା ଇଣ୍ଟରନେଣ୍ଟ ସୁବିଧା ନଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଏହି ସମସ୍ତ ସ୍ଥାନଗୁଡ଼ିକରେ ସୁରୁଖୁରୁରେ ନିର୍ବାଚନ ସମ୍ପନ୍ନ ଲାଗି ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଥିଲା। ବିକଳ୍ପ ବ୍ୟବସ୍ଥା ହିସାବରେ ଭିଏଚ୍‌ଏଫ୍, ସାଟେଲାଇଟ୍ ଫୋନ୍ ସହ ବାଇକ ରନର୍ ବ୍ୟବସ୍ଥା ହୋଇଥିଲା। ଇଣ୍ଟରନେଟ୍‌ର ଆବଶ୍ୟକତା ଅନୁଯାୟୀ, ନିୟୋଜିତ ହୋଇଥିବା ବାଇକ ରନର୍‌ମାନେ ତୁରନ୍ତ ନେଟ୍‌ୱର୍କ ଥିବା ସ୍ଥାନକୁ ଯାଇ ନିର୍ବାଚନ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ବିବରଣୀ ପଠାଉଥିଲେ। ଏହାକୁ ଆହୁରି ସୁଦୃଢ଼ କରିବା ସହ ଶୃଙ୍ଖଳିତ ବ୍ୟବସ୍ଥା ଲାଗି ଜଣେ ଆଇଜି ପାହ୍ୟାର ଅଧିକାରୀଙ୍କୁ ତଦାରଖ କରିବାର ଦାୟିତ୍ୱ ଦିଆଯାଇଥିଲା। ଇଣ୍ଟରନେଟ୍ ସୁବିଧା ନଥିବା ସ୍ଥାନଗୁଡ଼ିକରେ ବିନା ମାଓ ହିଂସାରେ ନିର୍ବାଚନ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ଓଡ଼ିଶାରେ ନିରବଚ୍ଛିନ୍ନ ୫-ଜି ସେବା ମିଳୁଥିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ଚଳିତ ନିର୍ବାଚନ ଏହାର ଅସଲ ଚିତ୍ର ପଦାରେ ପକାଇଛି। ୫-ଜି ସେବା ତ ଦୂରର କଥା; ରାଜ୍ୟର ଅନେକ ଜିଲ୍ଲାରେ ଇଣ୍ଟରନେଟ୍ ସୁବିଧା ନାହିଁ। ଇଣ୍ଟରନେଟ୍ ଚାଲିବା ତ ଦୂରର କଥା, ବାର୍ତ୍ତାଳପ ହେବା ପାଇଁ ମଧ୍ୟ ନେଟ୍‌ୱାର୍କ ଆସୁନି। ମୋବାଇଲ ଫୋନ୍ ବ୍ୟବହାର କରୁଥିବା ୟୁଜର୍ସମାନଙ୍କୁ କଲ୍ କଲେ ମୋବାଇଲ୍ ନଟ୍-ରିଚେବୁଲ୍ ଆସୁଛି। ଇଣ୍ଟରନେଟ୍ ବ୍ୟବସ୍ଥା ନଥିବାରୁ ଅନ୍‌ଲାଇନ୍ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀ ଦହଗଞ୍ଜ ହେଉଛନ୍ତି। ଇଣ୍ଟରନେଟ୍‌ରେ ଯେଉଁଭଳି ଭିତ୍ତିଭୂମି ଆବଶ୍ୟକ, ସେଇ ଜିଲ୍ଲାଗୁଡିକରେ କୌଣସି ସ୍ଥାନରେ ଟେଲିକମ୍ ସଂସ୍ଥାଗୁଡ଼ିକର ସେହି ଭିତ୍ତିଭୂମି ନଥିବାରୁ ନେଟ୍‌ୱାର୍କ କ୍ଷେତ୍ରରେ ସମସ୍ୟା ଦେଖାଯାଉଛି।

- କେନ୍ଦ୍ର ସରକାରଙ୍କ 'ସବୁ ଅଞ୍ଚଳକୁ ଇଣ୍ଟରନେଟ୍ ସେବା' ନାରା ଭେଲିକି
- ୧୭୫୮ ସ୍ଥାନରେ ନାହିଁ ମୋବାଇଲ୍ ନେଟୱର୍କ
- ବିକଳ୍ପ ବନ୍ଦୋବସ୍ତରେ ହେଲା ନିର୍ବାଚନ

# ପୁରୀରେ ପହଞ୍ଚିଲା ୩ କ୍ୱିଣ୍ଟାଲ ବାସୁଙ୍ଗା ପାଟ

**ପୁରୀ, ୨୭।୫ (ସମିସ):** ଆସନ୍ତା ଜୁନ୍ ୨୨ତାରିଖରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା। ଏନେଇ ପ୍ରସ୍ତୁତି ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ସ୍ନାନ ପୂର୍ଣ୍ଣିମାଠାରୁ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ଏହି ଗୁପ୍ତ ନୀତି ପାଇଁ ଆବଶ୍ୟକ ସାମଗ୍ରୀମାନ ଅଣାଯାଉଛି। ଏହି କ୍ରମରେ ସୋମବାର ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ବାସୁଙ୍ଗା ପାଟ ଘଣା ଲାଗି ସମୟରେ ଆବଶ୍ୟକ ହୋଇଥାଏ। ମୋଟ ୩କୁଇଣ୍ଟାଲ ବାସୁଙ୍ଗା ପାଟ ଶ୍ରୀକ୍ଷେତ୍ରରେ ପହଞ୍ଚିଛି। କଟକ ତିଗିରିଆର ନୂଆପାଟଣା ଅଞ୍ଚଳରୁ ଏକ ଗାଡ଼ି ଯୋଗେ ଏହି ପାଟ ଅଣାଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣାର ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗା ପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ଏହି ପାଟର ସାମ୍ପୁଲ ଚିହ୍ନଟ ଲାଗି ଦଇତାପତି ସେବାୟତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଯଦି ଆଉ ବାସୁଙ୍ଗା ପାଟ ଆବଶ୍ୟକ ପଡ଼େ, ତେବେ ଟସର ବ୍ୟବସାୟୀ ଯୋଗାଇଦେବେ ବୋଲି କହିଛନ୍ତି।



# ପ୍ରଦୀପ ନାୟକ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୨୭ ।୫ (ସମିସ):** ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଡାକ୍ତର ପ୍ରଦୀପ ନାୟକଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ସେହିପରି ସୌମ୍ୟଜିତ୍ ମହାପାତ୍ର ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ଯୁବ ବିଜେଡି ପକ୍ଷରୁ ନିର୍ବାଚନ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏଥିସହ ୫ଜଣ ନେତାଙ୍କୁ ବିଜୁ ଛାତ୍ର ଜନତା ଦଳରେ ଭିନ୍ନଭିନ୍ନ ଦାୟିତ୍ୱ ପ୍ରଦନ କରାଯାଇଛି। ସିମୋନ୍ ସାମଲ ଏବଂ ଫ୍ରାନ୍ସିସ୍ ବେକନ ସ'ଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ସେହିପରି ଭବାନୀ ମହାନ୍ତିଙ୍କୁ ବାଲେଶ୍ୱର ନଗର ସଭାପତି ଏବଂ ଚିନ୍ମୟ ମହାନ୍ତି ଓ ରାହୁଲ୍ କୁମାର ନାୟକଙ୍କୁ ନଗର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

# ବିଜେଡିରୁ ହୃଷୀକେଶ ମେକାପ ବହିଷ୍କୃତ

**ଭୁବନେଶ୍ୱର, ୨୭ ।୫(ସମିସ):** ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୃଷୀକେଶ ମେକାପଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

# ଭିଜିଲାନ୍ସର ଜାଲରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

**ଥୁଆମୂଳରାମପୁର, ୨୭।୫ (ସମିସ):** ବିଲ୍ ପାସ୍ କରାଇଦେବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ କାଣିଗୁମା ପଞ୍ଚାୟତର ପିଇଓ ସନ୍ନ୍ୟାସୀ ନାଏକ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାସାୟନିକ ରଙ୍ଗବୋଳା ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସନ୍ନ୍ୟାସୀଙ୍କ ଲାଞ୍ଜିଗଡ଼ସ୍ଥିତ ନିଜସ୍ୱ ଘର, ଭବାନୀପାଟଣା ଜଳେଶ୍ୱର ମନ୍ଦିର ପଡ଼ାରେ ଥିବା ଦୁଇ ମହଲା କୋଠା ସମେତ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଛି। ଚଢ଼ଉ ପରେ ସମ୍ପତ୍ତିର ଆକଳନ କରାଯିବ ବୋଲି ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ମିଳିଛି।



ସୂଚନାନୁଯାୟୀ, ମନରେଗା ଯୋଜନାରେ ଏକ ବିଲ୍‌ପାସ୍ କରାଇଦେବା ପାଇଁ ପିଇଓ ଶ୍ରୀ ନାଏକ ନେହେଲା ଗାଁର ସୁରେନ୍ଦ୍ରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସୁରେନ୍ଦ୍ର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଶ୍ରୀ ନାଏକଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ଅନୁଯାୟୀ, ସୋମବାର ଭବାନୀପାଟଣା ସହରର ରାମନଗରପଡ଼ାଠାରେ ଶ୍ରୀ ନାଏକ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଅଧିକାରୀମାନେ ତାଙ୍କଠାରୁ ରାସାୟନିକ ରଙ୍ଗବୋଳା ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

## ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ଘଟଣା

# ପରାଜୟ ଭୟରେ ବିଜେପି ରକ୍ତମୁଖା

**ପୁରୀ,୨୭।୫(ସମିସ):** ଜୁନ୍ ୧ ତାରିଖରେ ଓଡ଼ିଶାରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ। ଏଥିରେ ଜଗତ୍‌ସିଂହପୁର ଜିଲ୍ଲା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୁରୀ ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର୍ ମତଦାନ କରିବେ। ଏଥିପାଇଁ ଦୁଇଟିଯାକ ନିର୍ବାଚନମଣ୍ଡଳୀରେ ପ୍ରଚାର ଜୋର୍‌ଦାର ଚାଲିଛି। ପ୍ରମୁଖ ରାଜନୈତିକ ଦଳ ପ୍ରତିପକ୍ଷକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିବା ବେଳେ ବିଭିନ୍ନ ସମୟରେ ସମର୍ଥକମାନେ ମଧ୍ୟ ମୁହାଁମୁହିଁ ହେଉଛନ୍ତି। ତେବେ ରବିବାର ନିମାପଡ଼ା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସାକାଣ୍ଡ ଘଟିଛି। ବିଜୁ ଜନତା ଦଳ ପକ୍ଷରୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରହିଥିବା ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଛି। ପ୍ରତିପକ୍ଷ ବିଜେପିର ସମର୍ଥକମାନେ ରୁଦ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏହି ଘଟଣା ପରେ ନିମାପଡ଼ାରେ ବିଜେଡି ଓ ବିଜେପି ସମର୍ଥକ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ପରାଜୟ ଭୟରେ ବିଜେପି ଏବେ ହିଂସାକୁ ଆପଣାଉଛି ବୋଲି ଚର୍ଚ୍ଚା ହେଉଛି।

ନିମାପଡ଼ା ଆସନ ହାତେଇବା ଲାଗି ଉଭୟ ବିଜେଡି ଏବଂ ବିଜେପି ଦମ୍ ଲଗାଇ ଦେଇଛନ୍ତି। ନିମାପଡ଼ା ପାଇଁ ବିଜେଡି ୮ ଜଣଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଏଥିରେ ଥିବା ପିପିଲି ବିଧାୟକ ଶ୍ରୀ ମହାରଥୀ ରବିବାର ବିଭିନ୍ନ ଜାଗାରେ ପ୍ରଚାର କରି ସନ୍ଧ୍ୟାରେ ତେରୁଣ୍ଡିଆ ପଞ୍ଚାୟତ ଦେଇ ପିପିଲି ଫେରୁଥିଲେ। ମାତ୍ର ତେରୁଣ୍ଡିଆ ମଠସାହିରେ ବିଜେପି ସମର୍ଥକ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାପରେ ସେମାନେ ମହାରଥୀଙ୍କ ଗାଡ଼ି ସମେତ ତାଙ୍କ ସହିତ ଥିବା ଆଉ ୩ଟି ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଅନ୍ଧାରିଆ ଜାଗା ହୋଇଥିବାରୁ ସେମାନେ ଟର୍ଚ୍ଚ ମାରି ଏଭଳି କାଣ୍ଡ ଭିଆଇଥିଲେ। ଏପରିକି ବିଧାୟକ ଶ୍ରୀ ମହାରଥୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ଶ୍ରୀ ମହାରଥୀ ଏବଂ ଅନ୍ୟମାନେ ସେଠାରୁ ଖସି ଆସିଥିଲେ। କିନ୍ତୁ ସେମାନେ ତାଙ୍କ ଗାଡ଼ି ଉପରକୁ ଟେକାପଥର ମାଡ଼ କରିଥିଲେ। ଖବର ପାଇ ନିମାପଡ଼ା ପୁଲିସ ପହଞ୍ଚି ଦୁଇଜଣ ବିଜେପି ସମର୍ଥକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା ଏବଂ ପରେ ସେମାନଙ୍କୁ ଛାଡ଼ି ଦେଇଥିଲା।

ଘଟଣା ସମ୍ପର୍କରେ ବିଧାୟକ ଶ୍ରୀ ମହାରଥୀ କହିଛନ୍ତି, ୨୧ ନଂ. ଜୋନ୍‌ର ୭ଟି ପଞ୍ଚାୟତରେ ପ୍ରଚାର ସାରି ତେରୁଣ୍ଡିଆ ପଞ୍ଚାୟତରେ ଥିବା ବିଜେଡି କାର୍ଯ୍ୟାଳୟକୁ ଯାଉଥିବା ବେଳେ ଗାଡ଼ି ସମ୍ମୁଖ ଭାଗକୁ ଆସି ଜଣେ ଯୁବକ ଅଟକାଇଥିଲେ। କିଛି ଅସୁବିଧାରେ ପଡ଼ିଥିବା ଭାବି ଗାଡ଼ି ଅଟକାଇଥିଲୁ। ଏହାପରେ ହଠାତ୍ ବିଜେପିର ବହୁ ସମର୍ଥକ ପଳାଇ ଆସି ଖରାପ ଭାଷାରେ ଗାଳିମନ୍ଦ କରିବା ସହ ଗାଡିକୁ ବାଡ଼ିଆପିଟା କରିଥିଲେ। ଆମକୁ ଆକ୍ରମଣ କରିବା ଲାଗି ଯେପରି ପୂର୍ବରୁ ଯୋଜନା କରିଥିଲେ ସେହିଭଳି ସେମାନଙ୍କ କଥାରୁ ଲାଗୁଥିଲା। ସେହି ରାସ୍ତାର ବିଭିନ୍ନ ଜାଗାରେ ଗାଡି ଉପରକୁ ଟେକା, ପଥର ମାଡ଼ କରିଥିଲେ। ଯଦିଓ ସେଠାରେ ଅଧିକ ସମୟ ରହିଥାନ୍ତୁ ଆମ ଜୀବନ ପ୍ରତି ବିପଦ ହୋଇଥାନ୍ତା ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାରଥୀ।

## ନିମାପଡ଼ାବାସୀ ଉଚିତ ଜବାବ ଦେବେ: ଶୁଭାଶିଷ

ତେବେ ଏହି ଘଟଣାକୁ ନେଇ ବିଜେପି ଉପରେ ବର୍ଷିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ହାରିବା ଭୟରେ ହିଂସାକୁ ଆପଣାଉଛି ବିଜେପି। ନିର୍ବାଚନରେ ପରାଜୟ ନିଶ୍ଚିତ ହେବା ପରେ ତାଙ୍କ ଗୁଣ୍ଡାମାନଙ୍କୁ ଲଗାଇ ଏଭଳି କାମ କରୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଜିତାଇବା ଲାଗି ମନସ୍ଥ କରିଛନ୍ତି। ତେଣୁ ଏହାକୁ ଗ୍ରହଣ କରିପାରୁ ନଥିବା ବିଜେପି ହିଂସାତ୍ମକ ପନ୍ଥା ଆପଣାଇଛି। ଜୁନ୍ ୧ରେ ନିମାପଡ଼ାବାସୀ ଏହାର ଉଚିତ ଜାବାବ ଦେବେ ବୋଲି କହିଛନ୍ତି ଶୁଭାଶିଷ।।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-331 ♦BHUBANESWAR ♦TUESDAY ♦28 MAY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୩୩୧ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୮ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ଦୁଇ ଦୁର୍ନୀତିଖୋର୍‌ଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

**ଭୁବନେଶ୍ୱର, ୨୭।୫(ସମିସ):** ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ଏକ ଲାଞ୍ଚ ମାମଲାର ବିଚାର କରି ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ବାଣପୁର ତହସିଲର ଅବସରପ୍ରାପ୍ତ ବରିଷ୍ଠ କିରାଣି ବୈକୁଣ୍ଠନାଥ ମହାନ୍ତି ଓ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରବୀନ୍ଦ୍ରନାଥ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାରେ ସାକ୍ଷ୍ୟପ୍ରମାଣକୁ ଆଧାର କରି ଅଦାଲତ ଦୁଇ ସରକାରୀ ଅଧିକାରୀଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୪ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି।

**ବାଲି ଖାଦାନ ଲିଜ୍ ପାଇଁ ଲାଞ୍ଚ ମାଗି ଫସିଥିଲେ**

ମାମଲାରୁ ପ୍ରକାଶ, ବାଣପୁର ତହସିଲ ଅଧୀନ ପ୍ରତାପ ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ଏକ ବାଲି ଖାଦାନ ଲିଜ୍ ନେବା ଲାଗି ଅଭିଯୋଗକାରୀ ଆବେଦନ କରିଥିଲେ। ତାଙ୍କର ଏହି ଫାଇଲ କାର୍ଯ୍ୟ କରିବା ଲାଗି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ରନାଥ ଓ କିରାଣି ବୈକୁଣ୍ଠନାଥ ଟଙ୍କା ଦାବି କରିଥିଲେ। ତେବେ ଏ ସଂପର୍କରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଯୋଜନା ଅନୁସାରେ, ଅଧିକାରୀଦ୍ୱୟ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଦଳ ସେମାନଙ୍କୁ କାବୁ କରିଥିଲେ। ପରେ ଭିଜିଲାନ୍ସ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା।




# ନିର୍ବାଚନ ବେଳେ କୁମ୍ଭୀରକାନ୍ଦଣା କାନ୍ଦନ୍ତି ବିଜେପି ନେତା



- କେବଳ ଆଶାଳୀନ ଓ ଡାହା ମିଛ କହନ୍ତି ବିଜେପିର ପ୍ରଦୀପ ପୁରୋହିତ
- ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ଯେଉଁଠି ଚାଷୀଙ୍କ ଆୟ ଦୁଇଗୁଣା ହୋଇଛି
- ଏମ୍‌ଏସ୍‌ପି ବଢ଼ାଉ ନାହାନ୍ତି; ଆସନ୍ନ ପରାଜୟ ଦେଖି ପାଗଳ ପ୍ରଳାପ କରୁଛନ୍ତି

**ଭୁବନେଶ୍ୱର ୨୭।୫(ସମିସ):** ପଦମପୁର ଉପନିର୍ବାଚନ ହାରିବା ପରେ ପ୍ରଦୀପ ପୁରୋହିତ ମାନସିକ ଭାରସାମ୍ୟ ସନ୍ତୁଳନ ହରାଇଥିଲେ, ଏବେ ଚଳିତ ନିର୍ବାଚନରେ ଆସନ୍ନ ପରାଜୟ ଦେଖି ପାଗଳ ହୋଇ ଯାଇଛନ୍ତି। ସେଥିପାଇଁ ସେ ବାରମ୍ବାର କଦର୍ଯ୍ୟ କଥା କହୁଛନ୍ତି, ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ମିଛ କହିବାକୁ ପ୍ରଦୀପ ପୁରୋହିତ ଓ ତାଙ୍କ ଦଳ ସାମାନ୍ୟତମ ଲାଜ ବି କରୁନାହାନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର।

ଶ୍ରୀ ମହାପାତ୍ର କହିଛନ୍ତି ଯେ ମୁହଁ ଖୋଲିଲେ ବିଜେପିର ଯେଉଁ କିଛି ନେତା କେବଳ ଅଶାଳୀନ ମନ୍ତବ୍ୟ, ଅଶୋଭନୀୟ ବକ୍ତବ୍ୟ ଓ କଦର୍ଯ୍ୟ କଥା କହିଥାନ୍ତି ; ସେମାନଙ୍କ ମଧ୍ୟରୁ ପ୍ରଦୀପ ପୁରୋହିତ ଜଣେ। ଚଳିତ ନିର୍ବାଚନରେ ସେ ନିଜର ଓ ଓଡ଼ିଶା ବିଜେପିର ପରାଜୟକୁ ନେଇ ଅତ୍ୟନ୍ତ ଭୟଭୀତ ହୋଇ ପଡ଼ିଥିବା, ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ପରିଲକ୍ଷିତ। ନିର୍ବାଚନ ଆସିଲେ ଚାଷୀଙ୍କ ପ୍ରସଙ୍ଗକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦିବା ଓ ପରେ ସେମାନଙ୍କୁ ଭୁଲିଯିବା ସେମାନଙ୍କର ପୁରୁଣା ଅଭ୍ୟାସ। ଏବେ ଠିକ୍ ସମାନ ଫର୍ମୁଲା ଆପଣେଇଛନ୍ତି। ଓଡ଼ିଶାର ଚାଷୀ, ଓଡ଼ିଶା ବିଜେପିର ଏଭଳି କୁମ୍ଭୀର କାନ୍ଦଣାକୁ ବେଶ୍ ଭଲ ଭାବେ ଜାଣିଛନ୍ତି। ସେଥିପାଇଁ ବାରମ୍ବାର ଓଡ଼ିଶା ବିଜେପି ଏବଂ ପ୍ରଦୀପ ପୁରୋହିତଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ଚଳିତ ନିର୍ବାଚନରେ ମଧ କରିଛନ୍ତି।

ଶ୍ରୀ ମହାପାତ୍ର କହିଛନ୍ତି, ବିଜେଡି ବିରୋଧରେ ଅଭିଯୋଗ ଆଣିବା ଆଗରୁ ଶ୍ରୀ ପୁରୋହିତଙ୍କ ନିକଟରେ ଏ ସଂକ୍ରାନ୍ତ ସାମାନ୍ୟତମ ଜ୍ଞାନ ଓ ଲଜ୍ଜା ରହିବା ଆବଶ୍ୟକ। ଓଡ଼ିଶା ହେଉଛି ଦେଶରେ ଏକମାତ୍ର ରାଜ୍ୟ ଯିଏ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିଛି। ଗତ ୫ ବର୍ଷରେ ୭୪ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୧ ହଜାର ୫୦୦ କୋଟି ଟଙ୍କା କାଳିଆ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପ୍ୟାକେଜ ଘୋଷଣା କରି କାର୍ଯ୍ୟକାରୀ ହୋଇଛି। ପ୍ରଦୀପ ପୁରୋହିତ ହୁଅନ୍ତୁ କିମ୍ବା ଓଡ଼ିଶା ବିଜେପି, ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାରେ ବିଫଳ ହୋଇଛନ୍ତି। ୨୦୧୭ ମସିହାରେ ଓଡ଼ିଶା ବିଧାନସଭାରେ ଏନେଇ ସର୍ବସମ୍ମତ କ୍ରମେ ସଂକଳ୍ପ ପାରିତ ହୋଇଥିଲା। ବର୍ଷ ବର୍ଷ ଧରି କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିଲେ ମଧ ତାକୁ ପ୍ରତ୍ୟାହାର କରିନାହାନ୍ତି। ଫସଲ ବୀମା ବାବଦ ଅର୍ଥ ଚାଷୀଙ୍କୁ ପ୍ରଦାନ କରାଯାଇନି କିମ୍ବା ଚାଷୀଙ୍କୁ ଠିକ୍ ସମୟରେ ସାର ମଧ ଯୋଗାଇ ପାରିନାହାନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇ ବିଫଳ ହୋଇଛନ୍ତି। ନିର୍ବାଚନ ସମୟରେ ଯେଉଁ କେନ୍ଦ୍ରୀୟ ନେତା ଓଡ଼ିଶାକୁ ପର୍ଯ୍ୟଟକ ନେତା ଭାବେ ଆସୁଛନ୍ତି, ସେମାନେ ଏସବୁ ବିଫଳତା ଉପରେ ଉତ୍ତର ରଖିବାର ଆବଶ୍ୟକତା ରହୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ହିମନ୍ତ ବିଶ୍ୱଶର୍ମା ଜଣେ 'ରାଜନୀତି ଜୋକର'

**ଭୁବନେଶ୍ୱର, ୨୭।୫(ସମିସ):** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜନୀତିରେ ଜଣେ ଜୋକର ଭାବରେ ସୁପରିଚିତ। ଯେତେବେଳେ ସେ ମୁହଁ ଖୋଲନ୍ତି, ତାଙ୍କ ମୁହଁରୁ କେବଳ ଆବର୍ଜନା ହିଁ ବାହାରେ। ନିଜ ଲୋକମାନଙ୍କୁ ଖୁସି କରିବା ପାଇଁ ସେ ଯାବତୀୟ ଅକଥ୍ୟ ଓ ଅଶାଳୀନ ମନୋରଞ୍ଜନ କରନ୍ତି। ସେଥିପାଇଁ ଆସାମରେ ମଧ କେହି ତାଙ୍କୁ ଗୁରୁତ୍ୱର ସହ ନିଅନ୍ତି ନାହିଁ ବୋଲି କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର।



ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଡ. ପାତ୍ର କହିଛନ୍ତି ଯେ ହିମନ୍ତ ବିଶ୍ୱଶର୍ମାଙ୍କ ନାଁ ଚିଟଫଣ୍ଡ କେସ୍‌ରେ ଜଡ଼ିତ ଅଛି। ସେ ତାଙ୍କ ରାଜ୍ୟକୁ ଦେବାଳିଆ କରିସାରିଲେଣି ଏବଂ ତାଙ୍କର ରାଜ୍ୟର ଋଣଭାର ବହୁତ ବେଶୀ। ଅପରପକ୍ଷରେ ବିତ୍ତୀୟ ବ୍ୟବସ୍ଥା ପରିଚାଳନାରେ ଓଡ଼ିଶା ଭାରତବର୍ଷରେ ସର୍ବୋତ୍କୃଷ୍ଟ ରାଜ୍ୟ ରୂପେ ସୁପରିଚିତ। ଯେଉଁ ଲୋକ ନିଜ ରାଜ୍ୟକୁ କରଜରେ ବୁଡ଼ାଇ ସାରିଛନ୍ତି, ସେହି ବ୍ୟକ୍ତି ଓଡ଼ିଶାରେ ଆସି ବିତ୍ତୀୟ ପରିଚାଳନାର ଜ୍ଞାନ ବାଣ୍ଟୁଛନ୍ତି। ଏହାଠାରୁ ହାସ୍ୟାସ୍ପଦ ଆଉ କିଛି ନାହିଁ। ସେ ବରଂ ରାଜ୍ୟର ଆର୍ଥିକ ପରିଚାଳନା ସମ୍ପର୍କରେ ଓଡ଼ିଶାରେ ଆସି ଟ୍ୟୁସନ ହେଲେ ତାଙ୍କ ରାଜ୍ୟର କଲ୍ୟାଣ ହୁଅନ୍ତା। ସେ ଆହୁରି କହିଛନ୍ତି, ତାଙ୍କ ରାଜ୍ୟର ଯୁବକମାନେ ରାଜରାସ୍ତାରେ ଚାକିରି ପାଇଁ ହାହାକାର କରୁଛନ୍ତି ଏବଂ ବେକାରି ସମସ୍ୟା ଅତ୍ୟନ୍ତ ଉତ୍କଟ। ତାଙ୍କ ରାଜ୍ୟରେ ସ୍ୱାସ୍ଥ୍ୟସେବା ମଧ ଅତ୍ୟନ୍ତ ବିପର୍ଯ୍ୟସ୍ତ। ସେ ନିଜକୁ ହାସ୍ୟାସ୍ପଦ ସ୍ଥିତିକୁ ନେଇଆସିଛନ୍ତି ଏବଂ ତାଙ୍କର ବକ୍ତବ୍ୟ ମଧ ହାସ୍ୟାସ୍ପଦ। ତେଣୁ ଭାରତୀୟ ଜନତା ପାର୍ଟି ତାଙ୍କୁ ଓଡ଼ିଶାକୁ ଆହୁରି ପ୍ରଚାର ପାଇଁ ପଠାଉ, କାରଣ ତାଙ୍କର ଆସିବା ଦ୍ୱାରା ଓଡ଼ିଶା ବିଜେପି ପ୍ରାର୍ଥୀ ମାନଙ୍କର ପରାଜୟ ଆହୁରି ବିପୁଳ ବ୍ୟବଧାନରେ ହେବ ବୋଲି ସେ ସୁନିଶ୍ଚିତ କରୁଛନ୍ତି।



# ଯୁକ୍ତଦୁଇ ପରୀକ୍ଷା; ଜିଲ୍ଲାରେ ପାସ୍‌ହାର ଉତ୍ସାହଜନକ

**ଅନୁଗୋଳ,୨୭।୫(ସମିସ):** ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବାର୍ଷିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପାସ୍‌ହାର ବେଶ ସନ୍ତୋଷଜନକ ହୋଇଛି। ସରସ୍ୱତୀ ଉଚ୍ଚ ମାଧ୍ୟମିକ (+୨ ବିଜ୍ଞାନ) ବିଦ୍ୟାଳୟ ଗାନ୍ଧୀ ମାର୍ଗ ଅନୁଗୋଳର ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ବିଜ୍ଞାନରେ ମୋଟ ୪୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୫ ଜଣ ପ୍ରଥମ ଶ୍ରେଣୀରେ, ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ମୋଟ ୬୦୦ ନମ୍ବରରୁ କ୍ରୀଷ୍ଟା ପ୍ରଧାନ ୪୮୮ (୮୧ %) ନମ୍ବର ରଖି କଲେଜ ଟପର ହୋଇଥିବା ବେଳେ ବାଦଲ ପ୍ରଧାନ ୪୮୧ (୮୦ %) ନମ୍ବର ରଖି ଦ୍ୱିତୀୟ ସ୍ଥାନ, ତୋଷମୟ ସାହୁ ୪୭୭ (୭୯.୫ %) ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ସଂଖ୍ୟାର ୮୦ % ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବନିତ କରିଛନ୍ତି ବୋଲି ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରକାଶ କରିଛନ୍ତି। କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ସଭାପତି ଡ. ସୁଧାକର ପାଲ, ସଂପାଦକ ଅଶୋକ କୁମାର ମୋଦୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଥିଲେ।

ନାଲକୋ ଏସଭିଏମ୍ ବିଜ୍ଞାନରେ ୯୮% ଓ କଳା ବିଭାଗରେ ୧୦୦% ପାସ୍ କରିଛନ୍ତି। ବିଜ୍ଞାନ ବିଭାଗର ୮୫ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୩୯ଜଣ ପ୍ରଥମ ଶ୍ରେଣୀରେ ପାସ ହୋଇଥିବା ବେଳେ ୩୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୮ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ମୋଟ ୬୦୦ ନମ୍ବରରୁ ଶ୍ରୀକ୍ରିଷ୍ଟା ମୁଦୁଲି ସର୍ବାଧିକ ୫୧୬ ଓ ୮୬.୦୦% ମାର୍କରଖି ପ୍ରଥମ ସ୍ଥାନ, ଶକ୍ତିଦେବ ସାହୁ ୫୦୯ମାର୍କ ୮୪.୮୩% ରଖି ଦ୍ୱିତୀୟ ସ୍ଥାନ, ଅର୍ଜୁନ କୁମାର ସେଠ ୪୮୯ନମ୍ବର ୮୧.୫୦% ରଖି ତୃତୀୟ ସ୍ଥାନ ଅଧିକାର କରି ସ୍କୁଲ୍ ପାଇଁ ଗୌରବ ଆଣିଥିଲେ। ସେହିପରି କଳା ବିଭାଗରେ ୧୦୦% ପାସ୍ କରିଛନ୍ତି। କଳାରେ ୯୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ଜଣ ପ୍ରଥମ ଶ୍ରେଣୀରେ ପାସ ହୋଇଥିବା ବେଳେ ୨୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫୬ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ମୋଟ ୬୦୦ ନମ୍ବରରୁ ସୋନାଲି ସାହୁ ସର୍ବାଧିକ ୫୦୨ (୮୩.୬୬%) ମାର୍କରଖି ପ୍ରଥମ ସ୍ଥାନ, ପ୍ରିତିମୟୀ ସାହୁ ୪୯୧ମାର୍କ (୮୧.୮୩%)ରଖି ଦ୍ୱିତୀୟ ସ୍ଥାନ, ରାନୁ ଗଡ଼ନାୟକ ୪୮୩ନମ୍ବର (୮୦.୫୦%) ରଖି ତୃତୀୟ ସ୍ଥାନ ଅଧିକାର କରି ସ୍କୁଲ୍ ପାଇଁ ଗୌରବ ଆଣିଥିଲେ। ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳକୁ ସ୍କୁଲର ଅଧ୍ୟକ୍ଷ ଡ଼.ଶତ୍ରୁଘ୍ନ ବେହେରା ଖୁସି ବ୍ୟକ୍ତ କରିଛନ୍ତି। ସ୍କୁଲ ଶିକ୍ଷକ ସୁରେନ୍ଦ୍ର ପାଢ଼ୀ, ବିଚିତ୍ରା ନନ୍ଦ ନାୟକ, ସୁଶାନ୍ତ ଦାସଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିପରି ପ୍ରକାଶିତ ପରୀକ୍ଷା ଫଳରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ(ଜୁନିୟର) ସ୍ତରରେ କଳା ବିଭାଗରେ ୨୪୦ ପରିକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୧, ଦ୍ୱିତୀୟ ଶ୍ରେଣୀରେ ୪୦, ତୃତୀୟ ଶ୍ରେଣୀରେ ୯୪ ପାସ କରିଛନ୍ତି। ୩୫ଜଣ ଫେଲ ହୋଇଛନ୍ତି। ସୁଚିସ୍ମିତା ମିଶ୍ର ୫୩୬ ନମ୍ବର ରଖି କଲେର ଟପ୍ପର ହୋଇଥିବା ବେଳେ ରାଜୁ ଦାସ ୫୨୬ ନମ୍ବର ରଖି ଦ୍ୱିତୀୟ ଏବଂ ଅନୁସୂୟା ଘଡେଇ ୫୨୨ ନମ୍ବର ରଖି ତୃତୀୟ ସ୍ଥାନ ପାଇଛନ୍ତି। ବିଜ୍ଞାନ ବିଭାଗରେ ୫୦୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୧୯୧, ଦ୍ୱିତୀୟ ଶ୍ରେଣୀରେ୬୯ ଏବଂ ତୃତୀୟରେ୨୫ ଜଣ ସଫଳତା ହାସଲ କରିଛନ୍ତି। ହେଲିନ ସ୍ୱାଇଁ(୫୩୭), ପ୍ରଦ୍ୟୁମ୍ନ ପ୍ରଧାନ(୫୨୮), ସୁମନ ଦାସ(୫୨୧) ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୮୧, ଦ୍ୱତୀୟ ଶ୍ରେଣୀରେ ୪୨ ଏବଂ ତୃତୀୟ ଶ୍ରେଣୀରେ ୫୩ଜଣଛାତ୍ରଛାତ୍ରୀ କୃତକାର୍ଯ୍ୟହୋଇଛନ୍ତି। ୨୨୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ସେଥିରୁ ୪୪ଜଣ ପରୀକ୍ଷାରେ ସଫଳତା ପାଇ ନାହାନ୍ତି। ସବନମ ପରବିନ (୫୫୨) ସତ୍ୟଜିତ ବେହେରା (୫୩୯), ଜସ୍ମିନ ସାହୁ(୫୩୬ ) ନମ୍ବର ରଖି କଲେଜରେ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି।

## ଗଡ଼ତଳ କଲେଜର ଛାତ୍ରଙ୍କ ସଫଳତା



**ତାଳଚେରସଦର,୨୭।୫(ସମିସ):** ତାଳଚେର ସନ୍ଧପଡା ଗଡତଳ କଲେଜ ଉଚ୍ଚମାଧ୍ୟମିକ +୨ ସାଇନ୍ସ ପରୀକ୍ଷାରେ ପ୍ରିୟାଂଶୁ କୁମାର ସାମଲ ୮୩ ପ୍ରତିଶତ (୪୯୮), ଶକ୍ତି ପ୍ରସାଦ ସାହୁ ୭୮ ପ୍ରତିଶତ (୪୬୮), ।।ରୋଦ ଚନ୍ଦ୍ର ସାହୁ ୭୭ ପ୍ରତିଶତ (୪୬୨) ନମ୍ବରରଖି କୃତିତ୍ୱ ଅର୍ଜନ କରି କଲେଜକୁ ଗୌରାବାନ୍ୱିତ କରିଛନ୍ତି। ୧୦୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୩୮ଜଣ ଦ୍ୱିତୀୟ ସ୍ଥାନ ଓ ମାତ୍ର ୪ଜଣ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା କଲେଜ ପକ୍ଷରୁ ଜଣାପଡିଛି। ତେବେ ଛାତ୍ରଙ୍କ ସଫଳତା ପାଇଁ କଲେଜ ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

## ଚନ୍ଦନ ଯାତ୍ରା ପାଇଁ ପୁଲିସ ଓ ପ୍ରଶାସନର ବୈଠକ



**ବଇଣ୍ଡା,୨୭।୫(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଠାରେ ହେବାକୁ ଥିବା ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ସୋମବାର ଦିନ ବଇଣ୍ଡା ଫାଣ୍ଡି ପରିସରରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁର, ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ବଇଣ୍ଡା ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରୀକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ରମେଶ କୁମାର ତିବ୍ରୁୱାଲା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜମ୍ବେଶ୍ୱର ସାହୁ, ଗିରିଶ ବେହେରା, ଉଗ୍ରେସନ ସେଠି, ମାନସ ସାହୁ, ସୁବାସ ଶତପଥି, ବିକ୍ରମ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ବୁଧବାର ଦିନ ଯାତ୍ରା ହେବାକୁ ଥିବା ବେଳେ କିଭଳି ଧୁମ ଧାମରେ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ସେନେଇ ଆଲୋଚନା କରାଯାଇଥିଲା। ଏଥିସହ ଟ୍ରାଫିକ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବା ସହ ବାଇପାସ୍ ଜରିଆରେ ରାତି ୧୦ ପରେ ଗାଡି ଛାଡିବା ପାଇଁ ନିଷ୍ପତି ନିଆଯାଇଛି। ଏଥିରେ ସମସ୍ତ ସଦସ୍ୟମାନେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ



**ତାଳଚେରସଦର,୨୭।୫(ସମିସ):** ତାଳଚେର ବଡବଜାର ଶଙ୍କର ଟେକ୍ସଟାଇଲ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏହି ଛକ ଦେଇ ଦୈନିକ ହଜାର ହଜାର ବାଟୋଇ ଯାତାୟାତ କରୁଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଏହି ବିଦ୍ୟୁତ୍ର ଖୁଣ୍ଟ ଥିବାରୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାଁନ୍ତି କିପରି ତାହା ପ୍ରଶ୍ନବାଚୀ। ଏହି ରାସ୍ତାରେ ସାଧାରଣ ଲୋକଙ୍କ ସମେତ ଶହଶହ ସଂଖ୍ୟାରେ ଛୋଟ ବଡ଼ ଯାନବାହାନ ଅହରହ ଚଳାଚଳ କରୁଛି। ଏହି ବିପଦପୂର୍ଣ୍ଣ ବିଦୂତ ଖୁଣ୍ଟ ନିକଟରେ ଏକ ହାଇସ୍କୁଲ ରହିଥିବାରୁ ସଦାସର୍ବଦା ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଚଳପ୍ରଚଳ ଲାଗିରହୁଛି। ସହରକୁ ଆଲୋକୀକରଣକୁ ଉପଲକ୍ଷି କରି ପୌରପାଳିକା ତରଫରୁ ସହରର ସମସ୍ତ ମୁଖ୍ୟରାସ୍ତାକୁ ବିଦ୍ୟୁତ୍ ଖୁଣ୍ଟ ପୋତି ରଙ୍ଗ ବିରଙ୍ଗ ବିଜୁଳି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏବେ କିଛି କିଛି ଜାଗାରେ ଏହି ଆଲୋକୀକରଣ ବ୍ୟବସ୍ଥା ଅଚଳ ରହିଛି। ପୌର କର୍ତ୍ତୃପକ୍ଷ ରାସ୍ତା ଦେଇ ସବୁବେଳେ ଯା।ଆସ କରୁଥିବାବେଳେ କିପରି କର୍ତ୍ତୃପକ୍ଷଙ୍କ ନଜର ପଡୁନି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ଖୁଣ୍ଟଟି କୌଣସି କାରଣରୁ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। କିଛିଦିନ ପୂର୍ବେ ଝଡତୋଫାନରେ କିଛି ଦୋକାନୀଙ୍କ ହୋର୍ଡିଂ ଉଡି ଯାଇଥିଲା। ଏହି ବଡ ବଜାରର ଏକ ଶହରୁ ଅଧିକ ଦୋକାନ ଥିବାରୁ ପାଖାପାଖି ୭ଟି ୱାର୍ଡର ଲୋକ ବଜାର ଉପରେ ନିର୍ଭର କରୁଛନ୍ତି। ଭଙ୍ଗା ବିଦ୍ୟୁତ୍ ଖୁଣ୍ଟଟି କୌଣସି ମୁହୂର୍ତ୍ତରେ କାହା ଉପରେ ପଡିଯିବାର ସମ୍ଭାବନା ରହିଥିବାରୁ ତୁରନ୍ତ ଏହାକୁ ହଟାଇ ନୂତନ ଖୁଣ୍ଟ ପୋତାଯିବାକୁ ଦାବି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେବାକୁ ସ୍ଥାନୀୟ ପୌରବାସିନ୍ଦା ଅନୁରୋଧ କରିଛନ୍ତି।

## ବୁଥ୍ ପରିସରରେ ଲୁହା ପାଇପ୍‌ରେ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୨୭।୫(ସମିସ):** କିଶୋରନଗର ବ୍ଲକ ହିମିତିରା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥ ପରିସରରେ ଦମଦର ଗ୍ରାମର ଶମ୍ଭୁନାଥ ନାୟକଙ୍କୁ ହିମିତିରା ଅଞ୍ଚଳର ବ୍ରହ୍ମାନନ୍ଦ ଦେହୁରୀ, ରିମାନ ପ୍ରଧାନ, ବିଷ୍ଣୁ ଦେହୁରୀ ଏକ ଲୁହାପାଇପରେ ଆକ୍ରମଣ କରିଛନ୍ତି। ବୁଥ ପରିସରରେ ଗଣ୍ଡଗୋଳ କରୁଥିବା ବେଳେ ପ୍ରତିବାଦ କରିବାରୁ ତାଙ୍କୁ ଲୁହା ପାଇପ ସାହାଯ୍ୟରେ ମାଡ଼ ମରାଯିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୁଲିସ ନମ୍ବର ୧୨୫/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟରେ ବୁନୁ ବେହେରା ପାଲଟା ଅଭିଯୋଗ କରିଛନ୍ତି ଯେ ସେ ହିମିତିରା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥରେ ଭୋଟ ଦେଉଥିବା ବେଳେ ଗୋଟିଏ ଦଳରେ ଭୋଟ ଦେବାକୁ କହି ଶମ୍ଭୁନାଥ ନାୟକ, ରାଜ କିଶୋର ପ୍ରଧାନ, ରାକେଶ ସାହୁ ମାଡ଼ମାରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ପୁଲିସ ଅନ୍ୟଏକ ମାମଲା ରୁଜୁ କରିଛି।

## ଜାତୀୟସ୍ତରୀୟ ମାଷ୍ଟର୍ସ ଗେମ୍ସରେ ପ୍ରକାଶଙ୍କୁ ୪ ସ୍ୱର୍ଣ୍ଣ




**ଅନୁଗୋଳ,୨୭।୫(ସମିସ):** ଗତ ୨୨ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ପ୍ୟାନ ଇଣ୍ଡିଆ ମାଷ୍ଟର୍ସ ଗେମ୍ସ ଫେଡେରେସନ ତରଫରୁ ହାଇଦ୍ରାବାଦର ଅନ୍ତର୍ଜାତୀୟ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଥିବା ପ୍ରଥମ ଜାତୀୟ ଫେଡେରେସନ କପରେ ଅନୁଗୋଳର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ ପ୍ରକାଶ ଗଡ଼ନାୟକରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ଏଥିରେ ଦେଶର ବିଭିନ୍ନ ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱର୍ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରକାଶଙ୍କ ସହିତ ଓଡିଶାରୁ ଅନ୍ୟ ୫ଜଣ ଖେଳାଳି ମଧ୍ୟ ଅଂଶଗ୍ରହଣ କରି ମେଡାଲ ହାସଲ କରି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ଅନୁଗୋଳର ପ୍ରକାଶ ଚାରୋଟି ବ୍ୟକ୍ତିଗତ ଇଭେଣ୍ଟରେ ଭାଗ ନେଇ ନିଜର ସମସ୍ତ ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକାଇ ଚାରୋଟି ଯାକ ସ୍ୱର୍ଣ୍ଣ ପଦକ ଏକାଥରେ ହାତେଇନେଇ ଅନୁଗୋଳ ଜିଲ୍ଲାର ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଥିପାଇଁ ତାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଶ୍ରୀ ପ୍ରକାଶ ୬୦ମି,୧୦୦ମି,୨୦୦ମି ଦୌଡ ଓ ଲମ୍ବ ଡିଆଁରେ ଅଂଶ ଗ୍ରହଣ କରି ଚାରୋଟି ସ୍ୱର୍ଣ୍ଣ ପଦକ ଜିତି ଓଡିଶାକୁ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ଦେବା ସାଙ୍ଗେ ସେ ଆଗକୁ ଅଷ୍ଟ୍ରେଲିଆରେ ୱାର୍ଲଡ ମାଷ୍ଟର୍ସ ଗେମ୍ସରେ ଅଂଶଗ୍ରହଣ କରିବା ପାଇଁ ଭାରତ ପକ୍ଷରୁ ମନୋନୀତ ହୋଇଛନ୍ତି।

ସୂଚନା ଥାଉ କି, ପ୍ରକାଶ ବାୟୁ ସେନାରୁ ବିରତ ନେବା ପରଠାରୁ ସେ ମାଷ୍ଟର୍ସ ଆଥଲେଟ ଭାବେ ଅନେକ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେଇ ଅନେକ ସଫଳତା ସାଉଁଟି ପାରିଛନ୍ତି। ଶ୍ରୀ ପ୍ରକାଶ ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ ଓ ଭୁଟାନ ଆଦି ଦେଶରେ ନିଜର ଜଲବା ଦେଖାଇ ୧୦ଟି ଅନ୍ତର୍ଜାତୀୟ ସ୍ୱର୍ଣ୍ଣପଦକ ସହ ୧୭ଟି ଅନ୍ତର୍ଜାତୀୟ ପଦକ ହାସଲ କରିସାରିଛନ୍ତି।

## ବରିଷ୍ଠ ନାଗରିକଙ୍କ ପରଲୋକ



**ତାଳଚେରସଦର,୨୭।୫(ସମିସ):** ତାଳଚେର ବ୍ଲକ ସୋଲଡା ଗ୍ରାମର ବରିଷ୍ଠ ନାଗରିକ ବାଙ୍କନିଧି ପ୍ରଧାନ(୭୧ବର୍ଷ)ଙ୍କ ସୋମବାର ପରଲୋକ ଘଟିଛି। କିଛିଦିନ ଧରି ସେ ଯକୃତ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ, ତିନି ପୁତ୍ର ସୁନୀଲ, ଅନୀଲ ଓ ସୁଶୀଲ, ପୁତ୍ରବଧୂ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଜଣେ ଧାର୍ମିକ, ପରୋପକାରୀ ତଥା ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

## ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା,୨୭।୫(ସମିସ):** କିଶୋରନଗର ଥାନା ପାଣ୍ଡୁରୀପଥର ଗ୍ରାମର ରାକେଶ ସାହୁଙ୍କୁ ସେହି ଗ୍ରାମରର ସାନନ୍ଦ ସାହୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଶନିବାର ଦିନ କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ଘରେ ଏକା ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ସେହିପରି ରସାନନ୍ଦ ପାଲଟା ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ରାକେଶ ଓ ତାଙ୍କର ସହଯୋଗୀ ଅଶୋକ କୁମାର ସାହୁ ଏକ ଠେଙ୍ଗାରେ ମାଡ଼ ମାରିଛନ୍ତି। ତାଙ୍କ ଅଭିଯୋଗକୁ ନେଇ ପୁଲିସ ଅନ୍ୟଏକ ମାମଲା ରୁଜୁ କରିଛି।

## ଜାତୀୟ ପ୍ରଶିକ୍ଷଣ ଶିବିରରେ ରୋଟାରୀ ପବ୍ଲିକ ସ୍କୁଲ ସ୍କାଉଟ୍ ମାଷ୍ଟର



**ଅନୁଗୋଳ,୨୭।୫(ସମିସ):** ଚଳିତ ମାସ ୧୫-୪-୨୪ରିଖଠାରୁ ୨୧-୦୫-୨୪ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ ଓ ଗାଇଡ୍ ଦ୍ୱାରା ହିମାଳୟ ଉଡ୍ ବ୍ୟାଚ ଜାତୀୟ ପ୍ରଶିକ୍ଷଣ ଶିବିର ମଧ୍ୟ ପ୍ରଦେଶର ପଞ୍ଚମରୀ ଠାରେ ଅନୁଷ୍ଠିତ ହୋଇଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ସର୍ବଭାରତୀୟସ୍ତରରୁ ୮୦ ଜଣ ସ୍କାଉଟ୍ ମାଷ୍ଟର ଅଂଶଗ୍ରହଣ କରିଥିଲେଫ ଓଡ଼ିଶାରୁ ୭ ଜଣ ସ୍କାଉଟ୍ ମାଷ୍ଟର ଅଂଶଗ୍ରହଣ କରୁଥିବା ବେଳେ ଅନୁଗୋଳ ଜିଲ୍ଲାର ରୋଟାରୀ ପବ୍ଲିକ ସ୍କୁଲର ସ୍କାଉଟ୍ ମାଷ୍ଟର ଦୁଷ୍ୟନ୍ତ କୁମାର ନାଥ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭିକାରୀ ବନ୍ଧୁ ସାହୁ, ଜିଲ୍ଲା ବିଜ୍ଞାନ ପ୍ରଯବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ରୋଟାରୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ବେହେରା, ସ୍କାଉଟ୍ ମାଷ୍ଟର ଦୁଷ୍ୟନ୍ତ କୁମାର ନାଥଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ‘ଏ-୧’ଗ୍ରେଡ୍‌ରେ ପାସ୍ କଲେ ଯାଆଁଳା ଭଉଣୀ

**ଅନୁଗୋଳ,୨୭।୫(ସମିସ):** ଅନୁଗୋଳ ଜିଲ୍ଲା ସାନକନ୍ତକୂଳ ଗାଁର ଦୁଇ ଯାଆଁଳା ଭଉଣୀ ସୁଚରିତା ଓ ସୁଚିସ୍ମିତା ପ୍ରଧାନ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାରେ ‘ଏ-୧’ ଗ୍ରେଡରଖି କୃତିତ୍ୱ ଅର୍ଜନ କରିଛନ୍ତି। ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ହେଉଛନ୍ତି ଦୁଇ ଭଉଣୀ। ସେମାନଙ୍କ କୃତିତ୍ୱକୁ ନେଇ କେବଳ ପରିବାରବର୍ଗ ନୁହଁନ୍ତି ବିଦ୍ୟାଳୟର ଗୁରୁଜୀ-ଗୁରୁମାମାନେ ମଧ୍ୟ ବେଶ ଗର୍ବିତ। ଦୁଇ ଝିଅଙ୍କ ସଫଳତାରେ ତାଙ୍କ ପରିବାର ସହ ପୁରା ଗାଁରେ ଖୁସିର ଲହରୀ। ସଫଳତା ପରେ ସବୁଠି ଉଭୟଙ୍କ ପାଖକୁ ଶୁଭେଚ୍ଛା ଓ ଅଭିନନ୍ଦନ ଛୁଟୁଛି। ସାନକନ୍ତକୂଳ ଗାଁର ଅଭିମନ୍ୟୁ ପ୍ରଧାନ ଓ ଗୀତାଞ୍ଜଳି ପ୍ରଧାନଙ୍କ ଯାଆଁଳା ଝିଅ ହେଉଛନ୍ତି ସୁଚରିତା ଓ ଶୁଚିସ୍ମିତା। ତିନି ଝିଅ ଓ ଗୋଟିଏ ପୁଅକୁ ନେଇ ଅଭିମନ୍ୟୁ ଓ ଗୀତାଞ୍ଜଳୀଙ୍କ ପରିବାର। ଦୁଇ ଯାଆଁଳା ଝିଅଙ୍କ ସଫଳତାକୁ ନେଇ ବାପା-ମା’ ବେଶ ଗର୍ବିତ। ଝିଅଙ୍କୁ ଆଗକୁ ବଢିବା ପାଇଁ ସବୁ ସମୟରେ ପ୍ରୋତ୍ସାହିତ କରିଆସିଛନ୍ତି। ଝିଅଙ୍କ ସ୍ୱପ୍ନ ସାକାର ପାଇଁ ଉଭୟ ବଦ୍ଧପରିକର। ଦୁଇ ଝିଅଙ୍କ ଏହି କୃତିତ୍ୱ ଯୋଗୁଁ ପରିବାରରେ ସମସ୍ତେ ଖୁସି। ତେବେ ଉଭୟଙ୍କ କୃତିତ୍ୱକୁ ନେଇ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିଜର ଖୁସି ଜାହିର କରିଥିବାବେଳେ ଉଭୟଙ୍କ ସଫଳତା ପାଇଁ ବିଦ୍ୟାଳୟ ଗର୍ବିତ ବୋଲି କହିଛନ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଏହା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।



**● କୁଇଓ ତ୍ରିଶକ୍ତି ଉଚ୍ଚବିଦ୍ୟାଳୟ**

## ୫୪୦ ନମ୍ବର ରଖି ଶୁଚିସ୍ମିତା ଶ୍ରେଷ୍ଠ

**କୁଇଓ,୨୭।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ଅନୁଗୋଳ ଜିଲ୍ଲା ବଆଁରପାଳ ବ୍ଲକ କୁଇଓ ତ୍ରିଶକ୍ତି ଉଚ୍ଚବିଦ୍ୟାଳୟର ଛାତ୍ରୀ ଶୁଚିସ୍ମିତା ପରିଡା ଶେଷ୍ଠ ହୋଇଛନ୍ତି। କରଡ଼ା ଟିକର ଗ୍ରାମର ଛାତ୍ରୀ ସୁଚିସ୍ମିତା ମୋଟ ୬୦୦ ନମ୍ବରରୁ ୫୪୦ ନମ୍ବର ପାଇ ତ୍ରିଶକ୍ତି ଉଚ୍ଚବିଦ୍ୟାଳୟରେ ଶ୍ରେଷ୍ଠ ହୋଇଛନ୍ତି। ବାପା ସୁଶାନ୍ତ ପରିଡା ଓ ମା’ ସୁମନ୍ତି ଝିଅ ଶୁଚିସ୍ମିତାଙ୍କ ସଫଳତା ପାଇଁ ତାଙ୍କୁ ଆଶୀର୍ବାଦ ଦେବା ସହ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ଜାମୁନାଳି ପଞ୍ଚାୟତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟିଛି। ସେ ପାଠ ପଢି କଲେକ୍ଟର ହେବେ ବୋଲି କହିଛନ୍ତି।



## ମାଟ୍ରିକ୍ ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ



**ଅନୁଗୋଳ,୨୭।୫(ସମିସ):** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବାର୍ଷିକ ପରୀକ୍ଷାରେ ଅନୁଗୋଳ ହାଇସ୍କୁଲର ପାସ୍‌ହାର ଉତ୍ସାହ ଜନକ ହୋଇଛି। ବିଦ୍ୟାଳୟର ଛାତ୍ର ତଥା ଅନୁଗୋଳ ଲିଙ୍ଗରାଯୋଡି ଗ୍ରାମର ପ୍ରତୀକ କୁମାର ପ୍ରଧାନ ୫୪୬ନମ୍ବର ରଖି ଏ-୧ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଭବିଷ୍ୟତରେ ଡାକ୍ତରୀ ପାଠ ପଢ଼ି ଲୋକଙ୍କ ସେବା କରିବାକୁ ଲକ୍ଷ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ।ମେଧାବୀ ଛାତ୍ର ପ୍ରତୀକ ଙ୍କ ଏହି ସଫଳତା ପାଇଁ ପରିବାର ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ମିଳୁଛି।

## ‘ଏ-୧’ଗ୍ରେଡ୍‌ରେ ପାସ୍ ଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା



କଣିହାଁ,୨୭।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ ଚଳିତ ୨୦୨୪ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁର ସଫଳତାରେ ଅଞ୍ଚଳରେ ଖୁସିର ଲହର ଖେଳି ଯାଇଛି ।ରତନ ଦୀପ ସାହୁ ଓ ଓଁ ପ୍ରକାଶ ସାହୁ ଯଥା କ୍ରମେ ୫୪୪ ଓ ୫୪୦ ନମ୍ବରରଖି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ଆଜି ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଆଲୁମିନିର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଭୂପେନ ଗଡନାୟକ୍, ଉପସଭାପତି ସୁଧାକର ପ୍ରଧାନ ଏସ୍‌ଏମ୍‌ସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ଜସ୍ମିନି ପ୍ରଧାନ,ଭୀମସେନ ସାମଲ, ଗୋଦାବରୀ ଗଡନାୟକ, ବିନାୟକ ପ୍ରଧାନ, ଇନ୍ଦ୍ରଜିତ ପ୍ରଧାନ ଓ ଶିକ୍ଷାବିତ୍ ବୀରବର ସାହୁ ପ୍ରମୁଖ ଯୋଗଦାନ କରି ବିଦ୍ୟାର୍ଥୀରତନ ଦୀପ ସାହୁ ଓ ଓଁ ପ୍ରକାଶ ସାହୁଙ୍କୁ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଆଉ ଦୁଇ ଜଣ ଛାତ୍ର ବହୁତ ଅଳ୍ପ ନମ୍ବରରେ ଇ ୧ରୁ ବଞ୍ଚିତ ହୋଇଥିବାରୁ ଶିକ୍ଷକ ବୃନ୍ଦ ଦୁଃଖ ପ୍ରକାଶ କରିଥିଲେ। ଶିକ୍ଷାବିତ୍‌ବୃନ୍ଦ ଆସନ୍ତା ବର୍ଷ ଆହୁରି ଭଲ ପରୀକ୍ଷ ଫଳ ଭଲ ହେବ ବୋଲି ଆଶା ପ୍ରକାଶ କରିଥିଲେ।

## ଜିଲ୍ଲାରେ ମାଟ୍ରିକ୍ ଫଳାଫଳକୁ ନେଇ ପ୍ରଶ୍ନବାଚୀ

# 'ଏ' ଓ 'ବି' ଗ୍ରେଡ୍‌ରେ ଛାତ୍ରଛାତ୍ରୀଙ୍କ ନୈରାଶ୍ୟଜନକ ପ୍ରଦର୍ଶନ

**ଢେଙ୍କାନାଳ, ୨୭।୫ (ସମିସ)**

ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପାସ ହାର ବୃଦ୍ଧି ପାଇଥିବା ବେଳେ ଏ-୧, ଏ-୨ ଓ ବି-୧ରେ ଛାତ୍ରଛାତ୍ରୀଙ୍କ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଶିକ୍ଷାଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତବର୍ଷ ଢେଙ୍କାନାଳ ଜିଲ୍ଲାରେ ୨୬୦ଟି ବିଦ୍ୟାଳୟର ଚଳିତ ବର୍ଷ ଜିଲ୍ଲାର ୯୭ଟି ପରୀକ୍ଷାକେନ୍ଦ୍ରରେ ୧୬ ହଜାର ୬୪୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ହଜାର ୮୦୮ ଜଣ ଛାତ୍ରଛାତ୍ରୀ ପାସ କରିଥିବାର ଜଣାପଡିଛି। କିନ୍ତୁ ଜିଲ୍ଲାରେ ଏ-୧ରେ ମାତ୍ର ୩୧ଜଣ ଛାତ୍ରଛାତ୍ରୀ ରହିଥିବାର ଜଣାପଡିଛି। ବର୍ଷକୁ ବର୍ଷ ପାସ ହାର ବୃଦ୍ଧି ପାଉଥିବା ବେଳେ ଏ-୧ରେ ପାସ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବରେ ହ୍ରାସ ପାଇବାରେ ଲାଗିଛି। ଗତ ଦୁଇ ବର୍ଷର ପରୀକ୍ଷା ଫଳକୁ ତଦାରଖ କରାଗଲେ ଗତ ୨୦୨୨-୨୩ରେ ୧୫ ହଜାର ୮୯୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ରେ ୮୨ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ଏ-୨ରେ ୭୧୦ ଜଣ, ବି-୧ରେ ୨ ହଜାର ୧୬୧ଜଣ, ବି-୨ରେ ୪ହଜାର ୧୭୭ଜଣ, ସି ଗ୍ରେଡରେ ୩ ହଜାର ୩୧୪ ଜଣ, ଡି ଗ୍ରେଡରେ ୨ ହଜାର ୨୧୦ଜଣ, ଇ ଗ୍ରେଡରେ ୭୯୩ ଜଣ ପାସ କରିଥିବା ବେଳେମୋଟ ୧୫ ହଜାର ୫୩୪ଜଣ ପାସ କରିଥିବାର ଜଣାପଡିଛି। ଜିଲ୍ଲାରେ ଏ-୧ ଗ୍ରେଡରେ ଗଁଦିଆ ବ୍ଲକରୁ ୪ଜଣ, କାମାକ୍ଷାନଗରରୁ ୧୨ଜଣ, ଢେଙ୍କାନାଳରୁ ୬ଜଣ, ଭୁବନରୁ ୨ଜଣ, ହିନ୍ଦୋଳରୁ ୭ଜଣ ହାସଲ କରିଥିବା ବେଳେ ଓଡାପଡା ଓ କଙ୍କଡାହାଡ ବ୍ଲକରେ ଜଣେହେଲେ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ହାସଲ କରିନାହାଁନ୍ତି।

୨୦୨୨-୨୩ ରେ ଏ-୧ରେ ମୋଟ ୮୨ଜଣ ପାସ କରିଥିବାବେଳେ ଗତବର୍ଷ ୧୭୦ଜଣ ପାସ କରିଥିଲେ । ସେହିପରି ଏ-୨ରେ ଗତ ବର୍ଷ ୧ ହଜାର ୩୯୪ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଚଳିତ ବର୍ଷମାତ୍ର ୭୧୦ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ବି-୧ରେ ଗତ ବର୍ଷ ତୁଳନାରେ କମ ଛାତ୍ରଛାତ୍ରୀ ପାସ କରିଥିବାର ଜଣାପଡିଛି।

### ୨୦୨୨ରେ ୧୭୦, ୨୦୨୩ରେ ୮୨ ଓ ୨୦୨୪ରେ ମାତ୍ର ୩୧

ସେହିପରି ୨୦୨୩-୨୪ ଶିକ୍ଷାବର୍ଷରେ ମାତ୍ର ୩୧ଜଣ ଛାତ୍ରଛାତ୍ରୀ ଏ-୧ରେ ପାସ କରିଥିବାର ଜଣାପଡିଛି। ଜିଲ୍ଲାରେ ବାରମ୍ବାର ଏଭଳି ଗୁଣାତ୍ମକ ଶିକ୍ଷାର ମାନ ହ୍ରାସକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ବିଦ୍ୟାଳୟରକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରୁଥିବା ବେଳେ ପାଠ ପଢାର ମାନ ହ୍ରାସ ପାଉଥିବାର ଜଣାପଡିଛି। ଜିଲ୍ଲାକୁ ଏକ ନମ୍ବର କରିବା ପାଇଁ ବାରମ୍ବାର ଯୋଜନା କରାଯାଉଥିବା ବେଳେ ଏଭଳି ଫଳକୁ ନେଇ ଅଭିଭାବକ ମାନେ ନିରାଶ ହୋଇପଡିଛନ୍ତି। ଏଭଳି ଫଳାଫଳକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

(ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ଏ-୨ରେ ୧ହଜାର ୩୯୪ ଜଣ, ବି-୧ରେ ୩ ହଜାର ୪୭୬ ଜଣ, ବି-୨ରେ ୩ହଜାର ୩୦୪ଜଣ, ସି ଗ୍ରେଡରେ ୩ ହଜାର ୫୮୧ଜଣ, ଡି ଗ୍ରେଡରେ ୨ ହଜାର ୮୯୬ଜଣ, ଇ ଗ୍ରେଡରେ ୨ ହଜାର ୪୯୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଗତ ୨୦୨୧-୨୨ରେ ମୋଟ ୧୫ ହଜାର ୮୫୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ରେ ୧୭୦ ଜଣ ଛାତ୍ରଛାତ୍ରୀ ପାସ କରିଥିବାର ଜଣାପଡିଛି।)

## ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ

# 'ଏ-୧' ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୨୭।୫(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଲଗାତର ଚତୁର୍ଥ ଥର ପାଇଁ ଶତ ପ୍ରତିଶତ ସଫଳତା ହାସଲ କରିବା ସହିତ ୬ ଜଣ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି 'ଏ-୧' ଗ୍ରେଡ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଲୋକନାଥ ଷଡଙ୍ଗୀ, କୈଳାଶ ଚନ୍ଦ୍ର ପୃଷ୍ଟି, ପଣ୍ଡିତ ଉପେନ୍ଦ୍ର ନାଥ ପଣ୍ଡା, ନାଟ୍ୟକାର ତଥା ନାଟ୍ୟନିର୍ଦ୍ଦେଶକ ଦିନେଶ ଦାସ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ପ୍ରଥମେଶ ସାହୁ (୫୫୨), ସିପ୍ରା ସାଗରିକା ପୃଷ୍ଟି (୫୫୨), ଆକାଂକ୍ଷା ଅକସ୍ମିତା ମହାଲିକ (୫୫୦), ସ୍ୱଙ୍ଗ ଶ୍ରିତମ ବାରିକ (୫୪୨), ଅନନ୍ୟା ରାଉତ (୫୪୦) ଓ ସୌମ୍ୟରଞ୍ଜନ ଖିଲାର (୫୪୦)। ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ମାନେ ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉତ୍ତମ ଶୈକ୍ଷିକ ପରିବେଶ , ଛାତ୍ରଛାତ୍ରୀ ମାନଙ୍କର କଠୋର ପରିଶ୍ରମ , ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଉଚ୍ଚ ମାନର ଶିକ୍ଷାଦାନ ତଥା ଅଭିଭାବକ ମାନଙ୍କର ଅନୁଷ୍ଠାନ ପ୍ରତି ଅତୁଟ ବିଶ୍ୱାସ ହିଁ ଏହି ସଫଳତା ଆଣିଦେଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଏହି ବିଦ୍ୟାଳୟଟି ଜିଲ୍ଲାରେ ସର୍ବୋଚ୍ଚ ସଂଖ୍ୟକ 'ଏ-୧' ଗ୍ରେଡ ହାସଲ କରିବାରେ ସକ୍ଷମ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିପାରିଛି। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର କର୍ତ୍ତବ୍ୟନିଷ୍ଠତାକୁ ପ୍ରଶଂସା କରିଛନ୍ତି।




# ଭଉଁରୀ ଯାତ୍ରାର ପ୍ରଥମ ଦିନରେ ଗରୁଡଗୋବିନ୍ଦ ବେଶ

**ଢେଙ୍କାନାଳ, ୨୭।୫(ସମିସ):** ଢେଙ୍କାନାଳର ପରମ ଆରାଧ୍ୟ ଶ୍ରୀ ବଳରାମ ମହାପ୍ରଭୁଙ୍କ ଚଳନ୍ତି ବିଜେ ପ୍ରତିମା ଶ୍ରୀ ମଦନମୋହନଙ୍କ ଭଉଁରୀ ଯାତ୍ରା ଶୁଭାରମ୍ଭ ହୋଇଛି। ଭାଗୀରଥ ସାଗରର ଖନନ କାର୍ଯ୍ୟ ହେତୁ ପ୍ରଭୁଙ୍କ ଚାପ ଓ ଭଉଁରୀ ବନ୍ଦ ରହିଥିଲେ ହେଁ ନିତ୍ୟନୈମିତିକ ପୂଜାର୍ଚ୍ଚନା ସାଗର ତଟରେ ଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଗୃହରେ ଜାରି ରହିଛି। ରବିବାର ଦିନ ଭଉଁରୀ ଯାତ୍ରାର ପ୍ରଥମ ଦିବସରେ ଶ୍ରୀ ମଦନମୋହନ ଜୀଉଙ୍କ ଆକର୍ଷଣୀୟ ଗରୁଡ-ଗୋବିନ୍ଦ ବେଶ ଅନୁଷ୍ଠିତ ହୋଇଥିଲା। ଏହା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀ ଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ପ୍ରଭୁଙ୍କ ଆଳତି ଦର୍ଶନ କରିବା ସହ ନୈବେଦ୍ୟ ପ୍ରାପ୍ତ ହୋଇଥିଲା। ପୂଜକ ମଳୟ କର, କାଳିଆ ସେବକ ଶମ୍ଭୁନାଥ ମହାପାତ୍ର ଓ ନିର୍ମଳ ମହାନ୍ତି ଏବଂ କାହାଳିଆ ଟିକନ ବେହେରା ପ୍ରଭୁଙ୍କ ସେବାରେ ନିଯୁକ୍ତ ହୋଇଥିଲେ। ରାତି ୮ଟାରେ ନୈବେଦ୍ୟ ଲାଗି ହେବା ପରେ ଶ୍ରୀ ମଦନ ମୋହନଜୀଉ ପାଲିଙ୍କିରେ ଶ୍ରୀ ବଳରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



# ଚିପ୍ସ ବୋଝେଇ ଟ୍ରାକ୍ଟର ଉପରେ ଚଢ଼ିଗଲା ହାଇୱା

**ଢେଙ୍କାନାଳ,୨୭।୫(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୫୩ନଂ ଜାତୀୟ ରାଜପଥର ବାରିହାପୁର ଗାଁ ଛକ ନିକଟରେ ଚିପ୍ସ ବୋଝେଇ ଟ୍ରାକ୍ଟର ଉପରେ ଚଢିଗଲା ହାଇୱା। ମାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। ଏହାକୁ ନେଇ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ୨ଘଣ୍ଟା ଧରି ବ୍ୟାହତ ହୋଇଥିଲା। କାମାକ୍ଷାନଗରରୁ ତାଳଚେର ଆଡକୁ ଯାଉଥିବା ହାଇୱାଟି ବାରିହାପୁର କ୍ରସରରୁ ଚିପ୍ସ ନେଇ ଯାଉଥିବା ଟ୍ରାକ୍ଟର ଉପରେ ଭାରସାମ୍ୟ ହରାଇ ଚଢି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ କିଛି ସମୟ ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରଜଙ୍ଗ ପୁଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଲୋକଙ୍କୁ ବୁଝା ସୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି।

# ହିନ୍ଦୋଳ ବ୍ଲକ: 'ଏ-୧'ରେ ୭ଜଣ

**ଢେଙ୍କାନାଳ,୨୭।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ହିନ୍ଦୋଳ ବ୍ଲକରେ ୭ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ ହାସଲ କରିଛନ୍ତି। ସିଦ୍ଧପୀଠ ହାଇସ୍କୁଲ ଠୋକର ସୁପ୍ରିୟା ସାମଲ ୫୫୦, ହିନ୍ଦୋଳ ହାଇସ୍କୁଲର ଭବିଶ ରଞ୍ଜନ ମାହାନ୍ତି ୫୫୦, ମା' କ୍ଷେତ୍ରପାଳ ହାଇସ୍କୁଲ କାଠଖୁଣ୍ଟାର କଳ୍ପିତା ଦାସ ୫୪୭, ଜନତାରାଜ ହାଇସ୍କୁଲ ଦୁଦୁରକୋଟର ଜଗଦୀଶ ପଟ୍ଟନାୟକ ୫୪୧, ଲୁସି ସାହୁ୫୪୦, ପଲ୍ଲୀ ବିକାଶ ହାଇସ୍କୁଲ କୁରୁମିଠାର ମଧୁମୀତା ସାହୁ ୫୪୦, ପଞ୍ଚାୟତ ହାଇସ୍କୁଲ ପାଳଟା ସ୍ମୃତିରଞ୍ଜନ ସାହୁ ୫୪୦ ନମ୍ବର ରଖି ସଫଳତା ଲାଭ କରିଥିବାରୁ ଶୁଭେଚ୍ଛାର ସୁଅ ଛୁଟିଛି।







# ମାତୃଭବନ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ଢେଙ୍କାନାଳ, ୨୭।୫ (ସମିସ):** ସଦର ବ୍ଲକ୍ ଅନ୍ତର୍ଗତ ମାତୃଭବନ ଉଚ୍ଚ ବିଦ୍ୟାଳୟ ବାରଦାର ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ମୋଟ୍ ୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ-୨ ରେ ୧ଜଣ, ବି-୧ରେ ୧ଜଣ, ବି-୨ରେ ୬ଜଣ, ସି ଗ୍ରେଡ୍‌ରେ ୧୭ଜଣ, ଡି ଗ୍ରେଡ୍‌ରେ ୨୭ଜଣ ଓ ଇ ଗ୍ରେଡ୍‌ରେ ୬ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଛାତ୍ର ରତିକାନ୍ତ ବେହେରା ୪୮୦ ନମ୍ବର ରଖି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପଶ୍ରୀ ରଥ, ଶିକ୍ଷକ ଅଶୋକ କୁମାର ଦାସ, ଚିତରଞ୍ଜନ ନନ୍ଦ, ଚନ୍ଦ୍ରମଣି ଦଳବେହେରା, ଅରୁଣ କୁମାର ଓଝା, ବିଜୟ କୁମାର ନନ୍ଦ, ସୁଜାତା ଦାସ, କଳ୍ପନା ଆଚାର୍ଯ୍ୟ, ତିଲୋତ୍ତମା କରଣ ଏବଂ ପରିଚାଳନା କମିଟିର ସଭାପତି ବିମଳ କୁମାର ପରିଡା, ଅନ୍ୟ ସଦସ୍ୟ ବୃନ୍ଦ, ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ଏବଂ ଏ ଅଞ୍ଚଳର ଜନସାଧାରଣ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମାଟ୍ରିକ ପରୀକ୍ଷା ଫଳ

# ଜିଲ୍ଲାରେ ପାସ୍‌ହାର ୯୫.୧୨%; ପାର୍ଥସାରଥି ଟପ୍ପର

**ଢେଙ୍କାନାଳ, ୨୭।୫(ସମିସ) :**ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୫.୧୨ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବାର ଜଣାପଡିଛି। ସେମାନଙ୍କ ମଧ୍ୟରୁ ଏ-୧ରେ ୩୧ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି।

ଚଳିତ ବର୍ଷ ଜିଲ୍ଲାର ୯୭ଟି ପରୀକ୍ଷାକେନ୍ଦ୍ରରେ ୧୬ ହଜାର ୭୮୦ଜଣ ମଧ୍ୟରୁ ୧୬ ହଜାର ୬୬୮ ଜଣ ରେଗୁଲାର ଏବଂ ୩୪ ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ମୋଟ ୯୭ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୫.୧୨ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପାର୍ଥସାରଥୀ ଖିଲାର ୬ଶହ ନମ୍ବରରୁ ୫୬୦ନମ୍ବର ୯୩.୩୩% ନମ୍ବର ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ ଭୁବନର ଛାତ୍ର ରୁଦ୍ରନାରାୟଣ ସାହୁ ୫୫୨ ନମ୍ବର ରଖି ବ୍ଲକ ଟପ୍ପର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସାର୍ଥକ ସାହୁ ୫୫୩ ନମ୍ବର ରଖି ଢେଙ୍କାନାଳସଦର ବ୍ଲକ ଟପ୍ପର , ହିନ୍ଦୋଳବ୍ଲକ ଠୋକର ସିଦ୍ଧପୀଠ ହାଇସ୍କୁଲର ସୁପ୍ରିୟା ସାମଲ ୫୫୦ନମ୍ବର ଓ ହିନ୍ଦୋଳ ହାଇସ୍କୁଲ ଭବିଷରଞ୍ଜନ ମହାନ୍ତି ୫୫୦ ନମ୍ବର ରଖି ଯୁଗ୍ମ ଟପ୍ପର, କାମାକ୍ଷାନଗର କାନପୁରା ହାଇସ୍କୁଲର ଛାତ୍ର ପ୍ରଥମେଶ ସାହୁ ୫୫୨ ଓ ସିପ୍ରା ସାଗରିକା ପୃଷ୍ଟି ୫୫୨, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିପ୍ତୀମୟୀ ମହାନ୍ତି ୫୫୨, କିରଣ କସ୍ତୁରିକା ସାହୁ ୫୫୨, ଓମ୍‌ପ୍ରଭା ନାୟକ ୫୫୨ ନମ୍ବର ରଖି କାମାକ୍ଷାନଗରର ଯୁଗ୍ମ ଟପ୍ପର ହୋଇଥିବାର ଜଣାପଡିଛି। ବର୍ଷକୁ ବର୍ଷ ପାସ ହାସ ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ଏ-୧ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାହ୍ରାସପାଉଥିବାର ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

# 'ମୋ ସଫଳତାର ଶ୍ରେୟ ଜେଜେ'

**ଢେଙ୍କାନାଳ, ୨୭।୫(ସମିସ):**

ଢେଙ୍କାନାଳ ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ପାର୍ଥସାରଥୀ ଖିଲାର ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷକ ହେବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କ ସଫଳତାର ଶ୍ରେୟ ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁଜନ ଏବଂ ଜେଜେଙ୍କୁ ଦେଇଛନ୍ତି। ଗଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମର ପ୍ରସନ୍ନ କୁମାର ଖିଲାର ଓ କୁନି ଖିଲାରଙ୍କ ପୁଅ ପାର୍ଥସାରଥୀ ମୋଟ ୬ଶହ ନମ୍ବରରୁ ୫୬୦ ନମ୍ବର ଅର୍ଥାତ ୯୩.୩୩ ନମ୍ବର ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିବା ବେଳେ ପରୀକ୍ଷା ପୂର୍ବରୁ ଅଧିକ ଦୁଇଘଣ୍ଟା ପାଠ ପଢୁଥିଲେ। ସେହିପରି ତାଙ୍କର ସର୍ବଶ୍ରେଷ୍ଠ ଶ୍ରେୟ ହେଉଛନ୍ତି ତାଙ୍କ ଦାଦା ଯେକି ତାଙ୍କୁ ପଢାନ୍ତି ଏବଂ ସେ ଜଣେ ଶିକ୍ଷକଙ୍କୁ ମଧ୍ୟ ଢେଙ୍କାନାଳରୁ ସାଥୀରେ ନେଇ ତାଙ୍କୁ ପାଠ ପଢିବାକୁ ପରାମର୍ଶ ଦିଅନ୍ତି। ସର୍ବୋପରୀ ତାଙ୍କର ସଫଳତାର ଶ୍ରେଷ୍ଠତମ ଶ୍ରେୟ ହେଉଛନ୍ତି ତାଙ୍କ ଜେଜେ ଯେକି ପ୍ରତିଦିନ ତାଙ୍କୁ ରାତିରୁ ଉଠାଇବା ସହିତ ପ୍ରଥମେ ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଥାନ୍ତି। କ୍ରିକେଟ ଖେଳକୁ ଭଲପାଉଥିବା ପାର୍ଥ ନିଜେ ପଢିବା ସହିତ ଅନ୍ୟପିଲାମାନଙ୍କୁ ମଧ୍ୟ ପଢାଇଥାନ୍ତି ବୋଲି କହିଛନ୍ତି। ଜୀବନରେ ସଫଳତା ପାଇବାକୁ ହେଲେ କାହାରିକୁ ଅନୁକରଣ ନକରି ନିଜସ୍ୱ ଚିନ୍ତାଧାରାରେ ନିଜର ସିଡ୍ୟୁଲ କରି ପାଠ ପଢିବା ଉଚିତ। ନିଜର ନୋଟ କରିବା ସହିତ ତାକୁ ପଢିବା ଉଚିତ ବୋଲି କହିଥିଲେ। ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷକ ହେବାକୁ ମନବଳାଇଥିବା ବେଳେ ପ୍ରଥମେ ସେ ଯୁକ୍ତ ଦୁଇ ବିଜ୍ଞାନ ପଢିବେ ବୋଲି କହିଛନ୍ତି।

ଚଳିତ ବର୍ଷ ପୂର୍ବବର୍ଷଅପେକ୍ଷା ଏ-୧ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସପାଇଥିବାରୁ ସେ ଉଦବେଗ ପ୍ରକାଶ କରିଛନ୍ତି। ଜିଲ୍ଲାରେ ବାରମ୍ବାର ଏ-୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସପାଇବା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋ କଜ ନୋଟିସ ସହିତ ଖୁବ ଶୀଘ୍ର ପ୍ରଧାନଶିକ୍ଷକମାନଙ୍କ ବୈଠକ ଡକାଯାଇ ଏହାର ସମୀକ୍ଷା କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତିକହିଛନ୍ତି। ପାର୍ଥସାରଥୀ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ସାହୁ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



# ମଠକରଗୋଳାରେ ନିର୍ବାଚନୀ ହିଂସା, ତୀବ୍ର ଅସନ୍ତୋଷ

### ୧୦ ତାରିଖ ଯାଏ ପୁଲିସ ମୁତୟନ

**ଢେଙ୍କାନାଳ, ୨୭।୫(ସମିସ):** କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ମଠକରଗୋଳା ଗ୍ରାମରେ ନିର୍ବାଚନୀ ହିଂସା ଘଟିଥିବାର ଜଣାପଡିଛି। ବିଳମ୍ବିତ ରାତିରେ ଘରେ ପଶି ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ପୁଲିସ ସୂତ୍ରରୁ ଜଣାପଡିଛି ଯେ, ମଠକରଗୋଳା ଗ୍ରାମର ସ୍ୱର୍ଗତ ଗୁମାନି ଚରଣ ସ୍ୱାଇଁଙ୍କ ଏକମାତ୍ର ପୁଅ ବ୍ରହ୍ମାନନ୍ଦ ସ୍ୱାଇଁ ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଗାନ୍ଧୀ ଛକ ନିକଟରେ କେତେକ କର୍ମୀ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ପରେ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ଲୁହା କବାଟ ଓ ଫାଟକକୁ ଶାବଳ ଓ ଟାଙ୍ଗିଆ ଦ୍ୱାରା ନଷ୍ଟ କରିଥିବା ଜଣାପଡିଛି। ତାଙ୍କୁ ଘରେ ପଶି ଜୀବନରୁ ମାରିଦେବାକୁ ମଧ୍ୟ ଉଦ୍ୟମ କରାଯାଇଥିବାର ଅଭିଯୋଗ ହୋଇଛି । ସୋମବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଫଳରେ ପୁଲିସ ପକ୍ଷରୁ ଗାନ୍ଧୀଛକରେ ପୁଲିସ ପକ୍ଷରୁ ଆସନ୍ତା ୧୦ତାରିଖ ଯାଏ ଅସ୍ଥାୟୀ ଭାବରେ କ୍ୟାମ୍ପ କରାଯାଇଛି।



# ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟର ନୂତନ ପରିଚାଳନା କମିଟି ଗଠିତ

**ଢେଙ୍କାନାଳ,୨୭।୫(ସମିସ):** ସ୍ଥାନୀୟ ଭାଗିରଥି ସାଗର ଗାନ୍ଧିମନ୍ଦିର ନିକଟସ୍ଥ ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟର ନୂତନ ପରିଚାଳନା କମିଟି ଗଠନ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଅକ୍ଷୟ କୁମାର ସାମଲଙ୍କ ଉପସ୍ଥିତିରେ ସମସ୍ତ ସଦସ୍ୟଙ୍କ ସହମତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବୁଦ୍ଧିରାମ ଅଗ୍ରୱାଲା, ଉପସଭାପତି ଭାବେ ବିଭୁତି ଭୂଷଣ ସ୍ୱାଇଁ, ଦୀପକ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ଶଶିକାନ୍ତ ଦାସ, ସଂପାଦକ ଭାବେ ଜ୍ଞାନ ରଞ୍ଜନ ଶତପଥି, ସହ-ସମ୍ପାଦକ ଭାବେ ସନ୍ତୋଷ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ବେଣୁଧର ମହାପାତ୍ର, ଉପଦେଷ୍ଟା ଭାବେ ଅକ୍ଷୟ କୁମାର ସାମଲ, ମନୋଜ କୁମାର ପଟ୍ଟନାୟକ ଓ ଦେବରାଜ ମହାପାତ୍ର ଚୟନ କରାଯାଇଛି। ପରିଚାଳନା କମିଟି ସଭ୍ୟ ଭାବେ ବିଜୟ କୁମାର ସ୍ୱାଇଁ, ନାରାୟଣ ରାଉତ, ପ୍ରଫୁଲ୍ଲ କୁମାର ସାହୁ, କୈଳାସ ଚନ୍ଦ୍ର ପଟ୍ଟନାୟକ, ସୁଜିତ୍ କୁମାର ପଟ୍ଟନାୟକ, ବିକ୍ରମ ପ୍ରକାଶ ଜେନା, ପ୍ରକାଶ ଚନ୍ଦ୍ର ଅଗ୍ରୱାଲା, ଶିବ କୁମାର ଅଗ୍ରୱାଲା, ପ୍ରତାପ ଚନ୍ଦ୍ର ବାରିକ, କୃଷ୍ଣ କୁମାର ଅଗ୍ରୱାଲା, ଦିଲ୍ଲୀପ କୁମାର ସାହୁ, ନରେନ୍ଦ୍ର ବେହେରା ଓ ତୁଷାର ରଞ୍ଜନ ମିଶ୍ରଙ୍କୁ ଚୟନ କରାଯାଇଛି।

# ଟାଟାଷ୍ଟିଲ୍ ପକ୍ଷରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫେଇ ଅଭିଯାନ

### ୧ଶହ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ଚିତ୍ରାଙ୍କନ ପ୍ରତିଯୋଗିତା

**ଢେଙ୍କାନାଳ, ୨୭।୫(ସମିସ)**

ଟାଟା ସ୍ଥାୟିତ୍ୱ ମାସ ଏବଂ ପରିବେଶ ଦିବସ ପାଳନର ଏକ ଅଂଶ ଭାବେ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଏକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ ଅଭିଯାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାରଖାନାର ମୁଖ୍ୟ ଫାଟକ ଏବଂ ୫୫ନଂ ଜାତୀୟ ରାଜପଥ ନିକଟରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ ଅଭିଯାନରେ କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସ୍ୱଚ୍ଛତା ପାଇଁ ସମସ୍ତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଏକ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଟିଏସ୍‌ଏମ୍‌ର ପରିବେଶ ପ୍ରବନ୍ଧନ ବିଭାଗୀୟ ମୁଖ୍ୟ ଅନୁପ ଶ୍ରୀବାସ୍ତବ ଯୋଗଦେଇ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟିଏମ୍‌ଏମ୍‌ର ହାଉସିଂ କଲୋନୀରେ ରହୁଥିବା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଚଳିତବର୍ଷ 'ଆମ ଜମି, ଆମ ଭବିଷ୍ୟତ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବ ଚିତ୍ରକରମାନେ ସେମାନଙ୍କର ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ପ୍ରକୃତି ଏବଂ ଶିଳ୍ପର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଆଧାର କରି ଏକ ସ୍ଥାୟୀ ଭବିଷ୍ୟତର ସ୍ୱପ୍ନକୁ ନିଜ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ହାଉସିଂ କଲୋନୀ ଭିତରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରାୟ ୧ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁରୂପ କାର୍ଯ୍ୟକ୍ରମ ଚଳିତ ଜୁନ୍ ମାସବ୍ୟାପୀ ଜାରି ରହିବ ବୋଲି ଯୋଜନା କରାଯାଇଛି। ପ୍ରତିବର୍ଷ ଜୁନ୍ ମାସରେ ଟାଟା ସଷ୍ଟେନେବିଲିଟି ପକ୍ଷରୁ ଆୟୋଜିତ ଟାଟା ସ୍ଥାୟୀତ୍ୱ ମାସରେ ଟାଟା ଗ୍ରୁପ୍ କିପରି ସ୍ଥାୟିତ୍ୱ, ଆଭିମୁଖ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସହକର୍ମୀମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଏହି ମାସକୁ ପାଳନ କରାଯାଏ।






ମହିଳାଙ୍କ ଅଧିକାର ପାଇଁ ହେଉଥିବା ସଂଗ୍ରାମର ବିଜୟ ସମ୍ଭାବନା ଅଧିକ।
-ମାର୍ଗାରେଟ୍ ଥାଚର


ସକାଳ
THE SAKALA


## ରାଜକୋଟ ଓ ଦିଲ୍ଲୀର ମର୍ମନ୍ତୁଦ ଅଗ୍ନିକାଣ୍ଡ

# ଅଗ୍ନିସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉ

ଦେଶରେ ଚଳିତ ସାଧାରଣ ନିର୍ବାଚନର କୋଳାହଳ ସତ୍ତ୍ୱେ ନିକଟରେ ଘଟିଥିବା ଦୁଇଟି ମର୍ମନ୍ତୁଦ ଅଗ୍ନିକାଣ୍ଡ ଓ ନିରୀହଙ୍କ ପ୍ରାଣହାନିର କରୁଣ ସମ୍ବାଦ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେଥିରୁ ଗୋଟିଏ ହେଲା ଗୁଜରାଟର ରାଜକୋଟ ସ୍ଥିତ ଏକ ମନୋରଞ୍ଜନ କେନ୍ଦ୍ର (ଗେମିଙ୍ଗ ଜୋନ୍) ଓ ଅନ୍ୟଟି ହେଲା ଦିଲ୍ଲୀର ଏକ ଘରୋଇ ଶିଶୁ ଚିକିତ୍ସାଳୟ। ଗେମିଙ୍ଗ ବଜାରରେ ଗତ ଶନିବାର ଘଟିଥିବା ଅଗ୍ନିକାଣ୍ଡରେ ୨୭ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ରହିଛନ୍ତି ଅନେକ ଶିଶୁ ଓ ମହିଳା। ସେହିଭଳି ସେଇ ଶନିବାର ରାତିରେ ଦିଲ୍ଲୀର ବିବେକ ବିହାର ସ୍ଥିତ ଏକ ଘରୋଇ ଶିଶୁ ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଘଟି ସାତଜଣ ନବଜାତକ ଜଳି ଯାଇଛନ୍ତି ଏବଂ ଆହୁରି ଅନେକ ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ ନିଆଁ ଲାଗିବା ଭାରତରେ ପ୍ରଥମ ଘଟଣା ନୁହେଁ, କିନ୍ତୁ ଗେମିଂ ଜୋନ୍‌ରେ ଅଗ୍ନିକାଣ୍ଡ ପ୍ରଥମ ଥର ପାଇଁ ଘଟିଛି। ଏହି ଘଟଣା ଆମ ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଏହା ପ୍ରତିକୂଳ ପ୍ରଭାବ ପକାଇବ।

କହିବା ବାହୁଲ୍ୟ ଯେ ଏଭଳି ଅଗ୍ନିକାଣ୍ଡ ଘଟଣା ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଘଟୁଛି ଏବଂ ବାରମ୍ବାର ଏହା ଘଟୁଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କର ଚେତା ପଶୁନାହିଁ। ଚରମ ପ୍ରଶାସନିକ ଅବହେଳା, ସଂସ୍ଥାନ ପରିଚାଳକଙ୍କର ଆଇନକୁ ବେଖାତିର ତଥା ନିରୀହ ଉପଭୋକ୍ତା ଓ ତାଙ୍କ ଅଭିଭାବକମାନଙ୍କର ବିପଦସଂକୁଳ ପରିସ୍ଥିତି ପ୍ରତି ଦୁର୍ଭାଗ୍ୟପୂର୍ଣ୍ଣ ବେପରୁଆ ମନୋଭାବ ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ଦିଲ୍ଲୀର ଉପହାର ସିନେମାହଲ୍ ଏବଂ ତାମିଲନାଡୁର କୁମ୍ଭକୋଣମ୍ ସ୍କୁଲ୍ ଅଗ୍ନିକାଣ୍ଡ ଭଳି ଭୟାବହ ଓ ହୃଦୟ ବିଦାରକ ଘଟଣା ପରେ ମଧ୍ୟ ଆମ ଦେଶର ଅଗ୍ନି ନିରାପତ୍ତା ଆଇନ ଏବଂ ତାହାର ପରିପାଳନ ଏଭଳି ଘଟଣାକୁ ନିୟନ୍ତ୍ରଣ କରିପାରୁନାହିଁ। କିଛିବର୍ଷ ତଳେ ଆମ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ମଧ୍ୟ ଏଭଳି ଅଗ୍ନିକାଣ୍ଡ ଘଟି ଅନେକ ରୋଗୀଙ୍କର ଜୀବନ ଯାଇଥିଲା। ବହୁବର୍ଷ ପୂର୍ବରୁ ବାରିପଦାର ସତ୍‌ସଙ୍ଗ ସମାବେଶରେ ଅଗ୍ନିକାଣ୍ଡ ଘଟି ମଧ୍ୟ ଶତାଧିକ ମରିଥିଲେ। ନିକଟରେ ମଧ୍ୟ ମୁମ୍ବାଇ ନଗରୀରେ ଏକ ପ୍ରକାଣ୍ଡ ହୋର୍ଡିଂ କାଳବୈଶାଖୀରେ ଭାଙ୍ଗି ଯାଇ ପାଖରେ ଥିବା ଏକ ପେଟ୍ରୋଲ ପମ୍ପ ଉପରେ ପଡ଼ିବାରୁ ବହୁଲୋକ ମୃତାହତ ହୋଇଥିଲେ।

ଆଇନର ଉପଯୁକ୍ତ ପରିପାଳନ ନ ହେବା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯଥାର୍ଥ ତଦାରଖରେ ଅବହେଳା ଏସବୁ ଦୁର୍ଘଟଣାର ମୁଖ୍ୟ କାରଣ। ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ। ଏଠାରେ ଜନଗହଳି ଏକ ସ୍ୱାଭାବିକ କଥା। ସାଧାରଣ କାମଚଳା ବ୍ୟବସ୍ଥାରେ ଲୋକେ ବହୁସଂଖ୍ୟାରେ ଏକାଠି ହୋଇ ନିଜର କାର୍ଯ୍ୟ ହାସଲ କରିଥା'ନ୍ତି। ତା' ଭିତରେ ସେମାନେ ନିଜର ନିରାପତ୍ତାକୁ ଭୁଲି ଯାଆନ୍ତି। ତେଣୁ ଏଭଳି ଦୁର୍ଘଟଣାର ପୁନରାବୃତ୍ତି ବାରମ୍ବାର ଘଟିଥାଏ। ଏକ ବିକଶିତ ରାଷ୍ଟ୍ର ହେବାକୁ ଯାଉଥିବା ଭାରତ ପାଇଁ ଏହା ଭଲ ଖବର ନୁହେଁ।

ବହୁବିଧ ଖେଳ ଓ ମନୋରଞ୍ଜନ କେନ୍ଦ୍ର ଆଜିକାଲି ଯୁବଗୋଷ୍ଠୀଙ୍କ ପାଇଁ ଏକ ନୂଆ ଆକର୍ଷଣ କେନ୍ଦ୍ର ତଥା ଏକ ଲାଭପ୍ରଦ ବ୍ୟବସାୟ ଭାବେ ଉଭା ହୋଇଛି। ସେହିଭଳି 'ୱାଟର ପାର୍କ' ଓ 'ଆଡ୍‌ଭେଞ୍ଚର ପାର୍କ' ଆଦି ମଧ୍ୟ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ହ୍ରଦ, ନଦୀ ଓ ସମୁଦ୍ରକୂଳରେ ମଲ୍‌ମାନ ତିଆରି କରି ସେଠାରେ ଲୋକଙ୍କୁ ମନୋରଞ୍ଜନ, ଭୋଜନ ଓ ଚିତ୍ତବିନୋଦନର ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଭାରତୀୟ ସାଂସ୍କୃତିକ ପରମ୍ପରା ପୃଷ୍ଠଭୂମିରେ ବର୍ଷସାରା ବିଭିନ୍ନ ସ୍ଥାନରେ ଯାତ୍ରା ଓ ଧାର୍ମିକ ମେଳାର ଆୟୋଜନ ମଧ୍ୟ ଏହିଭଳି ଏକ ବିରାଟ ଜନ ସମାବେଶର ଅବସର। ଉଦାହରଣ ସ୍ୱରୂପ କୁମ୍ଭ ମେଳା, ରଥଯାତ୍ରା, ଗଙ୍ଗାସାଗର ମେଳା, ଜାଲିକାଟ୍ଟୁ, ଦିୱାଲି ମେଳା ଇତ୍ୟାଦି। ଏହିସବୁ ଉତ୍ସବ ମାନଙ୍କ ପାଇଁ ଆବଶ୍ୟକୀୟ ସୁରକ୍ଷା ବିଧି, ଅଗ୍ନିନିରୋଧ ବ୍ୟବସ୍ଥା, ଜନଗହଳି ନିୟନ୍ତ୍ରଣ ଓ ଟ୍ରାଫିକ୍ ପରିଚାଳନା, ଖାଦ୍ୟ ଦ୍ରବ୍ୟର ସ୍ୱାସ୍ଥ୍ୟକାରିତା ତଥା ଅସାମାଜିକ ତତ୍ତ୍ୱମାନଙ୍କର ସକ୍ରିୟତାକୁ ନିୟନ୍ତ୍ରଣ କରିବା ଆଦି ବିଭିନ୍ନ ବ୍ୟବସ୍ଥା ପାଇଁ ସ୍ଥାନୀୟ ପୁଲିସ୍ ତଥା ମ୍ୟୁନିସିପାଲିଟି ଆଦିର ଲାଇସେନ୍ସ ନେବାକୁ ପଡ଼ିଥାଏ। କିନ୍ତୁ ଅନେକ ଜାଗାରେ ଦେଖାଯାଇଛି ଯେ ଏଭଳି ପ୍ରତ୍ୟେକ ଉତ୍ସବ ଓ ମେଳାର ଅଧିକାଂଶ ଷ୍ଟଲ୍‌ମାନଙ୍କରେ ଲାଇସେନ୍ସରେ ଦର୍ଶାଯାଇଥିବା ପ୍ରତିଷେଧକ ବ୍ୟବସ୍ଥା ଆଂଶିକ ଥାଏ କିମ୍ବା ଆଦୌ ନଥାଏ। ବାସ୍ତବ କ୍ଷେତ୍ରରେ ଏହାର ତତ୍ତ୍ୱାବଧାନ ମଧ୍ୟ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଭଲ ଭାବରେ କରନ୍ତି ନାହିଁ ତଥା ଛୋଟକାଟର ଦୁର୍ନୀତି ମଧ୍ୟ ଏଥିରେ ଦେଖିବାକୁ ମିଳେ। ଗୁଜରାଟର ରାଜକୋଟ ଅଗ୍ନିକାଣ୍ଡକୁ ସ୍ୱୟଂକ୍ରିୟ ଭାବରେ ବିଚାରକୁ ନେଇ ଗୁଜରାଟ ହାଇକୋର୍ଟର ଖଣ୍ଡପୀଠ ସ୍ଥାନୀୟ ପୁଲିସ ପ୍ରଶାସନ ଓ ମ୍ୟୁନିସିପାଲିଟି ଉପରେ ବହୁତ ଗାଳି ବର୍ଷଣ କରିଛନ୍ତି। ବିଚାରପତି ଦ୍ୱୟ କଟୁ ମନ୍ତବ୍ୟ କରି ଖେଦ ପ୍ରକାଶ କରିଛନ୍ତି ଯେ ଦୁଇବର୍ଷ ତଳେ ଗୋଟିଏ ମାମଲାରେ ଅଦାଲତ ସ୍ଥାନୀୟ ପୁଲିସ ଓ ପ୍ରଶାସନକୁ ଯେଉଁସବୁ ନିର୍ଦ୍ଦେଶ ଦେଇଥିଲେ ତାହା ଆଦୌ ପାଳନ କରାଯାଇନାହିଁ। ବାସ୍ତବରେ ଏହି ସବୁ ମନୋରଞ୍ଜନ କେନ୍ଦ୍ରଗୁଡ଼ିକ ବିନା ଲାଇସେନ୍ସରେ ଓ ଅସ୍ଥାୟୀ ନିର୍ମାଣ ଅବସ୍ଥାରେ ସଞ୍ଚାଳନ କରାଯାଉଥିଲା, ଯାହା ଫଳରେ ଏତେଗୁଡ଼ିଏ ନିରୀହ ପ୍ରାଣ ଚାଲିଗଲା। ଏବେ ସହରାଞ୍ଚଳରେ ଲୋକଙ୍କ ଆର୍ଥିକ ଅବସ୍ଥା ଅପେକ୍ଷାକୃତ ଭଲ। ସହରୀଜୀବନର ଧାଁ ଧପଡ଼ରୁ ସାମୟିକ ମୁକ୍ତି ପାଇବାକୁ ଯେଉଁମାନେ ମନୋରଞ୍ଜନ ପାଇଁ ଏଭଳି ଗେମିଂଜୋନ୍ ବା ମଲ୍ ଆଦିକୁ ଯାଉଛନ୍ତି, ସେମାନେ ଜାଣି ନାହାନ୍ତି ଯେ ମୃତ୍ୟୁ ସେମାନଙ୍କୁ ଗୋଡ଼େ ଗୋଡ଼େ ଜଗି ରହିଛି। ଦେଶରେ ସାଧାରଣ ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନ ଅଧିକ ଲୋକପ୍ରିୟ ହେଉଥିବା ବେଳେ ବିଦେଶରୁ ବହୁ ଲୋକ ଭାରତ ଆସୁଛନ୍ତି। ଏଭଳି ଘଟଣା ସେମାନଙ୍କୁ ନିରୁତ୍ସାହିତ କରିବ।

ସ୍କୁଲ କିମ୍ବା ହଷ୍ଟେଲ, ଡାକ୍ତରଖାନା ହେଉ ବା ମଲ୍, ଗେମିଂ ଜୋନ୍ ହେଉ ବା ଜନଗହଳି ସ୍ଥାନ କିମ୍ବା ସିନେମାଘର ଓ ବହୁତଳ ଆବାସିକ ଆପାର୍ଟମେଣ୍ଟ ଏପରିକି ସାଧାରଣ ପରିବହନ ପାଇଁ ଉଦ୍ଦିଷ୍ଟ ଯାନବାହନ ଏବଂ ପ୍ରତୀକ୍ଷାଳୟ- ସବୁଠି ଲୋକଙ୍କ ଭିଡ଼ ନିଶ୍ଚୟ ଜମିବ। ଏହାସହିତ ମଧ୍ୟ ବ୍ୟାବସାୟିକ ଅର୍ଥନୀତି ସମ୍ପୃକ୍ତ। ଧନୀ ଲୋକ ଏବଂ ଉଦ୍ୟୋଗୀମାନେ ତୁରନ୍ତ ଲାଭ ପାଇଁ ଏ କ୍ଷେତ୍ରରେ ପୁଞ୍ଜି ନିବେଶ କରୁଛନ୍ତି। ହେଲେ ଏ ସବୁଠି ମୌଳିକ ଆବଶ୍ୟକତା ହେଲା ସୁରକ୍ଷା ଓ ନିରାପତ୍ତା। ସେଥିରୁ ଅଗ୍ନି ନିରାପତ୍ତା ସର୍ବାଗ୍ରେ। ଅଗ୍ନି ନିରାପତ୍ତା ଆଇନ ପ୍ରଣୟନ କରି ତାହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ପ୍ରଶାସନର କାମ। ଜିଲ୍ଲା ଓ ପୌର ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ରଖିବା କଥା। ସମ୍ପୃକ୍ତ ସ୍ଥାନଗୁଡ଼ିକର ନିର୍ମାଣ ମଞ୍ଜୁରି ଦେବା ବେଳେ ବାଧ୍ୟତାମୂଳକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବା ଏକ ପ୍ରଥମ ସର୍ତ୍ତ। ଏହାସତ୍ତ୍ୱେ ବାରମ୍ବାର ଦୁର୍ଘଟଣା ଘଟିବାର କାରଣ ହେଲା ଏହି ନିୟମର ଉଲ୍ଲଂଘନ ହେଉଛି କିମ୍ବା ଏହାର କାର୍ଯ୍ୟକାରିତା ପ୍ରତି କର୍ତ୍ତୃପକ୍ଷ ଉପଯୁକ୍ତ ଦୃଷ୍ଟି ଦେଉନାହାନ୍ତି। ଅନେକ ସମୟରେ ଉଦ୍ୟୋଗୀ ଲାଞ୍ଚ ଦେଇ ନିୟମ କୋହଳ କରୁଥିବାର ଅଭିଯୋଗ ହୁଏ, ଯେଉଁଥିରେ ତଦାରଖକାରୀ କର୍ତ୍ତୃପକ୍ଷଙ୍କ ଅଧିକାରୀ ସମ୍ପୃକ୍ତ ଥାଆନ୍ତି। ମାଲିକଙ୍କୁ ଗିରଫ, ମୃତାହତଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଏଥିପାଇଁ ଅଧିକ କିଛି କରିବାକୁ ହେବ। ରାଜକୋଟ ଅଗ୍ନିକାଣ୍ଡ ଘଟଣାରେ ସମ୍ପୃକ୍ତ ଅନୈତିକ ଓ ବେପରୁଆ ବ୍ୟବସାୟୀମାନେ ଦେଶର ସବୁଆଡ଼େ ଅଛନ୍ତି। ସେମାନେ ସରକାରୀ ଜମି ବେଆଇନ ଦଖଲ କରି ଏଭଳି ଅସୁରକ୍ଷିତ କାର୍ଯ୍ୟକଳାପ ଚଳାଇ ପ୍ରତି ମୁହୂର୍ତ୍ତରେ ଧନଜୀବନ ହାନିକୁ ଆମନ୍ତ୍ରଣ ଜଣାଉଛନ୍ତି। ଏଥିପାଇଁ ଉଦ୍ରେଚିତ ନ୍ୟାୟିକ ପ୍ରକରଣରେ କାର୍ଯ୍ୟାନୁଷ୍ଠାନ କଲେ ଏହାର ନିରାକରଣ ସମ୍ଭବ ନୁହେଁ ବୋଲି ଆମେ ଦେଖି ଆସୁଛୁ। ସମ୍ପ୍ରତି କେତେକ ରାଜ୍ୟ ସରକାର 'ବୁଲ୍‌ଡୋଜର ନ୍ୟାୟ'ର ବହୁଳ ପ୍ରୟୋଗ ଦ୍ୱାରା ଜବରଦଖଲ ଉଚ୍ଛେଦ, କୁଖ୍ୟାତ ଗୁଣ୍ଡା ଅପରାଧୀଙ୍କ ବେଆଇନ କୋଠାବାଡ଼ିକୁ ତତ୍କାଳ ବୁଲ୍‌ଡୋଜର ଲଗାଇ ଧ୍ୱଂସ କରିବା ବେଶ୍ ଉପଯୋଗୀ ଓ କଲ୍ୟାଣକାରୀ ଭାବେ ଜନାଦୃତ ହେଉଛି। ଆଇନର ଶାସନ ଓ ନ୍ୟାୟ ବ୍ୟବସ୍ଥା ମଧ୍ୟରେ ଏଭଳି କଠୋର ଦମନମୂଳକ ପଦକ୍ଷେପକୁ ଖୋଲା ସମର୍ଥନ ଦେବା ମଧ୍ୟ ଅନ୍ୟାୟ, କିନ୍ତୁ ଯେସାକୁ ତେସା ନ୍ୟାୟରେ 'କଣ୍ଟକନୈବ କଣ୍ଟକମ୍' ରଣନୀତି ହିଁ ଶଠ ବ୍ୟବସାୟୀମାନଙ୍କୁ ଦମନ କରିପାରିବେ।

### ଘୋଷଣା


ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com


# ପ୍ରେମର ଭାଷା 'ଆମ୍ବ'




ଅଶୋକ ଓଗ୍ରା
ନୂଆଦିଲ୍ଲୀ, ମୋ: ୯୮୧୦୫୦୨୬୭୪


ଏବେ ଭାରତରେ ନିର୍ବାଚନର କୋଳାହଳ ଭିତରେ ଆମ୍ବ ଋତୁ ଚାଲିଛି। ଆମର ଖାଦ୍ୟ ସାମଗ୍ରୀ ଭିତରେ ସବୁଠାରୁ ସ୍ୱାଦିଷ୍ଟ ଉପାଦାନ ଭାବରେ, ବିଶେଷକରି ଗ୍ରୀଷ୍ମ ଋତୁରେ, ଆମ୍ବର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଫଳକୁ କଞ୍ଚା, ପାଚିଲା, ପଣା, ଚଟଣି, ଖଟା, ଆଚାର ଆଦି ବିଭିନ୍ନ ପ୍ରକାରରେ ବ୍ୟବହାର କରାଯାଏ। ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ଜାତି ଓ କିସମର ଉନ୍ନତ ଓ ଅନନ୍ୟ ସ୍ୱାଦର ଆମ୍ବ ଉପଲବ୍ଧ ହୁଏ। ଆମ ଓଡ଼ିଶାରେ ମଧ୍ୟ ବହୁ ପାରମ୍ପରିକ ତଥା ସ୍ଥାନୀୟ ଆମ୍ବର ପ୍ରଜାତି ଆଜି ମଧ୍ୟ ଦେଖିବାକୁ ମିଳେ। ଅବଶ୍ୟ ଦେଶ ସାରା ଏବେ କଲମୀ ତଥା ଟିସୁ କଲଚର ମାଧ୍ୟମରେ ଆଧୁନିକ କିସମର ଆମ୍ବ ମିଳିଲାଣି।

ସ୍ୱାଦ ଓ ବାସ୍ନା ଯୋଗୁଁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ। ଇତିହାସକାରମାନଙ୍କ ତଥ୍ୟାନୁଯାୟୀ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ବୈଦିକ ସାହିତ୍ୟ, ବୁଦ୍ଧ ସାହିତ୍ୟ, ଅଶୋକଙ୍କ ଶିଳାଲେଖ ଓ ଚୀନ୍ ପରିବ୍ରାଜକ ହୁଏନ୍ ସାଂଙ୍କ ଭ୍ରମଣ କାହାଣୀରେ ଆମ୍ବର ବର୍ଣ୍ଣନା ରହିଛି। ଆମ୍ବର ପୁରାତନ ନାମ ଥିଲା 'ଆମ୍ର-ଫଳ'। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ବର୍ଣ୍ଣନା କରାଯାଇଛି। ବୃହଦାରଣ୍ୟକ ଉପନିଷଦ ଓ ପୁରାଣରେ ଆମ୍ବଗଛ ଛେଦନକୁ ବାରଣ କରାଯାଇଛି। ତାମିଲ ଭାଷାରେ ଆମ୍ବକୁ 'ଆମ-କେ' କୁହାଯାଉଥିଲା। କାଳକ୍ରମେ ଏହା ଲୋକମୁଖରେ 'ମାମ୍ଗେ' ହୋଇ ମାଲାୟାଲାମ୍ ଭାଷାରେ 'ମାଙ୍ଗା' ନାମରେ ଖ୍ୟାତ ହେଲା। କିମ୍ବଦନ୍ତୀ ଅନୁଯାୟୀ ଗୌତମ ବୁଦ୍ଧଙ୍କୁ ଆମ୍ବ ଗଛ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା, ଯାହାର ବିଶାଳ ଛାଇ ତଳେ ସେ ବିଶ୍ରାମ ନେଉଥିଲେ।

ଗ୍ରୀକ୍ ବୀର ଆଲେକ୍ଜାଣ୍ଡାର ଭାରତରେ ରାଜା ପୁରୁଙ୍କ ସହିତ ଯୁଦ୍ଧ ପରେ ଗ୍ରୀସ୍ ଫେରିବା ବେଳେ ମାସିଡୋନିଆକୁ ବିପୁଳ ପରିମାଣର ଆମ୍ବ ନେଇଥିବା କୁହାଯାଏ। ପରିବ୍ରାଜକ ମେଘାସ୍ଥିନିସ୍ ଓ ହୁଏନ୍-ସାଂ ତାଙ୍କ ଭ୍ରମଣ କାହାଣୀରେ ଉଲ୍ଲେଖ କରିଛନ୍ତି ଯେ ପ୍ରାଚୀନ ଭାରତୀୟ ରାଜାମାନେ ବିଶେଷକରି ମୌର୍ଯ୍ୟବଂଶୀୟ ରାଜାମାନେ ସମୃଦ୍ଧିର ପ୍ରତୀକ ସ୍ୱରୂପ ରାଜପଥ ଓ ସର୍ବସାଧାରଣ ରାସ୍ତା କଡ଼ରେ ଆମ୍ବଗଛମାନ ରୋପଣ କରିଥିଲେ। ମଧ୍ୟଯୁଗରେ ସମ୍ରାଟ ଆଲ୍ଲାଉଦ୍ଦିନ ଖିଲଜୀ ଆମ୍ବର ବହୁଳ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଥିଲେ। ଏହାପରେ ମୋଗଲ ଶାସନ କାଳରେ ଏହି ସ୍ୱାଦିଷ୍ଟ ଫଳ ରାଜକୀୟ ପୃଷ୍ଠପୋଷକତା ପାଇ ପରବର୍ତ୍ତୀ ରାଜକୀୟ ପିଢ଼ି ଦ୍ୱାରା ଆଦୃତ ହେଲା ଏବଂ ଆହୁରି ବ୍ୟାପକ ଭାବେ ସମାଜର ସବୁବର୍ଗ ପାଖରେ ପହଞ୍ଚି ପାରିଥିଲା। ବାବରଙ୍କ ଆତ୍ମଜୀବନୀ 'ବାବର ନାମା'ରେ ଆମ୍ବ ବିଷୟରେ ବିସ୍ତୃତ ବିବରଣୀ ଦେଖିବାକୁ ମିଳେ। ସମ୍ରାଟ୍ ଜାହାଙ୍ଗୀରଙ୍କ ଲିଖିତ 'ତୁଜୁକ୍-ଇ-ଜାହାଙ୍ଗୀର'ରେ ମଧ୍ୟ ଆମ୍ବ ବିଷୟରେ ବର୍ଣ୍ଣନା କରାଯାଇଛି। ଫଳ ମାନଙ୍କ ମଧ୍ୟରେ ଆମ୍ବକୁ ସେ ସବୁଠାରୁ ଅଧିକ ଭଲ ପାଉଥିବା ଉଲ୍ଲେଖ କରିଛନ୍ତି। ମୋଗଲ ଶାସନ କାଳରେ ବିଶେଷକରି ଜାହାଙ୍ଗୀର ଓ ଶାହାଜାହାନ୍ଙ୍କ ଖାଦ୍ୟ ତାଲିକାରେ ଆମ୍ବ ପନ୍ନା, ଆମ୍ବା ଲୌଜ, ଆମ୍ କା ମିଠା ପଲଉ ଆଦି ସାମିଲ୍ ଥିଲା। ଏହି ଖାଦ୍ୟ ପ୍ରସ୍ତୁତ କରି ରୋଷେୟାମାନେ ପ୍ରଚୁର ରାଜକୀୟ ପୁରସ୍କାର ପାଉଥିଲେ। ଶାହାଜାହାନବାଦରେ ଗ୍ରୀଷ୍ମକାଳରେ ନିରବଚ୍ଛିନ୍ନ ଭାବେ ସୁସ୍ୱାଦୁ ଆମ୍ବ ବିକ୍ରି ହେବାର ବ୍ୟବସ୍ଥା କରାଯାଇଥିଲା। ମୋଗଲମାନଙ୍କ ରାଜପ୍ରାସାଦରେ ଅନେକ ସୁନ୍ଦର ତୈଳଚିତ୍ର ଶୋଭା ପାଉଥିଲା, ଯେଉଁଥିରେ ଫଳନ୍ତି ଆମ୍ବଗଛ ଓ ତା' ତଳେ ସୁନ୍ଦର ପକ୍ଷୀମାନେ ବିଚରଣ କରୁଥିବାର ଦୃଶ୍ୟ ରହିଥିଲା। ସେହିପରି ମରାଠା ରାଜତ୍ୱ ସମୟରେ ମଧ୍ୟ ଆମ୍ବର ବହୁଳ ଆଦର ଦେଖିବାକୁ ମିଳେ। ରଘୁନାଥ ପେଶୱା ମରାଠାମାନଙ୍କ ବୀରତ୍ୱ ଓ ଗୌରବର ପ୍ରତୀକ ଭାବରେ ୧୦ ନିୟୁତ ଆମ୍ବଗଛ ଲଗାଇଥିଲେ। ଭାରତର ପଶ୍ଚିମ ଉପକୂଳ ରାଜ୍ୟ ମାନଙ୍କରେ ପ୍ରସିଦ୍ଧ ଆମ୍ବ ପ୍ରଜାତି 'ଆଲଫୋନ୍ସୋ' ବା 'ହାପୁସ୍'ଏହି ସମୟରେ ବହୁତ ଲୋକପ୍ରିୟ ହୋଇଥିଲା।



ଭାରତର ସୁସ୍ୱାଦୁ ଫଳ ଆମ୍ବ , ଲେଖକ ଏବଂ କବିମାନଙ୍କୁ ମଧ୍ୟ ଆକର୍ଷଣ କରିଛି। ପ୍ରସିଦ୍ଧ ପାର୍ସୀ କବି ଆମୀର ଖୁସ୍ରୁ ଆମ୍ବକୁ 'ନାଗଜା ଟାରିନ ମେୱା ହିନ୍ଦୁସ୍ଥାନ' ବା 'ହିନ୍ଦୁସ୍ଥାନର ସବୁଠାରୁ ସୁନ୍ଦର ଫଳ' ଭାବେ ଆଖ୍ୟାୟିତ କରିଥିଲେ। ବିଖ୍ୟାତ ଶାୟରୀ ରଚନାକାର ମିର୍ଜା ଗାଲିବ୍ଙ୍କ ସହିତ ଆମ୍ବର ଅନେକ କାହାଣୀ ଯୋଡ଼ିହୋଇ ରହିଛି। କୁହାଯାଏ, ଥରେ ଗାଲିବ ଆମ୍ବ ଖାଉଥିଲେ। ତାଙ୍କ ସହ ଜଣେ ଡାକ୍ତର ବନ୍ଧୁ ହାକିମ ରଜ୍ଜୁଦ୍ଦିନ ଖାନ ବସିଥିଲେ। ହାକିମ ସାହେବ ଏକ ଗଧକୁ ଅଳିଆ ଗଦା ପାଖରେ ବୁଲୁଥିବାର ଦେଖିଲେ। ଗଧଟି ଅଳିଆ ଗଦା ନିକଟରେ ପଡ଼ିଥିବା ଆମ୍ବକୁ ଛୁଇଁଲା ନାହିଁ। ହାକିମ ସାହିବ ଏ ବିଷୟରେ ଟିପ୍ପଣୀ ଦେଇ କହିଲେ ଯେ 'ମିର୍ଜା ଦେଖ, ଗଧ ମଧ୍ୟ ଆମ୍ବ ପସନ୍ଦ କରେ ନାହିଁ।' ଗାଲିବ ତାଙ୍କର ଚିରାଚରିତ ଶୈଳୀରେ ଉତ୍ତର ଦେଲେ ଯେ 'ହାକିମ ସାହେବ, ସତ କଥା। କେବଳ ଗୋଟିଏ ଗଧ ହିଁ ଆମ୍ବ ପସନ୍ଦ କରିବ ନାହିଁ।' ଆମ୍ବ ବିଷୟରେ ଗାଲିବ୍ ଏକ ଦୀର୍ଘ କବିତା ରଚନା କରିଥିଲେ, ଯାହାର ନାମ ହେଉଛି 'ଦର୍ସିଫତ୍ ଇ ଆମ୍'। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ମଧ୍ୟ ଆମ୍ବକୁ ଅତ୍ୟଧିକ ଭଲ ପାଉଥିଲେ ଏବଂ ବଉଳ ଉପରେ ଅନେକ ପ୍ରସିଦ୍ଧ କବିତା ଲେଖିଥିଲେ। ତା' ମଧ୍ୟରେ ସବୁଠାରୁ ଲୋକପ୍ରିୟ ହେଉଛି 'ଆମେର ମୋଞ୍ଜୋରି'।

ସେ ମୋଗଲ ସମ୍ରାଟ ହୁଅନ୍ତୁ ଅବା ଭାରତୀୟ ମହାରାଜା କିମ୍ବା ୟୁରୋପୀୟ ରାଜା, ସମସ୍ତେ ଆମ୍ବକୁ ଭଲ ପାଉଥିଲେ। ଛତ୍ରପତି ଶିବାଜୀ ମହାରାଜ ଏହା ବିଷୟରେ ଭଲ ଭାବରେ ଅବଗତ ଥିଲେ। ତେଣୁ ୧୬୬୬ ଖ୍ରୀଷ୍ଟାବ୍ଦରେ ଗ୍ରୀଷ୍ମ ସମୟରେ ଆଗ୍ରା ସମ୍ରାଟ ଆଉରଙ୍ଗଜେବ୍ଙ୍କ ନିକଟକୁ ଯିବା ସମୟରେ ଏକ ଆମ୍ବଝୁଡ଼ି ଉପହାର ସ୍ୱରୂପ ନେଇଥିଲେ। ସେଠାରେ ତାଙ୍କୁ ବନ୍ଦୀ କରାଗଲା। ସେଠାରୁ ଶିବାଜୀ ଓ ତାଙ୍କ ପୁଅ ସମ୍ବାଜୀ ଖସି ଆସିବାରେ ସେହି ଖାଲି ଆମ୍ବଝୁଡ଼ି ସହାୟତା କରିଥିଲା। ତା' ହୋଇ ନ ଥିଲେ ଶିବାଜୀ ୪୪ ବର୍ଷ ବୟସରେ ଛତ୍ରପତି ମୁକୁଟ ପିନ୍ଧିବା ପରିବର୍ତ୍ତେ ଦେଶରୁ ବୋଧହୁଏ ନିର୍ବାସିତ ହୋଇଥା'ନ୍ତେ। ଭାରତ ଇତିହାସରେ ଆମ୍ବର ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏଥିରୁ ଅନୁମେୟ।

ଭାରତର ପ୍ରଥମ ଔପନିବେଶିକ ବ୍ୟବସାୟୀ ପର୍ତ୍ତୁଗୀଜ୍ମାନେ ମୁସଲିମ୍ ସମ୍ରାଟମାନଙ୍କୁ ଓ ଡେକାନ୍ ଓ ମରାଠାମାନଙ୍କୁ କୋଙ୍କଣ ବନ୍ଦର ଜରିଆରେ ପ୍ରସିଦ୍ଧ ଆଲଫୋନ୍ସୋ ଆମ୍ବ ଉପହାର ରୂପେ ପଠାଇଥିଲେ। ବ୍ୟବସାୟ ବିଦ୍ୟାରେ ନିପୁଣ ପର୍ତ୍ତୁଗୀଜ୍ମାନେ ଏହାପରେ ବିଭିନ୍ନ ପ୍ରକାରର ଆମ୍ବକୁ ଭାରତରୁ ଆଫ୍ରିକା, ବ୍ରାଜିଲ ଏବଂ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ରପ୍ତାନୀ କରିଥିଲେ। ଏହିପରି ଭାରତୀୟ ଆମ୍ବ ବିଶ୍ୱବିସ୍ତାରୀ ହୋଇପାରିଥିଲା। ଭାରତ, ପାକିସ୍ତାନ ଓ ଫିଲିପାଇନ୍ସରେ ଆମ୍ବକୁ ଜାତୀୟ ଫଳ ଏବଂ ବାଂଲାଦେଶରେ ଆମ୍ବକୁ ଜାତୀୟ ବୃକ୍ଷର ମାନ୍ୟତା ଦିଆଯାଇଛି। ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଆମ୍ବ ଉତ୍ପାଦନକାରୀ ଦେଶ। ଭାରତରେ ବାର୍ଷିକ ୧୮ ନିୟୁତ ଟନ୍ ଆମ୍ବ ଉତ୍ପାଦିତ ଓ ଘରୋଇ ଭାବେ ବ୍ୟବହୃତ ହୁଏ।

ହାଇଦ୍ରାବାଦ୍ର ନାମପାଲି ଷ୍ଟେସନ୍ରେ ଥିବା ଗୋଟିଏ ଆମ୍ବଗଛ ବିଷୟରେ ଏକ କୌତୁହଳପ୍ରଦ କାହାଣୀ ରହିଛି। ୧୯୩୪ ମସିହା ମାର୍ଚ୍ଚ ୯ ତାରିଖରେ ହାଇଦ୍ରାବାଦ୍ ଗସ୍ତ ସମୟରେ ମହାତ୍ମା ଗାନ୍ଧୀ ଉକ୍ତ ଆମ୍ବଗଛ ସେଠାରେ ରୋପଣ କରିଥିଲେ ଏବଂ ତାହା କାଳକ୍ରମେ ବିସ୍ତାରିତ ହୋଇଥିଲା। ଗାନ୍ଧିଜୀ ଆମ୍ବଗଛକୁ ବହୁତ ଭଲ ପାଉଥିଲେ ଏବଂ ସେ ଯେଉଁଠାକୁ ଯାଉଥିଲେ ସାଙ୍ଗରେ ଆମ୍ବ ଚାରାଟିଏ କୁଣ୍ଡରେ ନେଉଥିଲେ। ୟେରାଓ୍ୱାଡା ଜେଲ୍ରେ ଥିବା ବେଳେ ସେ ଆମ୍ବ ଖାଉଥିବା ବେଳେ ଫୋପାଡ଼ି ଦେଇଥିବା ଟାକୁଆରୁ ଗଛ ହେବାର ଦେଖିଲେ। ସେ ସେହି ଚାରାର ଯତ୍ନ ନେଲେ ଏବଂ ଜେଲ୍ରୁ ମୁକୁଳିବା ପରେ ସେହି ଚାରାକୁ ନିଜ ସାଙ୍ଗରେ ନେଇ ଆସିଲେ। ହାଇଦ୍ରାବାଦ୍ ଗସ୍ତ ବେଳେ ସେ ସେହି ଚାରାଟିକୁ ସାଙ୍ଗରେ ନେଇଥିଲେ। ବ୍ରିଟେନ ସମ୍ରାଟ ଜର୍ଜ ଷଷ୍ଠଙ୍କ ଅନ୍ତିମ ସଂସ୍କାରରେ ସରକାରୀ ଭାବେ ଆମ୍ବ ବ୍ୟବହାର କରାଯାଇଥିଲା।

ଉପହାର ରୂପେ ଆମ୍ବର ସର୍ବଶ୍ରେଷ୍ଠ ବ୍ୟବହାରକାରୀ ଭାବରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ନାମ ଆସିବ। ତାଙ୍କର ପୈତୃକ ଘର ଆହ୍ଲାବାଦ୍ରେ ଥିବାରୁ ସେ ଆମ୍ବ ସହିତ ଓତପ୍ରୋତ ଭାବେ ଜଡ଼ିତ ଥିଲେ। ତେଣୁ ଭାରତ ଗସ୍ତରେ ଆସୁଥିବା ବିଦେଶୀ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଆପ୍ୟାୟିତ କରିବା ପାଇଁ ଆମ୍ବ ଦେଉଥିଲେ। ଏତଦ୍‌ବ୍ୟତୀତ ବିଦେଶ ଗସ୍ତରେ ଯିବାବେଳେ ନେହେରୁ ଆମ୍ବ କିମ୍ବା ଆମ୍ବ ଚାରା ନେଇ ଯାଉଥିଲେ।

ସ୍ୱାଦିଷ୍ଟ ରସାଳ ଆମ୍ବ ବିଷୟରେ ଆଉ ଏକ କୌତୁହଳପୂର୍ଣ୍ଣ ଘଟଣା ହେଲା ପ୍ରଥମେ ବିଦେଶୀମାନେ ଏହାକୁ କିପରି ଖାଇବାକୁ ହୁଏ ତାହା ଜାଣି ନଥିଲେ। ଜେନେଭାରେ ରହୁଥିବା ଜଣେ ଭାରତୀୟ କୂଟନୀତିଜ୍ଞ ବିଦେଶୀମାନଙ୍କୁ ଆମ୍ବ ଖାଇବାର କୌଶଳ ବତାଇଥିଲେ। ସେ ଏକଦା ଜାତିସଂଘର ମହାସଚିବ ଡାଗ୍ ହାମାରସ୍କୋଲ୍ଡଙ୍କୁ ଭେଟିଥିଲେ। ହାମାରସ୍କୋଲ୍ଡ ତାଙ୍କୁ କହିଥିଲେ ଯେ ସେ ଭାରତୀୟଙ୍କଠାରୁ ଉପହାର ସ୍ୱରୂପ ଆମ୍ବ ପାଇଛନ୍ତି, କିନ୍ତୁ କିପରି ଖାଇବାକୁ ହୁଏ ଜାଣି ନ ପାରିବାରୁ ତାହା ସେମିତି ପଡ଼ି ରହିଛି। ଭାରତୀୟ କୂଟନୀତିଜ୍ଞଜଣକ ତାଙ୍କୁ ସେହି ଅସୁବିଧାଜନକ ସ୍ଥିତିରୁ ମୁକ୍ତ କରି ଆମ୍ବ ଖାଇବାର ଉପାୟ ବତାଇ ଦେବା ପରେ ହାମାରସ୍କୋଲ୍ଡ ଅତ୍ୟନ୍ତ ଖୁସି ହୋଇଯାଇଥିଲେ। ପୂର୍ବତନ ସୋଭିଏତ୍ ସଂଘର ଶାସନ ମୁଖ୍ୟ ନିକିତା କ୍ରୁଶ୍ଚେଭ୍ଙ୍କୁ ନେହେରୁ ହିଁ ଆମ୍ବକୁ କିପରି ଶୋଷି ବା ଚୁଚୁମି ଖାଇବାକୁ ହୁଏ, ତାହା ଶିଖାଇ ଦେଇଥିଲେ। ଚୀନ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀ ଚୋ ଏନ୍-ଲାଇଙ୍କୁ ନେହେରୁ ଆମ୍ବକୁ କାଟି ଖାଇବାର ଓ ଜୁସ୍ କରି ପିଇବାର କୌଶଳ ଶିଖାଇଥିଲେ। କୁହାଯାଏ ନେହେରୁଙ୍କ ହାତରୁ ଆମ୍ବର ସ୍ୱାଦ ଚାଖିସାରିବା ପରେ ଚୋ-ଏନ୍-ଲାଇ ଭାରତ ସହିତ ଐତିହାସିକ ଦ୍ୱିପାକ୍ଷିକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ୨୦୦୬ରେ ନୂଆଦିଲ୍ଲୀ ଗସ୍ତ ସମୟରେ ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ୍ଙ୍କୁ ଆମ୍ବ ଦ୍ୱାରା ଆପ୍ୟାୟିତ କରାଯାଇଥିଲା। ଏହା ମଧ୍ୟ କୁହାଯାଏ ଯେ ଏହାପରେ ସ୍ୱାକ୍ଷରିତ ହୋଇଥିବା ଭାରତ-ଆମେରିକା ଆଣବିକ ଚୁକ୍ତିରେ ଫଳର ରାଜା ଆମ୍ବର ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କୁହାଯାଏ ପାକିସ୍ତାନର ତତ୍କାଳୀନ ଶାସନ ମୁଖ୍ୟ ଜିଆ ଉଲ୍ ହକ୍ଙ୍କ ଦେହାନ୍ତ ଆମ୍ବ ଝୁଡ଼ି ବିସ୍ଫୋରଣ ଯୋଗୁଁ ହୋଇଥିଲା। ସେ ଯେଉଁ ବିମାନରେ ଯାଇଥିଲେ ସେଥିରେ କେବଳ ଆମ୍ବ ଝୁଡ଼ିକୁ ଛାଡ଼ି ଅନ୍ୟ ସବୁ ଜିନିଷର ତନଖି କରାଯାଇଥିଲା। ଆମ୍ବ ସେଠାରେ ଏତେ ପ୍ରିୟ ଥିଲା ଯେ ସେହି ଝୁଡ଼ିକୁ ତନଖି କରିବାକୁ ସୁରକ୍ଷା ଅଧିକାରୀ ଉଚିତ ମଣି ନଥିଲେ। ଏହାର ସୁଯୋଗ ନେଇ ଆମ୍ବ ଝୁଡ଼ିରେ ହିଁ ବୋଧହୁଏ ବୋମା ରଖାଯାଇଥିଲା!

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ଉପସାଗରୀୟ ତଥା ଅନ୍ୟ ଆରବ ଦେଶମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆମ ସରକାର ପୁଣି ଥରେ ଆମ୍ବ କୂଟନୀତି ର ସହାୟତା ନେଇପାରିବେ। ଚୀନ୍ ଯଦି ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ପାଇଁ ପାଣ୍ଡା ଉପହାର ରୂପେ ଦେଇପାରଛି ଭାରତ କାହିଁକି ଆମ୍ବର ସାହାଯ୍ୟ ନେଇ ପାରିବ ନାହିଁ? ଆମ୍ବ ପାଚି ଖସି ପଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ। କାରଣ ଡେରିକଲେ ଆଉ କେହି ଗଛ ଚଢ଼ି ଆମ୍ବ ତୋଳି ସାରିଥିବ! ତେଣୁ ସମୟ ନଷ୍ଟ ନ କରି ତୁରନ୍ତ ରସାଳ ଆମ୍ବର ମଜା ଉପଭୋଗ କରନ୍ତୁ। ଆସନ୍ତା ଜୁନ୍ ୯ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଆମ୍ବ ଉତ୍ସବରେ ଯୋଗ ଦେବା ପାଇଁ ମୁଁ ଉତ୍ସୁକତାର ସହ ଅପେକ୍ଷା କରିଛି।

# ଋତୁସ୍ରାବ: ସମସ୍ୟା ନୁହେଁ, ସମ୍ମାନ!




ଡ. କଳ୍ପନା ସାହୁ
ଭୁବନେଶ୍ୱର, ମୋ: ୮୨୪୯୮୯୬୧୪୮


ଋତୁସ୍ରାବ ହେଉଛି ମହିଳାଙ୍କ ଜୀବନରେ ଏକ ପ୍ରମୁଖ ଶାରୀରିକ ପରିବର୍ତ୍ତନ। କିନ୍ତୁ ଜ୍ଞାନର ଅଭାବ, ଖରାପ ଅଭ୍ୟାସ, ସାମାଜିକ-ସାଂସ୍କୃତିକ ପ୍ରତିବନ୍ଧକ, ଅନ୍ୟାନ୍ୟ ଅପରିଷ୍କାର ପଦ୍ଧତି କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ ଓ କଲ୍ୟାଣ ଉପରେ ପ୍ରଭାବ ପକାଏ। ବିଶ୍ୱବ୍ୟାପୀ ମହିଳା ଓ ବାଳିକାମାନଙ୍କ ସ୍ୱାସ୍ଥ୍ୟ, ସୁସ୍ଥତା ଓ ସଶକ୍ତୀକରଣ ପାଇଁ ଉତ୍ତମ ମାସିକ ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସେମାନଙ୍କୁ ପୂର୍ଣ୍ଣ ସାମର୍ଥ୍ୟକୁ ପହଞ୍ଚାଇବାରେ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହରେ ସାହାଯ୍ୟ କରେ। ଏପରିକି ମିଳିତ ଜାତିସଂଘର ଚିରସ୍ଥାୟୀ ବିକାଶ ଲକ୍ଷ୍ୟରେ ମାସିକଧର୍ମ ସ୍ୱଚ୍ଛତା ମଧ୍ୟ ଅନ୍ତର୍ଭୁକ୍ତ। ସୁସ୍ଥ ଜୀବନ ଏବଂ ସମସ୍ତ ବୟସର ବାଳିକା ଓ ମହିଳାମାନଙ୍କର ସ୍ୱଚ୍ଛତା ଏହି ଲକ୍ଷ୍ୟରେ ଅନ୍ତର୍ଭୁକ୍ତ। ଏହା ଏକ ମାନବିକ ଅଧିକାର, ସମ୍ମାନ ଓ ସମାନତାର ବିଷୟ ଅଟେ।

ସିଆର୍‌ୱାଇ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଶିଶୁ ଅଧିକାର ପ୍ରସଙ୍ଗରେ ଏକ ସର୍ବେକ୍ଷଣ କରାଯାଇଥଲା, ଯେଉଁଥିରେ ଭାରତର କିଶୋରୀ ବାଳିକାମାନଙ୍କ ମଧ୍ୟରେ ଋତୁସ୍ରାବ ଏବଂ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଓ ଜ୍ଞାନର ମୂଲ୍ୟାଙ୍କନ ହୋଇଥିଲା। ସେହି ସର୍ବେକ୍ଷଣରେ ଦେଶର ୩୮ଟି ଜିଲ୍ଲାରୁ ୧୦-୧୭ ବର୍ଷ ବୟସର ପ୍ରାୟ ୪୦୦୦ ବାଳିକା ଅଂଶଗ୍ରହଣ କରିଥିଲେ। ଏକ ବ୍ରିଟିଶ ଭେଷଜ ପତ୍ରିକାରେ ପ୍ରକାଶିତ ଉକ୍ତ ରିପୋର୍ଟର ତଥ୍ୟ ଅନୁଯାୟୀ, ଭାରତରେ ୭୪ ପ୍ରତିଶତ ବାଳିକା ଋତୁସ୍ରାବ ସମୟରେ ବିଦ୍ୟାଳୟକୁ ଯାଆନ୍ତି ନାହିଁ। ଆମ ଦେଶରେ ଶିକ୍ଷାର ଅଭାବ, ଅର୍ଥାଭାବ, ନ୍ୟୂନ ମାନସିକତା ବାଳିକାର ପୂର୍ଣ୍ଣବିକାଶରେ ଅନ୍ତରାୟ ସୃଷ୍ଟିକରେ। ପିଲାଦିନରୁ ସହନଶୀଳତା, ଯନ୍ତ୍ରଣାକୁ ଚାପି ରଖିବା ଓ ଭୟ ସହିତ ବଞ୍ଚିବାକୁ ଶିକ୍ଷା ପାଏ। କୌଣସି କିଶୋରୀ ଏ ବିଷୟରେ ଖୋଲା ଆଲୋଚନାକୁ ସମାଜ, ପରିବାରର ଲୋକ ଗ୍ରହଣ କରନ୍ତି ନାହିଁ। ନିରବତା ଓ ଲଜ୍ଜା ବାଳିକାମାନଙ୍କର ଶାରୀରିକ ଓ ମାନସିକ ବିକାଶରେ ଅନେକ ପ୍ରଭାବ ପକାଏ। ପର୍ଯ୍ୟାପ୍ତ ଜ୍ଞାନ ଓ ଖବର ଅଭାବରୁ ଅନେକ ବାଳିକା ଓ ମହିଳାମାନଙ୍କର ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଯାଏ।

ସିଆର୍‌ୱାଇର ଅନ୍ୟତମ ସର୍ବେକ୍ଷଣରୁ ଜଣାଯାଇଛି ଯେ ଅନେକ ଯୁବତୀ ଏହା ଭଗବାନଙ୍କର ଅଭିଶାପ ବା କୌଣସି ରୋଗର କାରଣ ବୋଲି ମାନି ନିଅନ୍ତି। ୬୨ ଶତାଂଶ ବାଳିକା ଏହାକୁ ଏକ ସାମାଜିକ ଲଜ୍ଜା ପରିସ୍ଥିତି ବୋଲି ଦର୍ଶାଇଛନ୍ତି। ୪୫ ଶତକଡ଼ା ବାଳିକା ନିଜ ଘର ତିଆରି କପଡ଼ା ବ୍ୟବହାର କରନ୍ତି, କାରଣ ଦୋକାନରୁ ପ୍ୟାଡ୍ କିଣିବାରେ ଦ୍ୱନ୍ଦ୍ୱ କିମ୍ବା ଲଜ୍ଜା, ତାହା ସହିତ ପ୍ୟାଡ୍ର ବିସର୍ଜନ କରିବାରେ ଅସୁବିଧା ମଧ୍ୟ ଅନୁଭବ କରନ୍ତି। ଏହା ସହିତ ଭୁଲ୍ ତଥ୍ୟ, ଅଳ୍ପଜ୍ଞାନ ଓ ଅର୍ଥର ଅଭାବ ମଧ୍ୟ ମାସିକ ଋତୁସ୍ରାବ ଜନିତ ଅସୁସ୍ଥତାର ଅନ୍ୟତମ କାରଣ।

ଜର୍ମାନୀର 'ୱାଶ ୟୁନାଇଟେଡ୍' ନାମକ ଏକ ବେସରକାରୀ ସଂସ୍ଥା ୨୦୧୩ରେ ପ୍ରଥମେ ମାସିକ ଋତୁସ୍ରାବ ସ୍ୱଚ୍ଛତା ଓ ସଚେତନତାର ପ୍ରଚାର ଅଭିଯାନ ଆରମ୍ଭ କରିଥିଲା। ମେ ୨୮, ୨୦୧୪ରେ ମାସିକ ଋତୁସ୍ରାବ ଦିବସ ପ୍ରତିଷ୍ଠା ଔପଚାରିକ ଭାବରେ କରାଗଲା। ଋତୁସ୍ରାବର ହାରାହାରି ସମୟ ସୀମା ବ୍ୟବଧାନ ୨୮ ଦିନ ଅଟେ। ବିଶ୍ୱ ଋତୁସ୍ରାବ ଦିବସ ମହିଳାଙ୍କ କଲ୍ୟାଣ ଓ ସମ୍ମାନ ପାଇଁ ପାଳନ କରାଯାଉଛି। ଏହା ଏକ ବିଶ୍ୱସ୍ତରୀୟ ଅଭିଯାନ। ଏଥିରେ ବେସରକାରୀ ସଂସ୍ଥା, ସରକାର, ବ୍ୟକ୍ତିବିଶେଷ, ବିଭିନ୍ନ ସଂଗଠନ, ବ୍ୟବସାୟୀ ଏବଂ ଗଣମାଧ୍ୟମକୁ ସମ୍ମିଳିତ କରାଯାଏ। ଏହାର ମୁଖ୍ୟତଃ ଦୁଇଟି ଲକ୍ଷ୍ୟ ଅଛି। ପ୍ରଥମତଃ, ଏହା ଋତୁସ୍ରାବ ଉପରେ ଥିବା ସାମାଜିକ ଲଜ୍ଜା ବା 'ଟାବୁ'କୁ ଭାଙ୍ଗିବା। ସମାଜରେ ଥିବା କଳଙ୍କ ଓ ଅନ୍ଧବିଶ୍ୱାସକୁ ବଦଳାଇ ଏକ ଆଦର୍ଶ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା। ଦ୍ୱିତୀୟତଃ, ଅନ୍ତର୍ଜାତୀୟ, ଜାତୀୟ ଓ ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରାଥମିକତା ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା।

ଭାରତରେ ସୁପ୍ରିମକୋର୍ଟ ୨୦୨୨ ରେ ଏକକ ଜାତୀୟ ନୀତି ପ୍ରଣୟନ କରିଛନ୍ତି। ବିଦ୍ୟାଳୟରେ ବାଳିକା ଓ ଛାତ୍ରୀମାନଙ୍କ ପାଇଁ ସାନିଟାରୀ ପ୍ୟାଡ୍, ଭେଣ୍ଡିଂ ଏବଂ ଡିସ୍ପୋଜାଲ୍ ମେକାନିଜିମ୍ ଏବଂ ସ୍ୱତନ୍ତ୍ର ୱାଶରୁମ୍ ଯୋଗାଇବାକୁ ଲକ୍ଷ୍ୟ କରାଯାଇଛି। ଏହାଛଡ଼ା ବିଭିନ୍ନ ରାଜ୍ୟରେ ନିଜସ୍ୱ ଯୋଜନା ମଧ୍ୟ ରହିଛି। ଯେପରିକି ଅସ୍ମିତା ଯୋଜନା (ମହାରାଷ୍ଟ୍ର), ଉଦୟନ (ରାଜସ୍ଥାନ), ସି ପ୍ୟାଡ୍ (କେରଳ) ଏବଂ ଖୁସି (ଓଡ଼ିଶା)। କେତେକ ଅଞ୍ଚଳରେ ଏପରି ଦେଖାଯାଇଛି ଯେ ଋତୁସ୍ରାବ ସମୟରେ ମହିଳାମାନଙ୍କୁ ଅଲଗା ରହିବା, ତାହାକୁ ଛୁଇଁବାକୁ ଅନୁମତି ନ ଦେବା, ନ ଗାଧୋଇ ପରିତ୍ୟକ୍ତ ଘରେ ଅଲଗା ରହିବା ଇତ୍ୟାଦି ଅନେକ କୁସଂସ୍କାର ରହିଛି। ଏହାର ନିରାକରଣ ପାଇଁ ଏକ ବୃହତ ସ୍ତରରେ ଜନସଚେତନତାର ଆବଶ୍ୟକତା ଅଛି ଏବଂ ଆଗାମୀ ଦିନରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବାର ଅଛି। ଏକ ସକାରାତ୍ମକ ମନୋଭାବ ଆଣିବା ପାଇଁ ଶିକ୍ଷାରେ ଏହାକୁ ସାମିଲ କରାଯିବା ଉଚିତ। ଏଥିପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ, ପରିବାରର ସମସ୍ତ ସଦସ୍ୟଙ୍କର ଭୂମିକା ଅତ୍ୟନ୍ତ ଜରୁରୀ, ଯେଉଁଥିରେ ଏ ସମ୍ପର୍କରେ ଖୋଲା ଆଲୋଚନା ହୋଇପାରିବ। ଏହାଛଡ଼ା ଏ କ୍ଷେତ୍ରରେ ଛାତ୍ରୀମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଓ ଭୟକୁ ଦୂରେଇବାକୁ ହେବ। ସେଥିପାଇଁ ଅନେକ କର୍ମଶାଳା ଓ ଆଲୋଚନାରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ଏହାକୁ ସ୍ୱାସ୍ଥ୍ୟ ଶିକ୍ଷାରେ ପର୍ଯ୍ୟାୟଭୁକ୍ତ କରିବା ଉଚିତ। ଏହା କେବଳ ବାଳିକା ବା ଛାତ୍ରୀମାନଙ୍କ ପାଇଁ ଜରୁରୀ ନୁହେଁ, ବରଂ ବାଳକ ଓ ସମସ୍ତ କିଶୋରୀମାନେ ମଧ୍ୟ ଜାଣିବା ଉଚିତ। ଯୁବବର୍ଗଙ୍କୁ ମଧ୍ୟ ସାମିଲ କରିବା ଉଚିତ। ଏହା ଏକ ଲିଙ୍ଗଗତ ସମାନତା, ଯାହା ଫଳରେ ମାସିକ ଅସ୍ୱାଭାବିକତାକୁ ହ୍ରାସ କରି ଏକ ସାମଗ୍ରିକ ସୁସ୍ଥତାକୁ ସୁଦୃଢ଼ କରିବାକୁ ହେବ। ଶାରୀରିକ ସୁସ୍ଥତା ଫଳରେ ଅନେକ ବାଳିକା କ୍ରୀଡ଼ା, ନୃତ୍ୟ ଓ ଅନ୍ୟାନ୍ୟ ଶାରୀରିକ କାର୍ଯ୍ୟକଳାପରେ ବାଳକମାନଙ୍କ ଭଳି ଭାଗ ନେଇପାରିବେ। ମାସିକ ଋତୁସ୍ରାବ ଏଥିରେ ପ୍ରତିବନ୍ଧକ ହେବନାହିଁ। ଏହା ଏକ ମାନବିକ ଅଧିକାର।

ତେଣୁ ଏହି ପ୍ରସଙ୍ଗଟି କେବଳ ବାଳିକା ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଆମ ଦେଶ, ଜାତି ଓ ସମାଜ ପାଇଁ ସମସ୍ତଙ୍କର ଏକ ମାନବିକ ଦାୟିତ୍ୱ। ଏଥିରେ ସମସ୍ତ ବର୍ଗର ଲୋକ ସାମିଲ ହୋଇ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଉଚିତ। ଯାହାଫଳରେ ମହିଳାମାନଙ୍କର ସମ୍ମାନ, କେବଳ ଶାରୀରିକ ନୁହେଁ, ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ମଧ୍ୟ ଅକ୍ଷୁଣ୍ଣ ରହିପାରିବ। ଏଥିରେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ସମାଜର ଉନ୍ନତି ଆଣିବାରେ ସାହାଯ୍ୟ କରିବ।

# ବିଜେଡି କର୍ମୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ଧର୍ମଶାଳାରେ ପ୍ରାକ୍ ନିର୍ବାଚନୀ ହିଂସା

**ଧର୍ମଶାଳା/ଚଢ଼େଇଧରା, ୨୭।୫ (ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଖର ପଞ୍ଚାୟତରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବାଇକ୍ ଶୋଭାଯାତ୍ରା ଚାଲିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ତଥା ଏଠାକାର ପୂର୍ବତନ ସରପଞ୍ଚ ଦିଲୀପ ବେହେରା ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଆକ୍ରୋଶମୂଳକ ଭାବେ ବିଜେଡି କର୍ମୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା ଉଦ୍ୟମ କରିଛନ୍ତି। ଏକ ସ୍କର୍ପିଓ

- **ପାଖର ପଞ୍ଚାୟତରେ ବିଜେଡି ରାଲି ବେଳେ ସ୍ୱାଧୀନ ପ୍ରାର୍ଥୀ ସମର୍ଥକଙ୍କ ଗୁଣ୍ଡାରାଜ୍**
- **୬ ବିଜେଡି କର୍ମୀ ଆହତ, ବାଇକ୍ ଚୂର୍‌ମାର୍; ଅଭିଯୁକ୍ତ ଫେରାର୍**

ଚଲାଇ ଶ୍ରୀ ବେହେରା ରାଲି ଭିତରକୁ ଧସେଇ ପଶିବା ସହ କର୍ମୀଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏଥିରେ ୬ଜଣ ବିଜେଡି କର୍ମୀ ଗୁରୁତର ଆହତ ହେବା ସହ ସେମାନଙ୍କ ବାଇକ୍ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ଡିଏସ୍‌ପି ସୀତାକାନ୍ତ



କାନୁନଗୋ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ, ଏଭଳି ହିଂସାକାଣ୍ଡ ଘଟାଇଥିବା ଶ୍ରୀ ବେହେରା ସ୍କର୍ପିଓ ଛାଡ଼ି ଫେରାର୍ ହୋଇଯାଇଛନ୍ତି।

ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ଣରେ ୧୩ ନମ୍ବର୍ ଜୋନରେ ବିଜେଡି ବିଧାୟକ ଶ୍ରୀ ବଳବନ୍ତରାୟଙ୍କ ରାଲି ରହିଥିଲା। ଏହି କ୍ରମରେ ପାଖର ପଞ୍ଚାୟତ ଓସରା ଗ୍ରାମରୁ ରାଲି ମାଣ୍ଡିଆ ଛକ ଅଭିମୁଖେ ଯାଉଥିଲା। ସେପଟେ ମାଣ୍ଡିଆସ୍ଥିତ ନିଜ ଅଫିସରୁ ଶ୍ରୀ ବେହେରା ଏକ ସ୍କର୍ପିଓରେ ଘର ଅଭିମୁଖେ ଆସୁଥିଲେ। ହଠାତ ଦିଲ୍ଲୀପ ତାଙ୍କ ଗାଡ଼ି ରାଲିରେ ଯାଉଥିବା ବିଜେଡି କର୍ମୀଙ୍କ ଉପରେ ଚଢ଼ାଇ ଦେଇଥିଲେ। ଗୋଟିଏ ପରେ ଗୋଟିଏ, ଏପରି ଏକାଧିକ ବାଇକ୍ ଉପରେ ତାଙ୍କ ଗାଡ଼ି ମାଡ଼ି ଯାଇଥିଲା। ତେବେ ସେଥିମଧ୍ୟରୁ ଗୋଟିଏ ବାଇକ୍ ସ୍କର୍ପିଓ ତଳେ ପଶି ଲାଖିଯିବାରୁ ଗାଡ଼ିଟି ଆଉ ଆଗକୁ ଯାଇପାରି ନଥିଲା। ପରେ ଶ୍ରୀ ବେହେରା ସଙ୍ଗେସଙ୍ଗେ ଗାଡ଼ି ଛାଡ଼ି ଏକ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ପାଖର ଗ୍ରାମର ଦାମୋଦର ବାହାଲିଆ, ପ୍ରଫୁଲ୍ଲ ଦାସ, ପ୍ରବୀଣ ପରିଡ଼ା ଏବଂ ଓସରା ଗ୍ରାମର କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଗୁରୁତର ଆହତ ହୋଇଥିଲେ। ଧର୍ମଶାଳାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଆହତମାନଙ୍କ ବାଇକଗୁଡ଼ିକ ଭାଙ୍ଗି ଚୂରମାର୍ ହୋଇଯାଇଛି।

ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ମାଣ୍ଡିଆ ଛକରେ ଥିବା ଶ୍ରୀ ବେହେରାଙ୍କ ଅଫିସରେ ଭଙ୍ଗାରୁଜା କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଏନେଇ ବିଜେଡି ପକ୍ଷରୁ ଶ୍ରୀ ବେହେରାଙ୍କ ନାମରେ ଥାନାରେ ଏତଲା ଦିଆଯାଇଥିବା ଜଣାଯାଇଛି। ଶ୍ରୀ ବେହେରା ଜାଣିଶୁଣି ଏଭଳି ଉନ୍ମତ୍ତକାଣ୍ଡ ଭିଆଇଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

# ମହିଳାଙ୍କୁ ସିଲାଇ ମେସିନ୍ ବାଣ୍ଟୁଛନ୍ତି ଭୋଗରାଇ ବିଜେପି ପ୍ରାର୍ଥୀ



### ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୨୭।୫ (ସମିସ):** ନିର୍ବାଚନରେ ବିଜୟୀ ହେବା ପାଇଁ ଧନବଳ ଓ ବାହୁବଳକୁ ଆଶ୍ରା କରିଛି ବିଜେପି। କେଉଁଠି ବିଜେପି ପ୍ରାର୍ଥୀମାନେ ଗୁଣ୍ଡାଗିରି କରୁଛନ୍ତି, କେଉଁଠି ପୁଣି ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ବାଣ୍ଟୁଛନ୍ତି। ବିଜେପିର ଜଣକ ପରେ ଜଣେ ନେତା ଆଚରଣ ବିଧି ଉଲ୍ଲଙ୍ଘନ କରୁଛନ୍ତି। ଏବେ ଭୋଗରାଇରୁ ମଧ୍ୟ ଅନୁରୂପ ଖବର ଆସିଛି। ଭୋଗରାଇ ବିଜେପି ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ରଙ୍କ ସମର୍ଥକମାନେ ୱାର୍ଡ ନଂ-୧୦ ଅନ୍ତର୍ଗତ କମର୍ଦ୍ଦା ପଞ୍ଚାୟତରେ ମହିଳା ଭୋଟରମାନଙ୍କୁ ସିଲାଇ ମେସିନ୍ ବଣ୍ଟନ କରିଛନ୍ତି। ନିର୍ବାଚନ ମୁଣ୍ଡ ଉପରେ ଥିବା ବେଳେ ଭୋଟରଙ୍କୁ ଉପହାର ବାଣ୍ଟି ବିଜେପି ଓ ଏହାର ବିଧାୟକ ପ୍ରାର୍ଥୀ ଶ୍ରୀ ପାତ୍ର ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି। ଏହା ସହ ଏହି ଘଟଣାରେ ବିଜେପି ଓ ଏହାର ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେପି ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ରାଜ୍ୟତମାମ୍ ନିୟମ ଉଲ୍ଲଙ୍ଘନ କରି ଚାଲିଛନ୍ତି। ତେଣୁ ଏପରି ମାମଲାରେ ହସ୍ତକ୍ଷେପ ଏକାନ୍ତ ଆବଶ୍ୟକ ବୋଲି ବିଜେଡି ଦର୍ଶାଇଛି। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସାଂସଦ ଡ଼ ସସ୍ମିତ ପାତ୍ର, ଡ଼ ଲେନିନ୍ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଇପ୍ସିତା ସାହୁ, ସୋଫିଆ ଆଲାମ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଅଙ୍ଗ ପ୍ରତିରୋପଣ ପାଇଁ ପ୍ରକ୍ରିୟା ଆରମ୍ଭ

**ବ୍ରହ୍ମପୁର, ୨୭।୫ (ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଦକ୍ଷିଣ ଓଡ଼ିଶାର ବହୁ ପୁରାତନ ମେଡିକାଲ କଲେଜ ହୋଇଥିଲେ ହେଁ ଏଠାରେ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥାର ଅଭାବ ରହିଛି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ବିଳମ୍ବରେ ହେଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯିବା ସହ ଆଗାମୀ ଦିନରେ ଏମ୍‌କେସିଜି ମେଡିକାଲରେ କିଭଳି ଅଙ୍ଗ ପ୍ରତିରୋପଣ କରାଯାଇପାରିବ, ସେନେଇ ପଦକ୍ଷେପ ଗ୍ରହଣ କରାଯାଇଛି।

ନିୟମ ଅନୁଯାୟୀ, କୌଣସି ମେଡିକାଲରେ ରୋଗୀଙ୍କ ଅଙ୍ଗ ପ୍ରତିରୋପଣ କରିବାକୁ ହେଲେ ହ୍ୟୁମାନ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ଆକ୍ଟ (ହୋତା) ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମତି ନେବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି 'ହୋତା' ଅନୁସାରେ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଆସିଛି। ଏଥିପାଇଁ ମେଡିକାଲ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ଜାରି ରହିଥିବା ଏମ୍‌କେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର୍ ଡା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ରେଜିଷ୍ଟ୍ରେସନ୍ ପରେ ମେଡିକାଲରେ ଅଙ୍ଗ ପ୍ରତିରୋପଣ ନିମନ୍ତେ ସମସ୍ତ ଭିତ୍ତିଭୂମି ରହିଛି କି ନାହିଁ; ସେସବୁର ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆସିବେ ବୋଲି ଡା. ଦାଶ କହିଛନ୍ତି।

ଡା. ଦାଶ କହିଛନ୍ତି ଯେ ପ୍ରଥମେ ପଞ୍ଜୀକରଣ କରି ଟିମ୍ ଗଠନ କରାଯିବ ଏବଂ ଏହାପରେ ଭିତ୍ତିଭୂମି




ପ୍ରସ୍ତୁତ କରାଯିବ। ଅଙ୍ଗ ପ୍ରତିରୋପଣ ପାଇଁ ପ୍ରାୟ ସମସ୍ତ ବିଭାଗରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଥିବା ବେଳେ କିଛି ବିଭାଗରେ ବରିଷ୍ଠ ଡାକ୍ତରଙ୍କ ଅଭାବ ରହିଛି। ଉକ୍ତ ବିଭାଗଗୁଡ଼ିକରେ ଡାକ୍ତରଙ୍କ ନିଯୁକ୍ତି ପରେ ମେଡିକାଲରେ ଅଙ୍ଗ ପ୍ରତିରୋପଣ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଏୟାରଲିଫ୍ଟ ପାଇଁ ମେଡିକାଲ କ୍ୟାମ୍ପସରେ ସ୍ଥାୟୀ ହେଲିପ୍ୟାଡ୍ ମଧ୍ୟ ନିର୍ମାଣ କରାଯାଉଛି। ଏୟାରଲିଫ୍ଟ ବ୍ୟବସ୍ଥା ହେଲେ ମନୁଷ୍ୟ ଅଙ୍ଗ ସଂଗ୍ରହରେ କିମ୍ବା ଅଙ୍ଗ ପ୍ରତିରୋପଣ ପାଇଁ ବାହାରୁ ଡାକ୍ତର ଆସିବାରେ ମଧ୍ୟ କୌଣସି ସମସ୍ୟା ରହିବ ନାହିଁ ବୋଲି ଡା. ଦାଶ କହିଛନ୍ତି।

- **'ହୋତା'ରେ ପଞ୍ଜୀକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିଠି**
- **ସ୍ୱତନ୍ତ୍ର ଟିମ୍ ଜରିଆରେ ଖୁବ୍‌ଶୀଘ୍ର ହେବ ଭିତ୍ତିଭୂମିର ଯାଞ୍ଚ**

ଅନ୍ୟପକ୍ଷରେ ବହୁ ପୁରାତନ ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବର୍ତ୍ତମାନ କେବଳ ଚକ୍ଷୁ ପ୍ରତିରୋପଣ କରାଯାଉଛି। ମୃତ୍ୟୁ ପରେ କେହି ଶରୀର ଦାନ କଲେ, ଏଠାକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଆସୁଛି। ତେବେ ଏଠାରେ ଆବଶ୍ୟକ ସୁବିଧା ନଥିବାରୁ ପ୍ରତିରୋପଣ ପାଇଁ ମନୁଷ୍ୟ ଅଙ୍ଗ ଦାନରେ ଆସିପାରୁନାହିଁ।

ମେଡିକାଲରେ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଡାକ୍ତରଙ୍କ ଅଭାବ ଏ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି। ଅଙ୍ଗ ପ୍ରତିରୋପଣ ପାଇଁ ନେଫ୍ରୋଲୋଜି, ୟୁରୋଲୋଜି, ମେଡିସିନି, ନିଶ୍ଚେତକ ବିଭାଗ, ହେପାଟୋଲୋଜୀ, ହୃଦ୍‌ରୋଗ ବିଭାଗ, ସର୍ଜରୀ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ଏହାସହ ଅଙ୍ଗ ପ୍ରତିରୋପଣ ପାଇଁ ଡାକ୍ତର ଓ ନର୍ସଙ୍କୁ ନେଇ ଟିମ୍‌କୁ ସ୍ୱତନ୍ତ୍ର ତାଲିମ୍ ନେବା ଜରୁରୀ। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ଏମ୍‌କେସିଜିରେ କିଡ୍‌ନୀ ପ୍ରତିରୋପଣ ପାଇଁ ରୋଗୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ପ୍ରତି ମାସରେ ଏଠାକୁ ୩ଶହରୁ ଉର୍ଦ୍ଧ୍ୱ କିଡ୍‌ନୀ ରୋଗୀ ଆସୁଛନ୍ତି। କିନ୍ତୁ ଏଠାରେ ଆବଶ୍ୟକ ଡାକ୍ତର ନଥିବାରୁ କିଡ୍‌ନୀ ପ୍ରତିରୋପଣ ସମ୍ଭବ ହୋଇପାରୁନାହିଁ। ତେବେ ମେଡ଼ିକାଲରେ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହେଲେ ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ବହୁ ରୋଗୀ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

# କମ୍ ମାର୍କ ରହିବାରୁ ମାଟ୍ରିକ୍ ଛାତ୍ରଙ୍କ ଆତ୍ମହତ୍ୟା

**ମାହାଙ୍ଗା, ୨୭।୫ (ସମିସ):** ମାଟ୍ରିକ୍ ପରୀକ୍ଷାରେ କମ୍ ନମ୍ବର ରହିବାରୁ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଜଣଙ୍କ ହେଲେ, ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ଗ୍ରାମର ରମେଶ ସାହୁଙ୍କ ପୁତ୍ର ରିତେଶ ସାହୁ(୧୫)। ସେ ବାଗ୍ମୀ ବିଶ୍ୱନାଥ ବିଦ୍ୟା ନିକେତନରେ ପଢୁଥିଲେ।

ସୂଚନା ମୁତାବକ, ଚଳିତ ମାଟ୍ରିକ୍ ପରୀକ୍ଷାରେ ରିତେଶ ଭଲ ନମ୍ବର ରଖିବା ନେଇ ଆଶାବାଦୀ ଥିଲେ। ତେବେ ଗତକାଲି ଫଳ ବାହରିବା ପରେ ତାଙ୍କର ମୋଟ ୨୬୩ ନମ୍ବର ରଖିଥିବା ଜାଣିବାକୁ ପାଇଥିଲେ। ଏଥିରେ ସେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଦିନ ପ୍ରାୟ ୧୧ଟାରେ ସେ କାହରିକୁ କିଛି ନ ଜଣାଇ ଘରେ ଥିବା କୀଟନାଶକ ଔଷଧକୁ ଥଣ୍ଡା ପାନୀୟରେ ମିଶାଇ ପିଇ ଦେଇଥିଲେ। ପରିବାର ଲୋକେ ଏ ସଂପର୍କରେ ଜାଣିବା ପରେ ତାଙ୍କୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ରିତେଶ ଜଣେ ମେଧାବୀ ଛାତ୍ର। ସଙ୍ଗୀତ, ନୃତ୍ୟ ଓ କଳା ପ୍ରତି ତାଙ୍କର ପ୍ରବଳ ରୁଚି ଥିଲା। ସେ ମା' ବରୁଣାଇ ନାଟ୍ୟ ସଂସଦର ଜଣେ ଶିଶୁ କଳାକାର ଭାବେ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ସେ ବାପା ମାଆଙ୍କର ଏକମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କର ୬ ଭଉଣୀ ଥିବା ଜଣାଯାଇଛି। ପୁତ୍ର ବିୟୋଗରେ ପରିବାର ଓ ସମ୍ପର୍କୀୟମାନେ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ଆଜି ତାଙ୍କ ମରଶରୀରକୁ କଟକରୁ ଅଣାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା।

# କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ହସ୍ତତନ୍ତକୁ ପ୍ରଶଂସା




**ଭୁବନେଶ୍ୱର,୨୭।୫(ସମିସ):** କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୪ରେ ଓଡ଼ିଶାର ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ କୋଟପାଡ଼ ହସ୍ତତନ୍ତର ପ୍ରଦର୍ଶନ ସହ ହାବାସପୁରୀ ହସ୍ତତନ୍ତ ଉପରେ ଫିଚର ଡକ୍ୟୁମେଣ୍ଟାରୀ ପୋଷ୍ଟର ଉନ୍ମୋଚନ କରି ଇତିହାସ ସୃଷ୍ଟି କରିଛନ୍ତି। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଲେଖକ-ନିର୍ଦ୍ଦେଶକ ବିଶ୍ୱନାଥ ରଥ ଏବଂ ତାଙ୍କର କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ମ୍ୟୁଜିକ୍ ଭିଡିଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ତଥା ଓଟିଟି ପ୍ଲାଟଫର୍ମରେ ଓଡ଼ିଶା ସମେତ ଭାରତ ଏବଂ ଏପରିକି ଏସିଆର ପ୍ରତିନିଧିତ୍ୱ କରିବାରେ ପୂର୍ବରୁ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଛନ୍ତି।

**'କୋଟପାଡ଼' ପ୍ରଦର୍ଶନ ସହ 'ହାବାସପୁରୀ' ଉପରେ ଫିଚର ଡକ୍ୟୁମେଣ୍ଟାରୀ ପୋଷ୍ଟର ଉନ୍ମୋଚନ**

କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ ପ୍ରଥମ ଥର ଗସ୍ତରେ ଯାଇ ବିଶ୍ୱନାଥ ତାଙ୍କ ଆଗାମୀ ଓଡ଼ିଆ-ଇଂରାଜୀ ଫିଚର-ଡକ୍ୟୁମେଣ୍ଟାରୀ ପୋଷ୍ଟର 'ହାବାସପୁରୀ ୱେଭିଂ: ଦ ସେକେଣ୍ଡ ଏଣ୍ଡ ଲାଷ୍ଟ ଡେଥ୍' ଉନ୍ମୋଚନ କରିଛନ୍ତି। ଏହା ହାବାସପୁରୀ ହସ୍ତତନ୍ତ ବିଷୟ ଉପରେ ଆଧାରିତ। ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଏକ ଅନନ୍ୟ, ପୁରାତନ, ପ୍ରଶଂସିତ ହସ୍ତତନ୍ତ ହୋଇଥିବା ବେଳେ ବର୍ତ୍ତମାନ ଏହା ବିଲୁପ୍ତ ପ୍ରାୟ। ସେହିପରି ହସ୍ତତନ୍ତ ଡକ୍ୟୁମେଣ୍ଟାରୀ 'କୋଟପାଡ଼ ୱେଭିଙ୍ଗ: ଦ ଷ୍ଟୋରି ଅଫ ଏ ରେସ୍ ଏଗନେଷ୍ଟ ଟାଇମ' ର ପଦାଙ୍କ ଅନୁସରଣ କରି ଏହି ଉଲ୍ଲେଖନୀୟ ଫିଚର୍ ଡକ୍ୟୁମେଣ୍ଟାରୀ ଓଡ଼ିଶାର ସମୃଦ୍ଧ କାରିଗର ଐତିହ୍ୟକୁ ସଂରକ୍ଷଣ କରିବାରେ ସହାୟକ ହେବ। ବିଶ୍ୱନାଥ ରଥ ତାଙ୍କ ବ୍ୟାନର 'ବିଏନ୍‌ଆର ଫିଲ୍ମସ୍' ରେ ଏହି ଫିଚର ଡକ୍ୟୁମେଣ୍ଟାରୀର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୟୂର ମହାପାତ୍ର। ଓଡ଼ିଶା ତଥା ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରା କାନ୍ସ ଫିଲ୍ମ ଫେଷ୍ଟିଭାଲ ଇତିହାସରେ ପ୍ରଥମ ଥର ପାଇଁ କୋଟପାଡ଼ ହସ୍ତତନ୍ତ ପ୍ରଦର୍ଶନ କରାଯାଇଥିଲା। ଏନେଇ ବିଶ୍ୱନାଥ କହିଛନ୍ତି ଯେ, କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହା ମୋର ପ୍ରଥମ ଅନୁଭୂତି। ଯଦିଓ ପୂର୍ବରୁ ସମ୍ବଲପୁରୀ ହସ୍ତତନ୍ତ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇଛି, ପ୍ରଥମ ଥର ପାଇଁ ଏହି ଚଳଚ୍ଚିତ୍ର ମହୋତ୍ସବରେ କୋଟପାଡ଼ ହସ୍ତତନ୍ତ ବିଶ୍ୱବ୍ୟାପି ପ୍ରଦର୍ଶିତ ହୋଇଥିଲା; ଯାହା ଓଡ଼ିଶା ପାଇଁ ଗର୍ବର ବିଷୟ।

# ୨୦୨୩-୨୪ରେ ନାଲ୍‌କୋର ନିଟ୍ ଲାଭ ୨,୦୬୦ କୋଟି

**ଭୁବନେଶ୍ୱର, ୨୭।୫ (ସମିସ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୩-୨୪ର ଫଳାଫଳ ଘୋଷିତ ହୋଇଛି। କମ୍ପାନୀ ଏହାର ସଫଳତାର ଧାରା ବଜାୟ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ଆଜିର ନିର୍ଦ୍ଦେଶକମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଫଳାଫଳ ଅନୁଯାୟୀ, ନାଲକୋ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୩,୧୪୯ କୋଟି ଟଙ୍କାର ବ୍ୟବସାୟ ସହ ୨୦୬୦ କୋଟି ଟଙ୍କାର ନିଟ୍ ଲାଭ କରିଛି। ୨୦୨୩-୨୪ର ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୯୫% ଅଭିବୃଦ୍ଧି ସହ ୧୦୧୬ କୋଟି ଟଙ୍କା ହୋଇଥିବା ବେଳେ ୨୦୨୨-୨୩ର ଚତୁର୍ଥ ତ୍ରୈମାସରେ ନିଟ୍ ଲାଭ ୫୨୨ କୋଟି ଟଙ୍କା ରହିଥିଲା। ବଜାରରେ ଅସ୍ଥିରତା ଏବଂ ମେଟାଲ ଦର ନିମ୍ନ ସ୍ତରରେ ଥିବା ସତ୍ତ୍ୱେ କମ୍ପାନୀ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ନାଲ୍‌କୋ ୨୦୨୩-୨୪ରେ ନିଜର ସମସ୍ତ ୟୁନିଟରେ ଉନ୍ନତ ପ୍ରଦର୍ଶନ ସହ ସର୍ବକାଳୀନ ସର୍ବାଧିକ ୭୬,୦୦,୨୩୦ ମେଟ୍ରିକ୍ ଟନ୍ ବକ୍ସାଇଟ୍ ଉତ୍ତୋଳନ, ସର୍ବକାଳୀନ ସର୍ବାଧିକ ୪,୬୩,୪୨୮ ମେଟ୍ରିକ୍ ଟନ୍ କାଷ୍ଟ ମେଟାଲ ଉତ୍ପାଦନ, ସର୍ବକାଳୀନ ସର୍ବାଧିକ ୪,୭୦,୧୦୮ ମେଟ୍ରିକ୍ ଟନ୍ ଧାତୁ ବିକ୍ରୟ ଏବଂ କୋଇଲା ଖଣି କାର୍ଯ୍ୟକ୍ଷମ ହେବାର ପ୍ରଥମ ବର୍ଷରେ ୨ ନିୟୁତ ଟନ କୋଇଲା ଉତ୍ପାଦନ କରିଛି।



କମ୍ପାନୀର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି ଯେ, ଚତୁର୍ଥ ତ୍ରୈମାସରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଯାହାକି ବ୍ୟବସାୟିକ ପ୍ରଦର୍ଶନ, ତଥା ଅଭିବୃଦ୍ଧିରେ ପ୍ରତିଫଳିତ ହୋଇଛି।

# ଏମ୍‌କେସିଜିରେ ମାଓନେତା ସବ୍ୟସାଚୀ

**ବ୍ରହ୍ମପୁର, ୨୭।୫ (ସମିସ):** ମାଓନେତା ସବ୍ୟସାଚୀ ପଣ୍ଡା ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ନାହିଁ। ସେ ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡ଼ିତ ଥିବା ବେଳେ ବାରମ୍ବାର ବାନ୍ତି କରୁଥିବାରୁ ଚିକିତ୍ସା ପାଇଁ ରବିବାର ତାଙ୍କୁ ଏମକେସିଜି ନିଆଯାଇଥିଲା। ସେଠାରେ ତାଙ୍କର ରକ୍ତ ପରୀକ୍ଷା ସମେତ ବିଭିନ୍ନ ପରୀକ୍ଷା କରାଯାଇଥିଲା। ଆଜି ତାଙ୍କ ପରୀକ୍ଷା ରିପୋର୍ଟ ଆସିବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସର କଡ଼ା ସୁରକ୍ଷାରେ ଏମ୍‌କେସିଜି ମେଡିକାଲ ଆଉଟ୍‌ଡୋର୍‌ରୁ ତାଙ୍କୁ ଏମ୍‌କେସିଜି ମେଡିକାଲର ମେଡିସନ୍ ୱାର୍ଡରେ ଭର୍ତ୍ତି କରାଯାଇଛି।

## ଅବଶିଷ୍ଟାଂଶ...

### ବିଶ୍ୱାସଘାତକଙ୍କୁ...

ପେନସନ୍ ଯୋଜନା, ଚାଉଳ କାର୍ଡ ଆଦି କେମିତି ଲାଗୁଛି, ପୁରୀ ମନ୍ଦିର କାମ ଆଦି କେମିତି ଲାଗୁଛି ଲୋକଙ୍କୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସବୁ ପ୍ରଶ୍ନର ଉତ୍ତରରେ ଲୋକେ ଉଚ୍ଛ୍ୱସିତ ସ୍ୱରରେ ଲୋକେ 'ବହୁତ ଭଲ' ବୋଲି ଗଗନପବନ ପ୍ରକମ୍ପିତ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆସନ୍ତା ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ। ବିଜୁ ଜନତା ସରକାର ମାଗଣା ବିଜୁଳି ଦେବ। ଆପଣମାନେ ଖୁସି ତ ? ବୋଲି କହିବା ପରେ ଲୋକମାନେ ଆନନ୍ଦ ଉଲ୍ଲାସ ମଧ୍ୟରେ 'ହଁ' ଧ୍ୱନିରେ ପ୍ରକମ୍ପିତ କରିଛନ୍ତି। ଏହାପରେ ଯେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଲ କି ବୋଲି ପ୍ରଶ୍ନ କରିଛନ୍ତି, ସେତେବେଳେ ଲୋକମାନେ ଭାବ ବିହ୍ୱଳ ହୋଇଛନ୍ତି, 'ବହୁତ୍ ଭଲ' ବୋଲି ଉତ୍ତର ଦେଇ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି।

### 'ସ୍ୱାର୍ଥ' ହାନି...

ପ୍ରତି ସେ କିଭଳି ବିଶ୍ୱାସଘାତକତା କରିଛନ୍ତି, ତାହା ଏଥିରୁ ସ୍ପଷ୍ଟ। ଏଭଳି ଲୋକଙ୍କୁ ଆପଣ ଭୋଟ ଦେବେ କି ବୋଲି ଲୋକଙ୍କୁ ପ୍ରଶ୍ନ କରିଥିଲେ ଶ୍ରୀ ପାଣ୍ଡିଆନ।

ସେ ପୁଣି କହିଛନ୍ତି ଯେ କେନ୍ଦ୍ରାପଡ଼ା ଥିଲା ବିଜୁବାବୁଙ୍କ କର୍ମଭୂମି। କେନ୍ଦ୍ରାପଡ଼ାକୁ ସେ ବହୁତ ଭଲ ପାଉଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କୁ ବହୁତ ଆଦର କରନ୍ତି। କେନ୍ଦ୍ରାପଡ଼ା ପାଇଁ ମୁଖ୍ୟମନ୍ତ୍ରୀ ଭାରତବର୍ଷର ସବୁଠୁ ଅଧିକ ବିଦେଶୀ ପୁଞ୍ଜିନିବେଶ ଆଣିଛନ୍ତି। ଏକ ଲକ୍ଷ କୋଟି ଟଙ୍କାରେ କେନ୍ଦ୍ରାପଡ଼ାରେ ଇସ୍ପାତ କାରଖାନା ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ପୁଞ୍ଜିନିବେଶ ଆଣିବା ପାଇଁ ସିଙ୍ଗାପୁରରୁ ଜାପାନ ଯିବା ସମୟରେ ବିମାନରେ ମୁଖ୍ୟମନ୍ତ୍ରୀଙ୍କୁ ଭଲ ସିଟ୍ ମିଳି ନ ଥିଲା। ତେଣୁ ଅନ୍ୟ ଏକ ବିମାନରେ ଯିବା ପାଇଁ ଆମେ ପ୍ରସ୍ତାବ ଦେଇଥିଲୁ; କିନ୍ତୁ ମୁଖ୍ୟମନ୍ତ୍ରୀ ରାଜି ହୋଇନଥିଲେ। ଯେହେତୁ ନିପନ ଗ୍ରୁପ୍ ସହିତ ଆଲୋଚନା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା, ଅସୁବିଧା ସତ୍ତ୍ୱେ ୮ ଘଣ୍ଟା ଗୋଡ଼ ଜାକି ବିମାନରେ ବସିଥିଲେ। ଜାପାନରେ ୩-୪ ଦିନ ରହଣି ଭିତରେ ପ୍ରାୟ ୧୦୦ ଥର କେନ୍ଦ୍ରାପଡ଼ା କଥା ଉଠାଇଥିଲେ ମୁଖ୍ୟମନ୍ତ୍ରୀ। କେନ୍ଦ୍ରାପଡ଼ା ପ୍ରତି ତାଙ୍କର କେତେ ପ୍ରତିବଦ୍ଧତା ରହିଛି ଏଥିରୁ ଜାଣନ୍ତୁ। ଆପଣମାନଙ୍କ ଓ ଶ୍ରୀ ବଳଦେବଜୀଉଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେବେ। ଶପଥ ନେବା ରେ ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼ କରିବେ। ଦ୍ୱିତୀୟ ଦସ୍ତଖତରେ ସମସ୍ତଙ୍କୁ ବିଏସ୍‌କେୱାଇରେ ସାମିଲ କରିବେ। ତୃତୀୟ ଦସ୍ତଖତରେ ମିଶନଶକ୍ତି ସଦସ୍ୟାମାନଙ୍କୁ ୬୦ ବର୍ଷ ପରେ ପେନସନ୍ ସୁବିଧା ଦେବେ। ଚତୁର୍ଥ ଦସ୍ତଖତରେ କଲେଜ ପିଲାମାନଙ୍କୁ ସଂଶୋଧିତ ନୂଆ-ଓ ସ୍କଲାରସିପ୍ ଦେବେ, ଝିଅ ପାଇବେ ୧୪ ହଜାର, ପୁଅ ପାଇବେ ୧୨ ହଜାର ଟଙ୍କା।

ଏହା ସହ ସେ କହିଛନ୍ତି ଯେ ଓଡ଼ିଶାକୁ କେବଳ ନବୀନ ପଟ୍ଟନାୟକ ହିଁ ଏକ ନମ୍ବର କରିବେ। ପାରାଦୀପ ଓ ଜଗତସିଂହପୁରରେ ବିଜେପିର ମିଛ ପ୍ରତିଶ୍ରୁତିକୁ ଲୋକଙ୍କ ଆଗରେ ଖୋଲିଥିଲେ ଶ୍ରୀ ପାଣ୍ଡିଆନ। ସେ କହିଥିଲେ ଯେ ବିଜେପି କ୍ଷମତାକୁ ଆସିଲେ, ଆୟୁଷ୍ମାନ ଯୋଜନା ଲାଗୁ କରିବ ବୋଲି ବିଜେପି ନେତାମାନେ ନିଜ ଇସ୍ତାହାରରେ ଲେଖିଛନ୍ତି। ମାତ୍ର ଆୟୁଷ୍ମାନ ଯୋଜନା ଲାଗୁ ହେଲେ ଓଡ଼ିଶାର ଅଧା ଅର୍ଥାତ୍ ପ୍ରାୟ ୨ କୋଟି ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ। ବିଏସ୍‌କେୱାଇ ଯୋଜନାରେ ଓଡ଼ିଶାର ୯୮ ପ୍ରତିଶତ ଲୋକ ଉପକାର ପାଉଛନ୍ତି। ମାଗଣା ବିଜୁଳି ହେଉଛି ଦିନରେ ଲଣ୍ଠନ ଦେଖାଇବା ପରି। ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରି ସୋଲାର ପ୍ୟାନେଲ ବସାଇବାକୁ ପଡ଼ିବ। ସୂର୍ଯ୍ୟକିରଣରୁ ଆପଣମାନେ ବିଜୁଳି ପାଇବେ। ସେମାନେ ପୁଣି କହିଛନ୍ତି ଯେ ପ୍ରତି ମହିଳାଙ୍କୁ ୫୦ ହଜାର ଦେବେ, ପୂର୍ବ ନିର୍ବାଚନ ସମୟରେ କହିଥିଲେ ୧୫ ଲକ୍ଷ ଟଙ୍କା ଲେଖାଏଁ ଦେବେ। ସେହି ଟଙ୍କା କୁଆଡ଼େ ଗଲା ସେମାନଙ୍କୁ ପଚାରିବା ସମୟ ଆସିଛି। ବିଜେପି ନେତାମାନେ ମିଛ କହିବାର ସବୁ ସୀମା ଅତିକ୍ରମ କରିଛନ୍ତି। ମିଛ କଥା କହୁଥିବା ଲୋକଙ୍କୁ କେବେ ବିଶ୍ୱାସ କରନ୍ତୁ ନାହିଁ। ସେମାନେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି। ସେମାନଙ୍କୁ ମୁହଁତୋଡ଼ ଜବାବ ଦିଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ଏହା ସହ ଯେଉଁଠି ବିଜେଡି ଭଲ କରିବ, ଦଳର ପ୍ରାର୍ଥୀମାନେ ବୃହତ୍ ବ୍ୟବଧାନରେ ଜିତିବେ, ସେମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଦେବେ ବୋଲି ଶ୍ରୀ ପାଣ୍ଡିଆନ ଘୋଷଣା କରିଛନ୍ତି।

### ପୁଲିସ୍ ଇନ୍‌ଫର୍ମର୍...

କରୁଥିଲେ। ତେବେ ତାଙ୍କୁ ପୁଲିସ ଇନଫର୍ମର୍ ସନ୍ଦେହରେ ବିଜିଏନ୍ (ବଂଶଧାରା-ଘୁମୁସର-ନାଗାବାଳୀ) ମାଓ ସଂଗଠନର ସଶସ୍ତ୍ର ମାଓବାଦୀମାନେ ଗତ ୨୫ ତାରିଖ ସନ୍ଧ୍ୟାରେ ଅପହରଣ କରିନେଇଥିଲେ। ସୋମବାର ସକାଳେ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ମୃତଦେହ ନିକଟରୁ ଏକ ମାଓ ପୋଷ୍ଟର୍ ମିଳିଥିଲା। ପୁଲିସର ଦଲାଲ କାମ କରୁଥିବା ଲୋକ ଏଥିରୁ ବିରତ ନ ହେଲେ ଏଭଳି ଦଣ୍ଡ ଦିଆଯିବ ବୋଲି ସେଥିରେ ଚେତାବନୀ ଦିଆଯାଇଥିଲା।

ଏପଟେ ଏହି ଘଟଣାକୁ ଜିଲ୍ଲା ପୁଲିସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ମେଟାଲା ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରୁଥିଲେ ଏବଂ ପୁଲିସକୁ ମାଓ ସମ୍ପର୍କିତ କୌଣସି ସୂଚନା ଦେଉ ନଥିଲେ ବୋଲି ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବ୍ୟାହତ କରିବା ଓ ଲୋକଙ୍କୁ ଭୟଭୀତ କରିବା ପାଇଁ ମାଓବାଦୀଙ୍କ ଏହା ଏକ ହୀନ ଚକ୍ରାନ୍ତ ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ପରେ କୋଟଗଡ଼ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ଓ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି।

**TOLET**
Two Shoprooms (10'x10')
Near Biju Patnaik College, Jayadev Vihar, Main Road, Bhubaneswar.
9938511622

**SALE**
EICHER (TAFE) 485, MODEL 2018, UN-REGISTRED in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916 MOB -9 437560891 within 7 days

**AFFIDAVIT**
By virtue of an affidavit before the Executive Magistrate, Salipur, do hereby declare that after marriage I have changed my name from **Urmila Gochhayata To Urmila Bhoi.** Henceforth, I shall be known as **URMILA BHOI,** W/o- Rabindra Bhoi, resident of Vill-Purbakacnna, Po -Madhyakacnna, Ps- Jagatpur, Dist-Cuttack, Odisha for all future official or non-official purposes.

## ମାଟ୍ରିକ୍ ପରୀକ୍ଷା: ରାଜଲକ୍ଷ୍ମୀ ବ୍ଲକ୍ ଟପ୍ପର



ପଟ୍ଟାମୁଣ୍ଡାଇ, ୨୭।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ରାଜଲକ୍ଷ୍ମୀ କର ସର୍ବାଧିକ ୫୫୩ ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହେବା ଗୌରବ ଅର୍ଜନ କରିଛନ୍ତି। ରାଜଲକ୍ଷ୍ମୀ ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଏହି ସଫଳତା ପାଇଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ନିଜ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ପିତା ରଞ୍ଜନ କୁମାର କର ଓ ମାତା ଅନ୍ନପୂର୍ଣ୍ଣା କରଙ୍କୁ ଦେଇଛନ୍ତି। ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ କିମ୍ବା ଡାକ୍ତର ହୋଇ ଗରିବ ଜନସାଧାରଣଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ରାଜଲକ୍ଷ୍ମୀ ପ୍ରକାଶ କରିଛନ୍ତି। ସେହିପରି କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲର ସମୀକ୍ଷା ଖୁଣ୍ଟିଆ, ଚନ୍ଦନନଗର ପିଏଲ ବିଦ୍ୟାପୀଠର ସୂର୍ଯ୍ୟକାନ୍ତ ଦାଶ ୫୪୦, ଗଙ୍ଗାରାମପୁର ହାଇସ୍କୁଲର ଦିବ୍ୟାନୀ ରାଉତ ୫୪୪, ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲର ଅର୍ପିତା ସାମଲ ୫୪୦, ନିଗିନିପୁର ନୃସିଂହଜୀଉ ହାଇସ୍କୁଲର ସଂଘମିତ୍ରା ଦାଶ ୫୪୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଙ୍କ ସମେତ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

● ଏସ୍ଏନ କଲେଜ +୨ ପରୀକ୍ଷା ଫଳ

## ବିଜ୍ଞାନରେ ଶତପ୍ରତିଶତ, କଳାରେ ୮୦% ଓ ବାଣିଜ୍ୟରେ ୯୯% ସଫଳତା

ରାଜକନିକା, ୨୭।୫(ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ରାଜକନିକାର ଏସ୍ଏନ କଲେଜ ଫଳାଫଳ ବେଶ ସନ୍ତୋଷଜନକ ହୋଇଛି। ବିଜ୍ଞାନ ବିଭାଗରେ ମୋଟ ୧୨୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

ପ୍ରଥମ ଶ୍ରେଣୀରେ ୬୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୩ ଓ ତୃତୀୟ ଶ୍ରେଣୀରେ ୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନେହାଞ୍ଜଳି ବେହେରା ୪୮୩ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଳାରେ ୨୪୨ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ ଓ ତୃତୀୟ ଶ୍ରେଣୀରେ ୧୧୬ ଜଣ ପାସ କରିଥିବାବେଳେ ମୋଟ ୬୦୦ ନମ୍ବରରୁ ୫୦୪ ନମ୍ବର ରଖି ପୂର୍ଣ୍ଣିମା ନାୟକ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ୧୧୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଫେଲ୍ ହୋଇଥିବାରୁ ୯୯ ପ୍ରତିଶତ ପାସ କରିଛନ୍ତି। ବାଣିଜ୍ୟର ପ୍ରଥମ ଶ୍ରେଣୀରେ ୩୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୫ ଓ ତୃତୀୟ ଶ୍ରେଣୀରେ ୫୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ କାଟଣାର କପିଳେଶ୍ୱର ଉଚ୍ଚ ମାଧ୍ୟମିକ ସ୍କୁଲରେ କେବଳ କଳାରେ ମୋଟ ୨୮୯ ଜଣ ପରୀକ୍ଷାର୍ଥୀ ପାସ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୯ ଓ ତୃତୀୟ ଶ୍ରେଣୀରେ ୧୯୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୬ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ଜଣାପଡ଼ିଛି।

## କାଟଣା ବଣିଆ ସାମାଜିକ ସଂଗଠନ ପକ୍ଷରୁ ଓମ୍‌ଙ୍କୁ ସମ୍ବର୍ଦ୍ଧନା



ରାଜକନିକା, ୨୭।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନବୋଦୟ ଟପ୍ପର ହୋଇଥିବା କାଟଣା ଗ୍ରାମର ଓମ ବେହେରାଙ୍କୁ କାଟଣା ବଣିଆ ସାମାଜିକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ କାମନା କରାଯାଇଛି। ସଂଗଠନର କର୍ମକର୍ତ୍ତା ଓମଙ୍କ ଘରକୁ ଯାଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଆଶୀର୍ବାଦ କରିଥିଲେ। ସଂଗଠନର ସଭାପତି ଶତ୍ରୁଘ୍ନ ସୂତାର, ସମ୍ପାଦକ ଦିଗମ୍ବର ପ୍ରଧାନ, କୋଷାଧ୍ୟକ୍ଷ ଧନୁର୍ଜୟ ଦାସ, ସଦସ୍ୟ ନାରାୟଣ ବେହେରା, ସତ୍ୟବ୍ରତ ଦାସ, ମୁରଲୀଧର ଦାସ, ମହେନ୍ଦ୍ର କୁମାର ମାହୁନ୍ତ ପ୍ରମୁଖ ଓମଙ୍କ ଭବିଷ୍ୟତ ଲକ୍ଷ୍ୟ ପୂରଣ ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ।

### ବାରୁଆ ପଡ଼ିଆରେ ନବୀନଙ୍କ ନିର୍ବାଚନୀ ସଭା

# କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବିରୋଧୀ: ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା, ୨୭।୫(ସମିସ)



ଆସନ୍ତା ଜୁଲାଇ ମାସରୁ ଆଉ କାହାରିକୁ ବିଜୁଳି ବିଲ୍ ଦେବାକୁ ହେବନି। ଏଣିକି ସବୁ ବଞ୍ଚିତ ବର୍ଗର ଲୋକ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସାମିଲ ହେବେ। ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କା ନିବେଶ କରାଯାଇ ରୋଜଗାରକ୍ଷମ କରାଯିବ। ସବୁଠାରୁ ବଡ କଥା ହେଲା ମିଶନ ଶକ୍ତି ମା'ମାନଙ୍କୁ ୬୦ ବର୍ଷ ହେଲେ ପେନସନ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାରୁଅ ସିଦ୍ଧବଟ ପଡ଼ିଆରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ବିଜେପିକୁ କଡ଼ା ସମାଲୋଚନା କରି କହିଲେ, ବିରୋଧୀ ଦଳ ମିଛୁଆ, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କେନ୍ଦ୍ରାପଡ଼ା ହେଉଛି ପ୍ରବାଦ ପୁରୁଷ ବିଜୁବାବୁଙ୍କ କର୍ମଭୂମି। ଏଠାରେ କୁମ୍ଭୀର କାନ୍ଦଣା ଚଳିବନି। ସେମାନେ ମିଛ କହୁଛନ୍ତି ଓ ଅପପ୍ରଚାର କରୁଛନ୍ତି। କେନ୍ଦ୍ରାପଡ଼ା ଲୋକେ ସବୁ ବୁଝି ସାରିଲେଣି। ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ସଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସମେତ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କେନ୍ଦ୍ରାପଡ଼ାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିବେଦନ କରିଥିଲେ। ସରକାର ଆସିଲେ ଜୁଲାଇ ମାସରୁ ବିଜୁଳି ବିଲ ଆଉ ଆସିବ ନାହିଁ, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଓ ମିଶନ ଶକ୍ତି ମହିଳାଙ୍କୁ ଭତ୍ତା ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସେ ଲୋକଙ୍କୁ ପ୍ରଶ୍ନ କରିଥିଲେ ଯେ ବିଏସ୍‌କେୱାଇ ଭଲ କି? ମମତା ଯୋଜନା ଭଲ କି ? ମିଶନ ଶକ୍ତି, ୫-ଟି ସ୍କୁଲ ରୂପାନ୍ତରଣ, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି, ଲକ୍ଷ୍ମୀ ବସ ଭଲ କି? ନବୀନ ପୁଣି ପଚାରିଲେ ନବୀନ ପଟ୍ଟନାୟକ ଭଲ କି ? ଆପଣ ମାନେ ଖୁସି ତ। ସଭାସ୍ଥଳରେ ଲୋକମାନେ ବେଶ୍ ଉତ୍ସାହିତ ହୋଇ ଉଚ୍ଚ ସ୍ୱରରେ କହିଲେ ହଁ ...। ବିଜେପି ସାଂସଦ ପ୍ରାର୍ଥୀଙ୍କୁ ଆକ୍ଷେପ କରି କହିଲେ, ଜଣେ ଯୁବକ (ବୈଜୟନ୍ତ ପଣ୍ଡା)ଙ୍କୁ କେନ୍ଦ୍ରାପଡ଼ାର ବିକାଶ ପାଇଁ ଦୁଇ ଦୁଇଥର ସାଂସଦ କରି ଦିଲ୍ଲୀକୁ ପଠାଇଲି। କିନ୍ତୁ ସେ କେନ୍ଦ୍ରାପଡ଼ାର ବିକାଶ ନ କରି ନିଜ ବ୍ୟବସାୟର ବିକାଶ କଲେ। ସେ କେବଳ ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସଘାତକତା କରିନାହାନ୍ତି, ବରଂ କେନ୍ଦ୍ରାପଡ଼ାବାସୀଙ୍କ ସହିତ ପ୍ରତାରଣା କରିଛନ୍ତି। କେନ୍ଦ୍ରାପଡ଼ା ପାଇଁ ସେହି ଯୁବକ ଜଣକ ସାଂସଦ ହେବା ପରେ କିଛି ବି କରିନାହାନ୍ତି।

ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିୟାନ କହିଲେ, ମୁଖ୍ୟମନ୍ତ୍ରୀ ବହୁ ପରିଶ୍ରମ କରି କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ବିଶ୍ୱର ସବୁଠୁ ବଡ଼ ଷ୍ଟିଲ ପ୍ଲାଣ୍ଟ ନିପନ ଷ୍ଟିଲ୍ ପ୍ଲାଣ୍ଟ ଆଣିଛନ୍ତି। ଏହି ଷ୍ଟିଲ କାରଖାନା ପାଇଁ ମୁଖ୍ୟମନ୍ତ୍ରୀ ଜାପାନ ଯାଇଥିଲେ। ସେଠାରେ କେନ୍ଦ୍ରାପଡ଼ାରେ ଏହି ଷ୍ଟିଲ କାରଖାନା ପାଇଁ ୧୦୦ଥର କେନ୍ଦ୍ରାପଡ଼ା କଥା ଉଠାଇଛନ୍ତି ଓ ସଫଳ ହୋଇଛନ୍ତି। କିନ୍ତୁ କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ଶ୍ରୀ ପଣ୍ଡା ଏଠାରେ ଛୁଞ୍ଚି କାରଖାନାଟିଏ ବି କରିନାହାନ୍ତି। କେନ୍ଦ୍ରାପଡ଼ା ହେଉଛି ବିଜୁବାବୁଙ୍କ ଗଡ଼। ବାହାରୁ ଯେତେ ହେଭିୱେଟ ନେତାଙ୍କୁ ଆଣି ପ୍ରଚାର କଲେ ବି କେନ୍ଦ୍ରାପଡ଼ାରେ କୌଣସି ପରିବର୍ତ୍ତନ ହେବ ନାହିଁ। କେନ୍ଦ୍ରାପଡ଼ାବାସୀ ବିଜୁବାବୁ ଓ ନବୀନ ବାବୁଙ୍କୁ ଭଲ ପାଆନ୍ତି। ତେଣୁ କେନ୍ଦ୍ରାପଡ଼ାବାସୀ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେଇ ସାଂସଦ ଓ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ନିଶ୍ଚିତ ଜିତାଇବେ ବୋଲି କହିଥିଲେ।

ପ୍ରଥମେ କେନ୍ଦ୍ରାପଡ଼ାର ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଉପସ୍ଥିତ ଲୋକଙ୍କୁ ନବୀନ ବାବୁଙ୍କୁ ୬ଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରି କହିଥିଲେ, କେନ୍ଦ୍ରାପଡ଼ା ଲୋକମାନଙ୍କ ଭିତରେ ନବୀନବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ବହୁତ ଉତ୍ସାହ ରହିଥିବା କହିଥିଲେ। ଏହାପରେ ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ତାଙ୍କ ନିର୍ବାଚନୀ ଭାଷଣରେ ଜଗନ୍ନାଥଙ୍କୁ ସ୍ମରଣ କରି କହିଥିଲେ ଯେ କେନ୍ଦ୍ରାପଡ଼ା ମାଟି ହେଉଛି ପବିତ୍ର ତୁଳସୀ କ୍ଷେତ୍ରର ମାଟି, ପ୍ରବାଦ ପୁରୁଷ ବିଜୁବାବୁଙ୍କ ହାତ ଗଢ଼ାମାଟି, ତାଙ୍କ ପୁତ୍ର ନବୀନବାବୁ ଏହି କେନ୍ଦ୍ରାପଡ଼ା ତଥା ପାଟକୁରାର ଉନ୍ନତି ପାଇଁ ଦାୟୀତ୍ୱ ନେଇଛନ୍ତି। ତାଙ୍କୁ ପାଟକୁରାର ଅଞ୍ଚଳବାସୀଙ୍କ ସେବା କରିବା ପାଇଁ ଏହି ଗୁରୁ ଦାୟୀତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇବା ସହିତ ଏହାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି କହିଥିଲେ। ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଉପସ୍ଥିତ ଲୋକମାନଙ୍କୁ ନିଜ ଅଞ୍ଚଳର ଉନ୍ନତି ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ, ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପକେଶରୀ ଦେବ, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଏହି ନିର୍ବାଚନୀ ସଭାରେ ଭାଷଣ ଦେଇ ସମସ୍ତ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି କହିଥିଲେ ଯେ ପୂର୍ବତନ ସାଂସାଦ ବୁଲିବୁଲି କହୁଛନ୍ତି କେନ୍ଦ୍ରାପଡ଼ାରେ ରେଳ ସେ ଚଳାଇଛନ୍ତି। ଏହା ସମ୍ପୂର୍ଣ୍ଣ ମିଛ କଥା। ନବୀନ ପଟ୍ଟନାୟକଙ୍କ ପାଇଁ ଏହି ରେଳ ପ୍ରକଳ୍ପ ସାକାର ହୋଇଛି। ପ୍ରଥମେ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ବିଜେଡି ଜିଲ୍ଲା ସଭାପତି ଧିରେନ ସାହୁ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ସଂଯୋଜକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରଭାତ କୁମାର ବିଶ୍ୱାଳ ମଞ୍ଚାସୀନ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ସମ୍ପାଦକ ରଞ୍ଜିତ ସାହୁ, ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ରୋସ୍ନା ସାହୁ, କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ପ୍ରଦୀପ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଲିଲିତା ଦାସ, ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ନିର୍ବାଚନୀ ସଭାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ, ସମର୍ଥକ ଓ ସାଧାରଣ ଲୋକମାନେ ଉପସ୍ଥିତ ଥିଲେ।ବିଜେଡ଼ି ସଭାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ଦେଖି ବିରୋଧୀ ଏକପ୍ରକାର ଛାନିଆ ହୋଇପଡ଼ିଛନ୍ତି।

**ବରଦାନ ପାଲଟିଛି ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ମମତା ଯୋଜନା**
- **ଆସନ୍ତା ଜୁଲାଇରୁ ମାଗଣାରେ ବିଜୁଳି**
- **ଯୁବବର୍ଗ ପାଇଁ ୧ ଲକ୍ଷ କୋଟି ଟଙ୍କା ନିବେଶ**
- **ମିଶନ ଶକ୍ତି ମା'ଙ୍କୁ ପେନ୍‌ସନ**
- **ବଞ୍ଚିତ ବର୍ଗକୁ ବିଏସ୍‌କେୱାଇ କାର୍ଡ**



## ଦି ରୟାଲ ଗାଇଡ୍ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



ମାର୍ଶାଘାଇ, ୨୭।୫(ସମିସ): ମାର୍ଶାଘାଇ ବ୍ଲକ ଜୁଣଛକସ୍ଥ ଦି ରୟାଲ ଗାଇଡ ବିଜ୍ଞାନ ଆବାସିକ ଶିକ୍ଷା ପ୍ରତିଷ୍ଠାନରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଧିରେନ୍ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷା ପ୍ରତିଷ୍ଠାନର ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ମୁଖ୍ୟବକ୍ତା ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟାପକ ବିବେକାନ୍ଦ ଦାସ, ଦିଲ୍ଲୀପ କୁମାର ରଥ, ଅଭିଭାବକ ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ପ୍ରତିଷ୍ଠାନ +୨ ଛାତ୍ରୀ ନିର୍ଜରା ଦାସ ୫୪୧ ମାର୍କ ରଖି ଶୀର୍ଷ ସ୍ଥାନ ହାସଲ କରିଥିବାରୁ ମୁଖ୍ୟଅତିଥି ଇଂ ଶ୍ରୀ ରଥ ଟ୍ରଫି, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଶିକ୍ଷା ପ୍ରତିଷ୍ଠାନରେ ୬୬ ଜଣ ବିଦ୍ୟାର୍ଥୀ ପ୍ରଥମ, ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଅତିଥିମାନେ କୃତୀ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିକ୍ଷା କର୍ମଚାରୀ ଜଗନ୍ନାଥ ସାମଲ, ଅରୂପ ସାମଲ, ଅନ୍ନପୂର୍ଣ୍ଣା ସାହୁ, ରଶ୍ମିଲତା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଡେରାବିଶ, ୨୭।୫ (ସମିସ): ନିକିରାଇ ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁର ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ସମ୍ପୃକ୍ତ ଗ୍ରାମର ରାଜକିଶୋର ଜେନାଙ୍କ ପୁଅ ସୁଧାଂଶୁ ମୋହନ ଜେନା (୩୬)। ଏ ନେଇ ରାଜକିଶୋର ଶନିବାର ରାତି ୨ଟାରେ ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି। ରାଜକିଶୋରଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ସୁଧାଂଶୁ ଶନିବାର ସନ୍ଧ୍ୟାରେ ଗ୍ରାମରେ ଥିବା ଏକ ପାନ ଦୋକାନରେ ପାନ ଖାଉଥିବାବେଳେ ଗ୍ରାମର ୪ ଜଣ ଯୁବକ ସୁଧାଂଶୁଙ୍କୁ ଲୁହାରଡ୍ ଓ ବିଭିନ୍ନ ମାରଣାସ୍ତ୍ରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସୁଧାଂଶୁଙ୍କୁ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ ସୁଧାଂଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଅଧକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ରାଜକିଶୋର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ରାଜକିଶୋରଙ୍କ କହିବା ଅନୁଯାୟୀ ମୁଣ୍ଡରେ ଅଧିକ କ୍ଷତ ହୋଇଥିବାରୁ ସୁଧାଂଶୁଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ ନିକିରାଇ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ଘଟଣା ସ୍ଥଳକୁ ଆସି ତଦନ୍ତ କରିବା ସହ ଆକ୍ରମଣରେ ବ୍ୟବହୃତ ହୋଇଥିବା ଲୁହାରଡ୍ ଓ ଅନ୍ୟାନ୍ୟ ମାରଣାସ୍ତ୍ରକୁ ଜବତ କରିଥିଲେ। ତେବେ ଘଟଣାର ଅଧିକ ତଦନ୍ତ ପୁଲିସ ପକ୍ଷରୁ ଜାରି ରହିଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯିବା ସମ୍ଭବ ହୋଇ ନ ଥିବା ପୁଲିସ୍ ସୂଚନା ଦେଇଛି। ଏହି ଘଟଣାକୁ ନେଇ ଗ୍ରାମରେ ତିନିଦିନ ହେବ ଚାପା ଉତ୍ତେଜନା ଦେଖାଦେଇଛି।

## ଡଲଫିନ୍ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ

ମାର୍ଶାଘାଇ, ୨୭।୫(ସମିସ): ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ମାର୍ଶାଘାଇ ଶିଳିପୁରସ୍ଥ ଡ଼ଲଫିନ ଯୁକ୍ତଦୁଇ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା ଶତପ୍ରତିଶତ ହୋଇଛି। ମୋଟ ୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬ ଜଣ ଏବଂ ତୃତୀୟ ଶ୍ରେଣୀରେ ୩ ଜଣ କୃତକାର୍ଯ୍ୟ ହୋଇ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ଏହି ବିଦ୍ୟାଳୟର ଛାତ୍ର ନିତ୍ୟାନନ୍ଦ ଜରଦା ୫୧୯ ନମ୍ବର ରଖିଛନ୍ତି। ଲୋପାମୁଦ୍ରା ନାୟକ ୫୦୨ ନମ୍ବର ରଖିଥିବା ବେଳେ ଲକ୍ଷ୍ମୀ ମଣ୍ଡଳ ୫୦୦ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତୁଷାର ପାଲ, ଅଧ୍ୟକ୍ଷ ସୌମେନ୍ଦ୍ର ପାଲ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୌରାଞ୍ଚଳରେ ଧ୍ରୁବଙ୍କ ଜୋର୍‌ଦାର ପ୍ରଚାର

ପଟ୍ଟାମୁଣ୍ଡାଇ, ୨୭।୫(ସମିସ)



ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ବିଭିନ୍ନ ଦଳର ନିର୍ବାଚନ ପ୍ରଚାର ସେତେ ଜୋରଦାର ହେବାରେ ଲାଗିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଗଡ଼ ଭାବେ ପରିଚିତ ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଚାର ଅଭିଯାନ ଜୋରଦାର ହୋଇଛି। ରେକର୍ଡ ବ୍ୟବଧାନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରି ଇତିହାସ ସୃଷ୍ଟି କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ବିଜେଡି ଓ ବିକାଶ ଅସ୍ତ୍ରରେ ବିରୋଧୀଙ୍କୁ ଧରାଶାୟୀ କରିବାକୁ ବିଜେଡି କଳବଳ କୌଶଳ ଲଗାଇ ଦେଇଛି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିଶାଳ ରୋଡ୍ ଶୋ କରି ସମଗ୍ର ଅଞ୍ଚଳକୁ ପ୍ରକମ୍ପିତ କରିବା ସହିତ ଶଙ୍ଖମୟ କରି ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିକାଶ ଶିଖର ଛୁଁଇଥିବାରୁ ବିଜେଡିକୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିଭିନ୍ନ ୱାର୍ଡକୁ ଯାଇ ଭୋଟରଙ୍କୁ ନିବେଦନ କରିଥିଲେ।

ଧ୍ରୁବଙ୍କ ପ୍ରଚାର ଅଭିଯାନ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ବେହେରା, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ରାଜ୍ୟ ବିଜେଡି ସମ୍ପାଦିକା କାଉନସିଲର ସାନିଆ ପରମିନ ସାହେବା, ନଗର ମହିଳା ବିଜେଡି ସଭାନେତ୍ରୀ କାଉନସିଲର ଲାସ୍ୟମୟୀ ସାହୁ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଝରଣା ବେହେରା, ସୁବାସ ମଲିକ, ଗୋପୀବଲ୍ଲଭ ନାୟକ ଓ ରୀନାରାଣୀ ମଲିକ, ନଗର ବିଜେଡି ଉପସଭାପତି ଦିଗାମ୍ବର ମିଶ୍ର, ଯୁବନେତା ବାବନ ସାହୁ, ଏମଡି ଫିରଦୋଷ, ରଶ୍ମୀରଞ୍ଜନ ପାଢ଼ୀ, ଦିଲ୍ଲୀପ ସାହୁ, ନିରାକାର ସାହୁ, ରଞ୍ଜିତ ମଲିକ, ବାପି ସାମଲ, ଅଭିରାମ ସ୍ୱାଇଁ ପ୍ରମୁଖ ବହୁ ବିଜେଡି ନେତା, କର୍ମକର୍ତ୍ତା ଓ ଶହ ଶହ କର୍ମୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ୱାର୍ଡକୁ ଯାଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ଧ୍ରୁବ ସାହୁ ଓ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବନେତା ଅଶୋକ ଧଳ, ବାବନ ସାହୁ, ଅଭିରାମ ସ୍ୱାଇଁ, ଏମଡି ଫିରଦୋଷ ପରିଚାଳନା କରିଥିଲେ।

## ବିଜେଡିରେ ମିଶିଲେ ସାତଭାୟା ପଞ୍ଚାୟତ ବିଜେପି ସଭାପତି



ରାଜନଗର, ୨୭।୫(ସମିସ): ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ବିଜେପି ସଭାପତି କମଳାକାନ୍ତ ସ୍ୱାଇଁ ଆଜି ବିଜେପି ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳ କାର୍ଯ୍ୟାଳୟରେ ରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ବିଧାୟକ ଶ୍ରୀ ସାହୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ଓ ରାଜନଗର ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଶ୍ରୀ ସ୍ୱାଇଁଙ୍କ ମିଶ୍ରଣ ଫଳରେ ସାତଭାୟା ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଛି ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ୩୦ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅଶୋକ ମହାନ୍ତି, ପ୍ରଦୀପ ଲେଙ୍କା, ନିରଞ୍ଜନ ସ୍ୱାଇଁ, ଅଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତସିଂହପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

# ‘ବିରୋଧୀଙ୍କ କୁମ୍ଭୀର କାନ୍ଦଣାକୁ ଲୋକେ ପସନ୍ଦ କରୁନାହାନ୍ତି’



**କୁଜଙ୍ଗ, ୨୭।୫(ସମିସ)**

ନିର୍ବାଚନସମୟରେବିରୋଧୀଦଳମାନେଆସିଓଡ଼ିଶାରେରାଜ୍ୟର ପ୍ରଗତିକୁ ଶିଖରରେ ପହଞ୍ଚାଇବା ସହ ଲୋଭନୀୟ ପ୍ରତିଶ୍ରୁତିମାନ ଦେଉଛନ୍ତି। ଏହା ତାଙ୍କର କୁମ୍ଭୀର କାନ୍ଦଣା। ଏମାନଙ୍କ କୁମ୍ଭୀର କାନ୍ଦଣାକୁ ବିଶ୍ୱାସ ନ କରିବାକୁ ସୋମବାର ଦିନ ପାରାଦୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଆୟୋଜିତ ନିର୍ବାଚନୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଥିଲେ। ରାଜ୍ୟରେ ବିଜେଡ଼ି ସରକାରଙ୍କଦ୍ୱାରା କେତେକ ଯୋଜନା ଓ କାର୍ଯ୍ୟ ବିଷୟରେ ସୂଚନା ଦେଇ ବିଜୁ ସ୍ୱାସ୍ଥ୍ୟ କାର୍ଡ, ଲକ୍ଷ୍ମୀ ବସ୍, ମଧୁବାବୁ ପେନ୍‌ସନ୍, ମିଶନ ଶକ୍ତି ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ, ଭଳି କେତେକ କାର୍ଯ୍ୟକ୍ରମ ଭଲ ଲାଗିଛି କି ନାହିଁ ଉପସ୍ଥିତ ଜନସମାବେଶକୁ ପ୍ରଶ୍ନ କରିଥିଲେ। ସମବେତ ଜନତା ହରିବୋଲ, ହୁଳହୁଳି ଦେଇ ହଁ ମାରିବାରେ ମୁଖ୍ୟମନ୍ତ୍ରୀ ପୁନର୍ବାର ପଚାରିଥିଲେ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳ, ଶଙ୍ଖ ଚିହ୍ନ, ଭଲ ଲାଗୁଛି କି ନାହିଁ କହିବାରେ ଉପସ୍ଥିତ ଶ୍ରୋତା ଛିଡ଼ାହୋଇ ହଁ ମାରିଥିଲେ। ତେଣୁ ଆପଣମାନେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବହୁମତ ଦେଇ ବିଜୟୀ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ସେ ଜୟ ଜଗନ୍ନାଥ କହି ବକ୍ତବ୍ୟ ଶେଷ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପୂର୍ବରୁ ପାରାଦୀପ ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ, ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ୍ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିବା ସାଙ୍ଗକୁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାପାଇଁ ସହଯୋଗ କରିବାକୁ ନିବେଦନ କରିଥିଲେ। ବିଜେଡ଼ିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ଏଥିରେ ଭାଷଣ ଦେଇ ବିଜୁ ଜନତା ଦଳ ସରକାର ଆସନ୍ତା ଜୁଲାଇରୁ ବିଜୁଳି ବିଲ୍ ଛାଡ଼ କରିବାକୁ ନିଷ୍ପତି ନେଇଛି। ମିଶନ ଶକ୍ତି ଜରିଆରେ ମା’ ମାନଙ୍କୁ ସମାଜରେ ସମ୍ମାନ ସହ ଛିଡ଼ା କରେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ନବୀନ ଓଡ଼ିଶା ଗଠନର ସ୍ୱପ୍ନ ଦେଖିଛନ୍ତି ସେ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆପଣମାନଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ଆଗାମୀ ନିର୍ବାଚନରେ ରାଜଶ୍ରୀ, ଗୀତାଞ୍ଜଳି ଓ ରମାକାନ୍ତ ଭୋଇଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ନିବେଦନ କରିଛନ୍ତି। ମା’ ମାନେ ବିରୋଧୀଙ୍କ ନିର୍ବାଚନୀ ଧୂଆଁବାଣରେ ନ’ଭଳି ବିରୋଧୀଙ୍କୁ ପ୍ରଶ୍ନ ପଚାରନ୍ତୁ ପ୍ରତି ମା’ଙ୍କ ବ୍ୟାଙ୍କ୍ ଖାତାକୁ ୧୫ ହଜାର ଲେଖାଏଁ ଜମା କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲ ଗଲା କୁଆଡେ ? ଆଜିର ସଭାରେ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ବ୍ଲକ ବିଜେଡ଼ି ସଭାପତି ନରେନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ, ଜିଲ୍ଲା ବିଜେଡ଼ି ଉପସଭାପତି ଅଜୟ କୁମାର ସାହୁ, ସମାଜସେବୀ ସୁନାକର ବେହେରା, ବ୍ଲକ ଯୁବ ବିଜେଡ଼ି ସଭାପତି ଅରୁପ୍ରସାଦ ମହାନ୍ତି, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପ୍ରଫୁଲ୍ଲ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ରବୀନାରାୟଣ ସାହୁ, ତୁଷାର ଲେଙ୍କା, ମାନଭଞ୍ଜନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିରୋଧୀ ମିଛ ପ୍ରତିଶ୍ରୁତି ଦେଉଛନ୍ତି: ନବୀନ

**ଜଗତସିଂହପୁର, ୨୭।୫ (ସମିସ)**




ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ଦୁଇଟି ସ୍ଥାନରେ ସୋମବାର ମାରାଥନ ପ୍ରଚାର କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରି ବିକାଶରଧାରାକୁ ଅବ୍ୟାହତ ରଖିବାକୁ ଜଗତସିଂହପୁର ସହରର ନବକୃଷ୍ଣ ଚୈଧୁରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ବିଶାଳ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଆଗକୁ ଆଉ ବିଜୁଳି ବିଲ ଆସିବ ନାହିଁ ଓ ସମସ୍ତଙ୍କୁ ବିଏସ୍‌କେୱାଇରେ ସାମିଲ କରାଯିବ ବୋଲି କହିଥିଲେ। ଲୋକଙ୍କୁ ବିରୋଧୀମାନେ ମିଛ କହିଚାଲିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିବା ସହିତ ବିରୋଧି ଦଳ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କହି ତୀବ୍ର ସମାଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଲୋକଙ୍କୁ ପ୍ରଥମେ ପ୍ରବଳ ଖରା ସହ୍ୟକରି ଦୂରରୁ ଆସିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହାପରେ ବିଏସକେୱାଇ ଯୋଜନା, ମିଶନଶକ୍ତି, ମମତା ଯୋଜନା, ଲକ୍ଷ୍ମୀ ବସ୍ ସେବା, ୫-ଟି ସ୍କୁଲ ଯୋଜନା, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ଜବକାର୍ଡ ଯୋଜନା ଭଲ କି ନାହିଁ ବୋଲି ପଚାରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶଙ୍ଖଚିହ୍ନ ଭଲକି ନୁହେଁ ବୋଲି ମଧ ପଚାରିଥିଲେ। ଲୋକମାନେ ଭଲ ଭଲ ବୋଲି କହିବାପରେ ବିଜେଡିର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ଆଶୀର୍ବାଦ କରିବାକୁ କହିଥିଲେ। ରାଜ୍ୟ ତଥା ଜିଲ୍ଲାରେ ବିକାଶର ଧାରା ଜାରି ରଖିବାକୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ।

ଏହି ସଭାରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିୟାନ ଯୋଗଦେଇ ବିଜେପିକୁ ତୀବ୍ର ସମାଲୋଚନା କରିଥିଲେ। ବିଜେପି ଯଦି ଶାସନକୁ ଆସିବ ତେବେ ଆୟୁଷ୍ମାନ ଯୋଜନା ଲାଗୁ କରିବ। ଏଥିରେ ଓଡ଼ିଶାର ଦୁଇକୋଟି ଲୋକ ବାଦ ପଡ଼ିବେ। ନବୀନଙ୍କ ବିଏସକେୱାଇରେ ୯୮ ପ୍ରତିଶତ ଲୋକ

### ବିଜେଡିର ମାଗଣା ବିଜୁଳି ଯୋଜନା ଦ୍ୱାରା ବିଜେପିକୁ କରେଣ୍ଟ ଲାଗିଛି: କାର୍ତ୍ତିକ ପାଣ୍ଡିଆନ

ସାମିଲ ହେଉଥିବା ସମୟରେ ଆୟୁଷ୍ମାନ ଯୋଜନା ଦ୍ୱାରା ରାଜ୍ୟର ଅଧା ଲୋକ ସ୍ୱାସ୍ଥ୍ୟ ସେବା ପାଇବାରୁ ବାଦ ପଡ଼ିବେ ବୋଲି ଶ୍ରୀ ପାଣ୍ଡିୟାନ ଅଭିଯୋଗ କରିଥିଲେ। ସେହିପରି ମାଗଣା ବିଜୁଳି ଯୋଜନା ଘୋଷଣା ହେବା ପରେ ଏହା ବିଜେପିକୁ କରେଣ୍ଟ ଲାଗିଛି ବୋଲି କହିଥିଲେ। ବିଜେପିର ସୌରଶକ୍ତିରୁ ବିଦ୍ୟୁତ ଯୋଜନାରେ ଲୋକଙ୍କୁ ୫୦ରୁ ୬୦ ହଜାର ଟଙ୍କା ଦେବାକୁ ପଡୁଥିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟୁତ ଯୋଜନା ସମ୍ପୂର୍ଣ୍ଣ ମାଗଣା ବୋଲି କହିଥିଲେ। ବିଜେପି ଏପରି କରି ଦିନରେ ଲୋକଙ୍କୁ ଲଣ୍ଠଣ ଦେଖାଉଛି ବୋଲି କହି ଶ୍ରୀ ପାଣ୍ଡିଆନ ସମାଲୋଚନା କରିଥିଲେ। ପୂର୍ବରୁ ସେମାନେ ପ୍ରତି ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଦେବେ ବୋଲି କହିଥିଲେ, ମାତ୍ର ଦେଲେନି। ଏବେ ପ୍ରତି ମହିଳାଙ୍କୁ ୫୦ ହଜାର ଦେବେ ବୋଲି ନୁଆ ଯୋଜନା ଘୋଷଣା କରିଛନ୍ତି। ବିଜେପିର ମିଛ ପ୍ରତିଶ୍ରୁତିରେ ଆଦୌ ବିଶ୍ୱାସ ନକରିବାକୁ ସେ ଲୋକଙ୍କୁ ସଚେତନ କରିଥିଲେ। ଓଡ଼ିଶାକୁ ନବୀନ ଏକ ନମ୍ବର କରିବେ। ତାଙ୍କୁ ଆଶୀର୍ବାଦ କରିବାକୁ ସେ ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ, ସାଂସଦ ରାଜଶ୍ରୀ ମଲ୍ଲିକ ଓ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା- ଏରସମାରୁ ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା, ନିଆଳିରୁ ବିଧାୟକ ପ୍ରାର୍ଥୀ ପ୍ରମୋଦ ମଲ୍ଲିକ, କାକଟପୁରରୁ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଧାୟକ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରମୁଖ ବକ୍ତବ୍ୟ ରଖି ଷଷ୍ଠ ଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ବିଜେଡିକୁ ଭୋଟ ଦେବାକୁ କହିଥିଲେ।



# ବିଜେଡି ପ୍ରାର୍ଥୀ ଗୀତାଞ୍ଜଳିଙ୍କ ପାଇଁ ପ୍ରଚାର ଜୋର୍‌ଦାର୍



**ପାରାଦୀପ, ୨୭।୫ (ସମିସ):** ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ ଶେଷ ପର୍ଯ୍ୟାୟ ଜୁନ ୧ ତାରିଖରେ ମତଦାନ କରାଯିବ।ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି ଥିବା ବେଳେ ବିଜେଡି ତାର ଦଳୀୟ ପ୍ରାର୍ଥୀନୀଙ୍କ ପାଇଁ ପାରାଦୀପ ପୌରାଞ୍ଚଳରେ ପ୍ରଚାରକୁ ଜୋରଦାର କରିଛି।ସୋମବାର ସନ୍ଧ୍ୟାରେ ପୌର ପରିଷଦ ଅଧିନ ୧୪ ନମ୍ବର ୱାର୍ଡ ରେ ଦଳୀୟ ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ ତାଙ୍କର ସମର୍ଥକମାନଙ୍କୁ ନେଇ ଏକ ବିଶାଳ ରାଲି କରିଥିଲେ। ବିଧାୟକ ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟଙ୍କ ସହିତ ମୋନିଦିପା ସର୍ଖେଲ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ଛବିଲତା ରାଉତ, ବାପୁ ପରିଡ଼ା, ଉଲ୍ଲାସ ବିଶ୍ୱାଳ, ସବିତା ମହାପାତ୍ର, ଆଲୋକ ମହାପାତ୍ର, ମନୋଜ ବେହେରା, ଅଟଳ ପରିଡ଼ା, ସମୀର ବିଶ୍ୱାଳ, ଅନୁପ ସାହାଣୀଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇ ୱାର୍ଡ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀରେ କେବଳ ବିଜେଡି ସରକାରଙ୍କ ଅମଳରେ ବିକାଶ ହୋଇଛି ବୋଲି ଲୋକେ ଅନୁଭବ କରି ଷଷ୍ଠଥର ଲାଗି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ପୁନର୍ବାର ବସାଇବା ପାଇଁ ସମସ୍ତ ଭୋଟରଙ୍କୁ ନିବେଦନ କରିଥିଲେ।ଗତ ୫ ବର୍ଷ ତାଙ୍କ ସ୍ୱାମୀ ସମ୍ବିତ ରାଉତରାୟଙ୍କୁ ଜିତାଇ ଥିବା ବେଳେ ପୁନର୍ବାର ତାଙ୍କ ସହଧାର୍ମିଣୀ ହିସାବରେ ଆଉ ଥରେ ଲୋକମାନଙ୍କର ସେବା କରିବାକୁ ଶ୍ରୀମତୀ ରାଉତରାୟ ଲୋକମାନଙ୍କୁ ନିବେଦନ କରିଥିଲେ। ଶହ ଶହ ବିଜେଡି ସମର୍ଥକ ଏହି ରାଲିରେ ୱାର୍ଡ ପରିକ୍ରମା କରିଥିଲେ। ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଗୀତାଞ୍ଜଳି ରାଉତରାୟଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ସ୍ଲୋଗାନ ଦେଇଥିଲେ।

### ବିଜେଡିର ମହାମିଶ୍ରଣ ପର୍ବ

# ବିଜେପି ଉପସଭାପତି ଓ ପୂର୍ବତନ କଂଗ୍ରେସ ସରପଞ୍ଚଙ୍କ ସହିତ ଶତାଧିକ ବିଜେପି କର୍ମୀଙ୍କ ଯୋଗଦାନ



**ରଘୁନାଥପୁର, ୨୭।୫(ସମିସ):** ରଘୁନାଥପୁର ବ୍ଲକର ପୁରଣ ଓଡପଡ଼ା ପଞ୍ଚାୟତର ପ୍ରମିଳା ମଣ୍ଡପରେ ଆଜି ତିର୍ତ୍ତୋଲ ବିଜେଡି ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶୀଷ ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରଘୁନାଥପୁର ବ୍ଲକ ଏରଡଙ୍ଗ ପଞ୍ଚାୟତର କଂଗ୍ରେସର ପୂର୍ବତନ ସରପଞ୍ଚ ଛବିତା ମହାନ୍ତି, ଜିଲ୍ଲା ବିଜେପି ଯୁବ ଉପସଭାପତି ତଥା ଚିକିଣିଆ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଜଗନ୍ନାଥ ବାରିକ, ଚିକିଣିଆ ପଞ୍ଚାୟତର ପୂର୍ବତନ କଂଗ୍ରେସ ସଭାପତି ପବିତ୍ର ନାୟକ, ରଘୁନାଥପୁରର ଦିବାକର ପ୍ରଧାନଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡି ଦଳରେ ଯୋଗ ଦେଇଥିଲେ। ସେମାନଙ୍କୁ ବିଜେଡି ଦଳ ପକ୍ଷରୁ ଜିଲ୍ଲା ବିଜେଡି ସଭାପତି ରବି ନାରାୟଣ ଜେନା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ବ୍ଲକ ପର୍ଯ୍ୟବେକ୍ଷକ ଦୁର୍ଗା ସାମନ୍ତରାୟ, ବିଜେଡି ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ, ରାଜ୍ୟ ବିଜେଡି ସମ୍ପାଦକ ଡ. ସୁରେନ୍ଦ୍ରନାଥ ମହାପାତ୍ର, ପୂର୍ବତନ ରଘୁନାଥପୁର ବ୍ଲକ ଅଧକ୍ଷ ରଜତ ପାତ୍ର, ବରିଷ୍ଠ ବିଜେଡି ନେତା ଦିବାକର ଖଟୁଆ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ବିଜେଡି ଜିଲ୍ଲା ଉପସଭାପତି ଅଶ୍ୱିନୀ କୁମାର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ୍ତ ଭୂୟାଁ, ଅନ୍ତର୍ଯ୍ୟାମୀ ରାଉତ, ଛାତ୍ରନେତା ରାଜେଶ ମିଶ୍ର, ଯୋଶେଫ ସ୍ୱାଇଁ ପ୍ରମୁଖ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ନେତା ଗୌତମ ପାଲିତ, ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ ବିଶ୍ୱଜିତ ଦାଶ, ପ୍ରତାପ ପଟ୍ଟନାୟକଙ୍କ ସମେତ ୫୦୦ରୁ ଉର୍ଦ୍ଧ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ବିଜେଡିର ବାଇକ୍ ଶୋଭାଯାତ୍ରା



**ବାଲିକୁଦା, ୨୭।୫(ସମିସ):** ବାଲିକୁଦା -ଏରସମା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ବାଲିକୁଦା ବ୍ଲକ ୪ନଂ ଜୋନରେ ହଜାରରୁ ଉର୍ଦ୍ଧ୍ୱକର୍ମୀ ବାଇକ ଶୋଭାଯାତ୍ରା ମାଧ୍ୟମରେ ଭୋଟ ଭିକ୍ଷା କରିଥିଲେ।ପ୍ରଥମେ ଖାଲଗାଁ ପଞ୍ଚାୟତ ପକ୍ଷରୁ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଓ ସରପଞ୍ଚ ପ୍ରତିନିଧି ଧ୍ରୁବ ଓଝା ସାରଦାଙ୍କୁ ତିହୁଡି ହନୁମାନ ଛକ ନିକଟରେ ସ୍ୱାଗତ କରିବା ପରେ ବାଇକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ।ଏହି ଅବସରରେ ଖାଲଗାଁ ପଞ୍ଚାୟତର ଦୁଇ ଟାଣୁଆ ନେତା ପୂର୍ବତନ ନବ ନିର୍ମାଣ କୃଷକ ସଂଗଠନ ନେତା ତଥା ମୋ ଦଳ ଜିଲ୍ଲା ସଭାପତି ଦୁର୍ଗା ଚରଣ ସ୍ୱାଇଁ ଓ ରାଜ୍ୟ ସୂଚନା ଅଧିକାର କର୍ମୀ ତଥା ପୂର୍ବତନ ଖାଲଗାଁ ସରପଞ୍ଚ ବାବାଜୀ ଚରଣ ରାଉତଙ୍କ ପୁତ୍ର ପ୍ରଶାନ୍ତ କୁମାର ରାଉତରାୟ ବିଧିବଦ୍ଧ ଭାବେ ସାରଦାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିଲେ।ପରେ ଏହି ଶୋଭାଯାତ୍ରା ଅପଣ୍ଡରା ପଞ୍ଚାୟତଠାରେ ପହଞ୍ଚିବା ପରେ ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସ୍ୱାଇଁ ସ୍ୱାଗତ କରିବା ପରେ ବଜାରରେ ଥିବା ଦଳୀୟ କାର୍ଯ୍ୟାଳୟକୁ ଶ୍ରୀ ଜେନା ଉଦଘାଟନ କରିଥିଲେ।ପରେ ଓଳାଂଶ ବଜାରଠାରେ ପହଞ୍ଚିଲା ପରେ ସରପଞ୍ଚ ଉର୍ମିଳା ସାହୁଙ୍କ ଅଧକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ନିଜର ବକ୍ତବ୍ୟ ପ୍ରଦାନ କରି ଯୋଡି ଶଙ୍ଖରେ ବିପୁଳ ପରିମାଣର ଭୋଟ ଦେବାକୁ କର୍ମୀମାନଙ୍କୁ ନିବେଦନ କରିଥିଲେ। ପରେ ଓଷକଣା, ଅନନ୍ତପୁର, କୁସୁପୁର, ନହରଣା ଓ ମରିଚପୁର ପଞ୍ଚାୟତ ଆଦି ବାଇକ ଶୋଭାଯାତ୍ରାରେ ଯାଇ ଭୋଟ ଭିକ୍ଷା କରିଥିଲେ।ଏଥିରେ ଜିଲ୍ଲା ପରିଷଦ ସଭ୍ୟା ଟର୍ଟିନା ସ୍ୱାଇଁ, ଯୁବ ବିଜେଡି ନେତା ନିରଞ୍ଜନ ଦଳାଇଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ଓ ଦଳର ଛାମୁଆ କର୍ମୀ ଉପସ୍ଥିତ ଥିଲେ।

# ଏର୍‌ସମାରେ ସାରଦାଙ୍କ ନିର୍ବାଚନ ପ୍ରଚାର



**ଏରସମା, ୨୭।୫(ସମିସ):** ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଏରସମା ବ୍ଲକ ୪ନଂ ଜୋନରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଶ୍ରୀ ଜେନାଙ୍କୁ ଚଟୁଆରେ ଶତାଧିକ ମହିଳା ଓ ପୁରୁଷ ସମ୍ବର୍ଦ୍ଧିତ କରିବା ସହିତ ଭବ୍ୟ ସ୍ୱାଗତ କରିଥିଲେ। ନିର୍ବାଚନ ପ୍ରଚାରରେ ଜୋନ ଅଞ୍ଚଳର ଶହ ଶହ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଶ୍ରୀ ଜେନା ବ୍ଲକ ବିଜେଡି ସଭାପତି ପୀତବାସ ଗୋଚ୍ଛାୟତ, ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜୁ ଜନତା ଦଳର ଯୁବ ଉପସଭାପତି ଲୋକନାଥ ରାଉତ, ଗୌରହରି ପାତ୍ରଙ୍କ ସହିତ ଏକ ଶୋଭାଯାତ୍ରାରେ ବାହାରି ବଳେଇପୁର, ଚଟୁଆ, ବାମଦେଇପୁର, ବାଲିତୁଠ, ଗଡ଼କୁଜଙ୍ଗ, ନୂଆଗାଁ, ଢ଼ିଙ୍କିଆ ଆଦି ୭ ପଞ୍ଚାୟତ ପରିକ୍ରମା କରିଥିଲେ। ଏ ଅବସରରେ ଘରକୁ ଘର ବୁଲି ଶ୍ରୀ ଜେନା ଭୋଟ୍ ଭିକ୍ଷା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଦୁଇ ଗାଈ ମୃତ

**ଡେରାବିଶ, ୨୭।୫ (ସମିସ):** କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଠାରେ ଗତକାଲି ରାତିରେ ଅଜଣା ଗାଡ଼ି ଧକ୍କାରେ ଦୁଇଟି ଗାଈଙ୍କର ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ ବଜାର ତଳି ଅଞ୍ଚଳର କିଛି ଗୋପାଳକ ରାତିରେ ଗୁହାଳେ ଗାଈ ନବାନ୍ଧି ଖୋଲାରେ ଛାଡ଼ିଦେଇଥିଲେ। ସେମାନେ ବଜାରର ପରିବାର ଓ ଫଳମୂଳ ଖାଇବା ଲୋଭରେ ଅଧିକାଂଶ ସମୟରେ ରାଜରାସ୍ତା ଉପରକୁ ଆସିଯାଇଥାନ୍ତି। ଗତକାଲି ବିଳମ୍ବିତ ରାତିରେ କୌଣସି ଅଜଣା ଗାଡ଼ି ଧକ୍କାରେ ଦୁଇଟି ଗାଈ ରାସ୍ତା ଉପରେ ମରିପଡ଼ିଥିବା ସକାଳୁ ଲୋକମାନେ ଦେଖିବାକୁ ପାଇଥିଲେ।

# ରାସ୍ତା ଉପରେ ଭାରୀଯାନ; ବଢୁଛି ଦୁର୍ଘଟଣା



**ଏରସମା, ୨୭।୫(ସମିସ):** ଏରସମା ସଦର ମହକୁମାଠାରେ କିଛିଦିନ ହେବ ବାହାର ରାଜ୍ୟରୁ ୭ରୁ ୮ଟି ବଡ଼ ବଡ଼ ମାଲବାହୀ ଗାଡ଼ି ରାସ୍ତା ମଝିରେ ଛିଡ଼ା ହେଉଛି। ଯାହାକୁ ନେଇ କିଛିଦିନି ହେବ ଦୁର୍ଘଟଣାର ସୀମା ଟପିଛୁ। ବାହାର ରାଜ୍ୟର ଗାଡ଼ି ଚାଳକ ସରକାରୀ ନିୟମକୁ ଫୁ କରିଦେଉଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଗୋଚର ଥିଲେ ମଧ ଏହାକୁ କାର୍ଯ୍ୟ କରାଯାଉ ନ ଥିବା ଚର୍ଚ୍ଚା ହୋଉଛି। ନିର୍ବାଚନକୁ ଆଖି ଆଗରେ ରଖି ପ୍ରଶାସନ ବ୍ୟସ୍ତ ଥିବାବେଳେ କିଛି ମାଫିଆ ଫାଇଦା ଉଠାଉଥିବା ଚର୍ଚ୍ଚା ହୋଉଛି। ଏରସମା ମୁଖ୍ୟ ରାସ୍ତା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ହୃଦ୍‌ଘାତରେ ପରଲୋକ



**ରଘୁନାଥପୁର, ୨୭।୫(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପକ କୁମାର ମଲ୍ଲିକ (୪୫)ଙ୍କ କଟକର ଏକ ଘରୋଇ ହସ୍‌ପିଟାଲରେ ଗତକାଲି ରାତି ୧୦ଟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ଦୀପକ ମଲ୍ଲିକ ୨୦୦୭ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ବିଦ୍ୟାଧରପୁର ପଞ୍ଚାୟତର ସରପଞ୍ଚ ଭାବେ ରହି ସାଧାରଣ ଲୋକଙ୍କର ବହୁ ସମସ୍ୟା ସମାଧାନ କରିଥିଲେ। ସେ ଜଣେ ଲୋକପ୍ରିୟ ଯୁବନେତା ଭାବେ ରଘୁନାଥପୁର ଅଞ୍ଚଳରେ ସୁପରିଚିତ। ସେ ଜଣେ ପରୋପକାରୀ, ସ୍ପଷ୍ଟବାଦୀ, ସ୍ନେହୀ, ଆଦରଣୀୟ ରାଜନେତା ଭାବେ ପଞ୍ଚାୟତରେ ପରିଚିତ। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେଲା ପରେ ରଘୁନାଥପୁର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସ୍ୱର୍ଗତ ଦୀପନ ମଲ୍ଲିକଙ୍କ ପ୍ରାର୍ଥିବ ଶରୀର ବିଦ୍ୟାଧରପୁରସ୍ଥିତ ବାସଭବନକୁ ଆସିଲା ପରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକ, କୈଳାଶ ମହାପାତ୍ର, ଅଜୟ ସାମଲ, ରହିମ ଖାଁ, ଭବାନୀ ଶଙ୍କର ଦାସ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଞ୍ଚାୟତର ଶହ ଶହ ଶୁଭେଚ୍ଛୁ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ପ୍ରାର୍ଥିବ ଶରୀରକୁ ପଞ୍ଚାୟତ ପରିକ୍ରମା କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପଞ୍ଚାୟତ ପକ୍ଷରୁ ସ୍ୱର୍ଗତଃ ମଲ୍ଲିକଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଲାପରେ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କର ପୁତୁରା ମୁଖାଗ୍ନି ଦେଇଥିଲେ। ବଡଭାଇ ଦିଲ୍ଲିପ କୁମାର ମଲ୍ଲିକ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୫ • ପାଉଣ୍ଡ ୧୦୬.୯୪
- ୟୁରୋ ୯୦.୨୯ • ୟେନ୍ ୦.୫୩

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୧୫୦ (ଭୁବନେଶ୍ୱର)
- ରୁପା : ୯୪,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୩୯୦.୦୦
- ନିଫ୍ଟି ୨୨,୯୩୨.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ମନ୍ଥର ହେବ ଭାରତର ଅର୍ଥନୀତି

**ନୂଆଦିଲ୍ଲୀ,୨୭।୫(ଏଜେନ୍ସି):**




ଚଳିତମାସ ୩୧ରେ ପ୍ରକାଶ ପାଇବ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସରକାରୀ ଆକଳନ। ଏହାପୂର୍ବରୁ ଦେଶର ଚତୁର୍ଥ ତ୍ରୈମାସିକ ଅଭିବୃଦ୍ଧି ସମ୍ବନ୍ଧରେ ଅନେକ ସ୍ଥାନୀୟ ତଥା ଆନ୍ତର୍ଜାତୀୟ ଏଜେନ୍ସି ଆକଳନ ପ୍ରକାଶ କରୁଛନ୍ତି। ଯଦିଓ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୮ ପ୍ରତିଶତରୁ ଅଧିକ ଥିଲା, କିନ୍ତୁ ଏଥର ଏହା ୭ ପ୍ରତିଶତରୁ କମ୍ ବୋଲି ଆକଳନ କରାଯାଇଛି। ଏହାର ଅର୍ଥ ହେଉଛି ଦେଶର ଜିଡିପିର ଗତି ମନ୍ଥର ହୋଇପାରେ। କାରଣ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧିର ଗତି ୮ ପ୍ରତିଶତରୁ ଅଧିକ ଥିଲା। ରଏଟର୍ସର ସଦ୍ୟତମ ରିପୋର୍ଟରେ ମଧ୍ୟ ସମାନ କଥା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଭାରତର ଜିଡିପି ଅଭିବୃଦ୍ଧି ଏକ ବର୍ଷ ମଧ୍ୟରେ ସର୍ବନିମ୍ନ ହୋଇପାରେ।

ରଏଟର୍ସର ସଦ୍ୟତମ ସର୍ଭେରେ କରାଯାଇଥିବା ଆକଳନ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ସର୍ଭେରେ କୁହାଯାଇଛି ଯେ ଦୁର୍ବଳ ଚାହିଦା ହେତୁ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଭାରତର ଅର୍ଥନୀତି ମନ୍ଥର ଗତିରେ ବୃଦ୍ଧି ପାଇବ। ପୂର୍ବବର୍ଷ ତୁଳନାରେ ଅକ୍ଟୋବର-ଡିସେମ୍ବରରେ ଦେଶର ଜିଡିପି ଅପ୍ରତ୍ୟାଶିତ ଭାବରେ ୮.୪ ପ୍ରତିଶତ ବୃଦ୍ଧି ପାଇଥିଲା। ବିଶ୍ୱର ୫୪ ଅର୍ଥନୀତିଜ୍ଞଙ୍କୁ ନେଇ ରଏଟର୍ସ କରିଥିବା ସର୍ଭେ ଅନୁଯାୟୀ ଚତୁର୍ଥ ତ୍ରୈମାସିକରେ ଏସିଆର ତୃତୀୟ ବୃହତ ଅର୍ଥନୀତିରେ ଅର୍ଥନୈତିକ ଅଭିବୃଦ୍ଧି ୬.୭ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ମୋଟ ମୂଲ୍ୟ ଯୋଗ ଅଭିବୃଦ୍ଧିରେ ମଧ୍ୟ ହ୍ରାସ ଘଟିପାରେ ଯାହା ୬.୨ ପ୍ରତିଶତକୁ ଆସିପାରେ। ସର୍ବେକ୍ଷଣରେ ଅଧିକାଂଶ ଅର୍ଥନୀତିଜ୍ଞ କହିଛନ୍ତି ଯେ ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ମନ୍ଥରତା ହେତୁ ଅଭିବୃଦ୍ଧିର ଗତି ମନ୍ଥର ହୋଇପାରେ।

ଜିଡିପି ଅଭିବୃଦ୍ଧିର ପୂର୍ବ ଆକଳନ ୫.୬ ପ୍ରତିଶତରୁ ୮.୦ ପ୍ରତିଶତ ମଧ୍ୟରେ ଥିଲା। ଜିଡିପି ଅଭିବୃଦ୍ଧିର ସରକାରୀ ତଥ୍ୟ ଜୁନ୍ ୪ରେ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବାର କିଛି ଦିନ ପୂର୍ବରୁ ମେ ୩୧ରେ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଦୁଇ ତୃତୀୟାଂଶରୁ ଅଧିକ ଅର୍ଥନୀତିଜ୍ଞ ଯେଉଁମାନେ ରଏଟର୍ସ ସର୍ଭେରେ ଅଧିକ ପ୍ରଶ୍ନର ଉତ୍ତର ଦେଇଛନ୍ତି ସେମାନେ କହିଛନ୍ତି ଯେ ଜିଡିପି ଅଭିବୃଦ୍ଧି ହାର ପୂର୍ବାନୁମାନଠାରୁ ବହୁତ ଅଧିକ ହେବାର ସମ୍ଭାବନା କମ୍। ଗତ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ହାରାହାରି ୭.୭ ପ୍ରତିଶତ ରହିଥିବାବେଳେ ଚଳିତ ଆର୍ଥିବର୍ଷରେ ଏହା ୬.୮ ପ୍ରତିଶତ ଏବଂ ପରବର୍ତ୍ତୀ ବର୍ଷରେ ୬.୬ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅଧିକାଂଶ ଅର୍ଥନୀତିଜ୍ଞ ବିଶ୍ୱାସ କରନ୍ତି ଯେ କର୍ମକ୍ଷେତ୍ରରେ ଯୋଗ ଦେଉଥିବା ଲକ୍ଷ ଲକ୍ଷ ଯୁବକମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଭିବୃଦ୍ଧି ପାଇଁ ୮ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଅଭିବୃଦ୍ଧି ଆବଶ୍ୟକ। ପାନ୍ଥେନ୍ ମାକ୍ରୋକ୍ନୋମିକ୍ସର ଏସିଆ ଅର୍ଥନୀତିଜ୍ଞ ମିଗୁଏଲ୍ ଚାନକୋ କହିଛନ୍ତି ଯେ ଭାରତର ଅର୍ଥନୀତି ପାଇଁ ୫-୬ ପ୍ରତିଶତ ଏକ ଯୁକ୍ତିଯୁକ୍ତ ଅଭିବୃଦ୍ଧି ହାର। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) କହିଛି ଯେ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୫.୯ ପ୍ରତିଶତ ହେବ ବୋଲି ଆଶା କରୁଛି।

- **୫୪ ଜଣ ଅର୍ଥନୀତିଜ୍ଞଙ୍କ ଉପରେ କରାଯାଇଛି ସର୍ଭେ**
- **ବିନିର୍ମାଣ, ସେବା କ୍ଷେତ୍ରରେ ମନ୍ଥରତା ଅଭିବୃଦ୍ଧି ଆଗରେ ପ୍ରତିବନ୍ଧକ**

## +୨ ବିଜ୍ଞାନରେ ଆଦ୍ୟାନ୍ତ ଛାତ୍ରଛାତ୍ରୀଙ୍କ ଅପୂର୍ବ ସଫଳତା



**ଭୁବନେଶ୍ୱର,୨୭।୫(ସିମସ):** ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିବା ସଙ୍ଗେ ସଙ୍ଗେ ଶ୍ରେଷ୍ଠ ଦଶଟି ସ୍ଥାନରୁ ଦୁଇଟି ସ୍ଥାନ ହାସଲ କରି ସମଗ୍ର ରାଜ୍ୟରେ ରେକର୍ଡ଼ କରିଛନ୍ତି। ଶତକଡ଼ା ୯୦ରୁ ଉର୍ଦ୍ଧ୍ୱ ନମ୍ବର ହାସଲ କରି ୨୦ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ଛାତ୍ରୀ ସାଧନା ସାହୁ ୫୭୧ ନମ୍ବର ରଖି ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଏବଂ ଛାତ୍ର ୱାଇ. ସିଦ୍ଧାର୍ଥ ୫୬୪ ନମ୍ବର ରଖି ରାଜ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ୧୫ଜଣ ଛାତ୍ରଛାତ୍ରୀ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନରେ ୧୦୦ରୁ ୧୦୦ ନମ୍ବର ରଖି ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟ ପରିସରରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ଆଦ୍ୟାନ୍ତର ସଭାପତି ଉମା ସିଂହ, ଉପସଭାପତି ସମରେନ୍ଦ୍ର କୁମାର, ଅଧକ୍ଷା ରିଙ୍କୁ ଷଡଙ୍ଗୀ ଶୃଙ୍ଖଳିତ ଜୀବନ, କଠିନ ପରିଶ୍ରମ ଏବଂ ଉପଯୁକ୍ତ ମାର୍ଗପ୍ରଦର୍ଶନ ସଫଳତାର ଚାବିକାଠି ବୋଲି କହିଥିଲେ। ଏହି ଅପୂର୍ବ ସଫଳତା ପାଇଁ ପରିଚାଳନା କମିଟି ତରଫରୁ ଅଧକ୍ଷ ଅଜୟ ବାହାଦୂର ସିଂହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି।

## ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ଦୀକ୍ଷା ଶିକ୍ଷାନବୀଶଙ୍କ ସମାପନ ସମାରୋହ




**ଭୁବନେଶ୍ୱର, ୨୭।୫((ସମିସ)**

ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ (ସିଏସ୍ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ଓଡ଼ିଶାର ଲାଞ୍ଜିବେର୍ଣ୍ଣାସ୍ଥିତ ଦୀକ୍ଷା (ଡାଲମିଆ ଇନ୍‌ଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାର୍‌ନେସିଂ) ଶିକ୍ଷାନବୀଶମାନଙ୍କ ନିମନ୍ତେ ସମାପନ ଉତ୍ସବ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ନୂଆକରି ସ୍ଥାପିତ କେନ୍ଦ୍ରରେ ଆୟୋଜିତ ପ୍ରଥମ ତାଲିମର ସଫଳ ପୂର୍ଣ୍ଣାଙ୍ଗର ପ୍ରଦର୍ଶନ ଥିଲା। କେନ୍ଦ୍ରର ୩୦ ଛାତ୍ର ଛାତ୍ରୀଙ୍କୁ ହୋମ୍ ହେଲ୍‌ଥକେୟାର କ୍ଷେତ୍ରରେ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଭାବରେ ସେମାନଙ୍କର ତାଲିମ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା, ଯେଉଁମାନଙ୍କ ମଧ୍ୟରୁ ୯୪% ସଫଳତାର ସହିତ ନିଯୁକ୍ତି ପ୍ରାପ୍ତ କରିଛନ୍ତି। ଏକ ଉଲ୍ଲେଖନୀୟ ସଫଳତା ଭାବରେ ୩୦ ଶିକ୍ଷାନବୀଶଙ୍କ ମଧ୍ୟରୁ ୨୯ ଜଣ ମହିଳା ଥିଲେ। ଏହି ଅବସରରେ ଜିଲ୍ଲା କୁଶଳତା ବିକାଶ ତଥା ନିୟୋଜନ ଅଧିକାରୀ, ରାଉରକେଲା ରମେଶ ଚନ୍ଦ୍ର କିଷାନ ଏବଂ ଦୀକ୍ଷା ଲାଞ୍ଜିବେର୍ଣ୍ଣାର କେନ୍ଦ୍ର ପରିଚାଳକ ଜଗନ୍ନାଥ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏ ସମ୍ପର୍କରେ ହି ଅବସରରେ ପ୍ରକାଶ କରି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍ ଏବଂ ୟୁନିଟ୍ ହେଡ, ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ କହିଛନ୍ତି ଯେ, ଡାଲମିଆ ଭାରତରେ ଆମେ ଲିଙ୍ଗଗତ ସମାନତା ଓ ସମାବେଶୀ କାର୍ଯ୍ୟକ୍ରମ ସୃଷ୍ଟି କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ, ଯାହା ସମାଜର ମହିଳାମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ।

## ସର୍ବକାଳୀନ ରେକର୍ଡ ସ୍ତର ଛୁଇଁବା ପରେ ଖସିଲା ଶେୟାର ବଜାର

**ମୁମ୍ବଇ,୨୭।୫(ଏଜେନ୍ସି)**




ସୋମବାର ଭାରତୀୟ ଶେୟାର ବଜାରରେ ପ୍ରତିଷ୍ଠା ହୋଇଛି ନୂଆ ସର୍ବକାଳୀନ ରେକର୍ଡ। ବଜାର କାରବାର ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଶେଷରେ ପୁଣି ତଳକୁ ଖସିଆସିଛି। ଦିନ ଯାକର କାରବାର ମଧ୍ୟରେ ସେନ୍‌ସେକ୍ସ ୭୬,୦୦୯ ପଏଣ୍ଟର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଥିଲା। ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୧୯.୮୯ ବା ୦. ୦୩ ପ୍ରତିଶତ ହ୍ରାସ ହୋଇ ୭୫,୩୯୦ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ) ନିଫ୍ଟି ୨୪.୬୫ ପଏଣ୍ଟ ଅର୍ଥାତ୍ ୦.୧୧ ପ୍ରତିଶତ ହ୍ରାସ ସହିତ ୨୨,୯୩୨ରେ କାରବାର ଶେଷ କରିଛି।

ସୋମବାର ଫାର୍ମା ବା ଔଷଧ କ୍ଷେତ୍ରର ଶେୟାରଗୁଡ଼ିକର କାରବାରରେ ଅଧିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଡିଭିଜ୍ ଲ୍ୟାବ୍‌ର ଶେୟାର ମୂଲ୍ୟରେ ପାଖାପାଖି ୫ ପ୍ରତିଶତ ଏବଂ ଟରେଣ୍ଟ ଫାର୍ମା ଶେୟାରରେ ୫ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହୋଇଥିଲା। ଆଜି ବଜାର କାରବାର ଶେଷ ହେବା ସମୟରେ ବିଏସଇର ବଜାର ପୁଞ୍ଜି ୪୨୦.୦୦ ଲକ୍ଷ କୋଟି ଟଙ୍କା ରହିଥିଲା। ହେଲେ ଦିନର କାରବାର ସମୟରେ ଏହା ୪୨୧.୬୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏହି ବର୍ଦ୍ଧିତ ୧.୬୮ ଲକ୍ଷ କୋଟି ଟଙ୍କା ମାତ୍ର ଘଣ୍ଟାକରେ ଶେଷ ହୋଇଯାଇଥିଲା। ଫଳରେ କାରବାର ଶେଷ ମିନିଟ୍‌ରେ ସେନ୍ସସେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଥିଲା। ବିଏସ୍‌ଇର ୪୧୦୫ ଟି ସେୟାର ମଧ୍ୟରୁ ଆଜି ୧୭୧୧ ଟି ସେୟାର ବୃଦ୍ଧି ସହିତ କାରବାର ଶେଷ କରିଥିବାବେଳେ ୨୨୫୪ଟି ସେୟାରରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିପରି ୧୪୦ଟି ସେୟାରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଜି କାରବାର ବନ୍ଦ ସମୟରେ ୩୩୫ଟି ସେୟାର ଅପର ସର୍କିଟ୍‌ରେ ରହିଥିଲା। ସେହିପରି ୩୧୪ ଟି ସେୟାର ଲୋୟର ସର୍କିଟ ରହିଥିଲା।

**ସେନ୍‌ସେକ୍ସ ୭୬,୦୦୦ ପଏଣ୍ଟ ଟପିଲା**

## ରେଞ୍ଜ ରୋଭର ଏବେ ମେଡ୍ ଇନ୍ ଇଣ୍ଡିଆ




**ଭୁବନେଶ୍ୱର, ୨୭।୫(ସମିସ):** ରେଞ୍ଜ ରୋଭର ହାଉସ ଭାରତରେ ଏକ ସ୍ୱତନ୍ତ୍ର,ଆଧୁନିକ ବିଳାସପୂର୍ଣ୍ଣ ଅଭିଜ୍ଞତା ସହିତ ପହଁଚିଛି ଯାହା ଏହି ଅଞ୍ଚଳରେ ବିଚକ୍ଷଣ ତଥା ଧନୀ ଗ୍ରାହକଙ୍କ ଅଭିଳାଷକୁ ପୂରଣ କରିବା ପାଇଁ ପରିକଳ୍ପିତ। ରେଞ୍ଜ ରୋଭର ହାଉସ ଭାରତର ବିଳାସପୂର୍ଣ୍ଣ ଉପକୂଳବର୍ତି ସହର ଆଲିବାଗରେ ଡେବ୍ୟୁ କରିଛି, ଯାହା ଭାରତୀୟ ବଜାର ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ରେଞ୍ଜ ରୋଭର ହାଉସ ଭାରତରେ କ୍ରମାଗତ ଗ୍ରାହକ ଚାହିଦାକୁ ଦୃଷ୍ଟି ଦେଇ ଚମତ୍କାର ରେଞ୍ଜ ରୋଭର ଓ ଗତିଶୀଳ, ଆଧୁନିକ ପ୍ରଦର୍ଶନ ଏସୟୁଭି, ରେଞ୍ଜ ରୋଭର ସ୍ପୋର୍ଟ ପ୍ରଥମଥର ପୁନେ, ଭାରତରେ ସ୍ଥାନୀୟ ଭାବରେ ଉତ୍ପାଦିତ ହେବ। ଏହି ପଦକ୍ଷେପ ଭାରତର ଗ୍ରାହକଙ୍କ ପାଇଁ ଏକ ଆଧୁନିକ ବିଳାସପୂର୍ଣ୍ଣ ଯାତ୍ରାକୁ ସୁନିଶ୍ଚିତ କରିବ। ସ୍ଥାନୀୟ ଭାବରେ ରେଞ୍ଜ ରୋଭର ଓ ସ୍ପୋର୍ଟ ଉତ୍ପାଦନ କରୁଥିବା ଭାରତ ପ୍ରଥମ ଦେଶ ହେବ, ଯାହା ରେଞ୍ଜ ରୋଭର ଭେଲାର, ରେଞ୍ଜ ରୋଭର ଇଭୋକ, ଜାଗୁଆର ଏଫପେସ ଓ ଡିସକଭରୀ ସ୍ପୋର୍ଟରେ ଯୋଗ ଦେବ ଯାହା ପୁନେରେ ପ୍ରତିଷ୍ଠିତ ହୋଇସାରିଛି। ଜେଏଲଆର ମୁଖ୍ୟ ବାଣିଜ୍ୟ ଅଧିକାରୀ ଲୋନାର୍ଡ ହୋର୍ନିକ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ ସ୍ଥିର ଓ ଚମତ୍କାର ଅର୍ଥନୀତିକ ବୃଦ୍ଧି ହାସଲ କରିଛି ଓ ଭବିଷ୍ୟତରେ ଏହି ଅଭିବୃଦ୍ଧି ମଧ୍ୟ ଜାରି ରହିବ। ଏହା ଦ୍ୱାରା ଭାରତୀୟ ଗ୍ରାହକଙ୍କ ପାଇଁ ଉତ୍ପାଦ ଅଫରକୁ ଲୋକାଲାଇଜ କରିବାକୁ ସୁଯୋଗ ଆସିଛି। ଏହି ମାର୍କେଟରେ ଗ୍ରାହକଙ୍କ ପାଇଁ ରେଂଜ ରୋଭର ବର୍ତ୍ତମାନ ମେଡ ଇନ ଇଣ୍ଡିଆ ହେବ କିନ୍ତୁ ଏହାର ଆଦର୍ଶ ବ୍ରିଟିଶ ଡିଜାଇନରେ ନିର୍ମିତ ହୋଇଛି ଓ ରୋଭର ବ୍ରାଣ୍ଡ ସହିତ ସମାନ୍ତରାଳ। ରେଞ୍ଜ ରୋଭରର ଏମ୍‌ଡି ଜେରାଲଡାଇନ ଇନଘାମ କହିଛନ୍ତି ଯେ ଆମର ୫୩ ବର୍ଷର ଇତିହାସରେ ରେଂଜ ରୋଭର ପାଇଁ ଗ୍ରାହକଙ୍କ ଚାହିଦା ସର୍ବୋଚ୍ଚ ସ୍ତରରେ ରହିଥିବା ଦେଖୁଛୁ।

## ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୫(ସମିସ)**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ କମ୍ପାନୀର ପ୍ରଥମ ୟୁନିଟ୍-ଲିଙ୍କ୍ଡ ପ୍ରଡକ୍ଟ (ୟୁଏଲ୍ଆଇପି) ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍‌ର ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ପାଦ ଡିଷ୍ଟ୍ରିବ୍ୟୁଟର ମାନଙ୍କୁ ସେମାନଙ୍କର ଗ୍ରାହକଙ୍କୁ ସମଗ୍ର ବୀମା ଅବଧି ପାଇଁ ନିବେଶ ଜାରି ରଖିବା ଲାଗି ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥାଏ। ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍ ବିନା କୌଣସି ମୂଲ୍ୟ ଓ ଟିକସରେ ଅସୀମିତ ମାଗଣା ସ୍ଥାନାନ୍ତରଣ ଦେଇଥାଏ। ଗ୍ରାହକମାନେ ଏହି ଉତ୍ପାଦ ଅଧୀନରେ ୨୧ଟି ଫଣ୍ଡ ଏକ ଶୃଙ୍ଖଳା ମଧ୍ୟରୁ ଚୟନ କରିପାରିବେ ଯେଉଁଥିରେ ୧୩ଟି ଇକ୍ୱିଟି ଏବଂ ଋଣ ଓ ସନ୍ତୁଳିତ ବର୍ଗଗୁଡ଼ିକରେ ୪ଟି ଲେଖାଏଁ ଫଣ୍ଡ ସାମିଲ ରହିଛି। ଏହାବ୍ୟତୀତ ଏହା ୪ଟି ପୋର୍ଟଫୋଲିଓ ରଣନୀତି ମଧ୍ୟରୁ ଗୋଟିଏ ବିକଳ୍ପ ମଧ୍ୟ ଦେଉଛି। ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍ ଦୁଇଟି ଲାଇଫ୍ କଭର ଭାରିଆଣ୍ଟ ମଧ୍ୟରେ ଏକ ବିକଳ୍ପ ପ୍ରଦାନ କରୁଛି। ଗ୍ରୋଥ୍ ପ୍ଲସ୍ ଭାରିଆଣ୍ଟ ନୋମିନିଙ୍କୁ ନିଶ୍ଚିତ ହୋଇଥିବା ରାଶି କିମ୍ବା ଫଣ୍ଡ ମୂଲ୍ୟ ମଧ୍ୟରୁ (ଯେଉଁଟି ଅଧିକ) ଗୋଟିଏ ପାଇବାକୁ ଅଧିକାର ଦେଇଥାଏ। ସେହିପରି ପ୍ରୋଟେକ୍ଟ ପ୍ଲସ୍ ଭାରିଆଣ୍ଟ ନୋମିନିଙ୍କୁ ଉଭୟ ନିଶ୍ଚିତ ରାଶି ଓ ଫଣ୍ଡ ମୂଲ୍ୟ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ ପାଲ୍ଟା କହିଛନ୍ତି, ଆମ କମ୍ପାନୀର ପ୍ରଥମ ୟୁଏଲ୍ଆଇପି ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍‌କୁ ଡିଷ୍ଟ୍ରିବ୍ୟୁଟରଙ୍କ ଦେୟକୁ ସେମାନଙ୍କର ଗ୍ରାହକଙ୍କ ଫଣ୍ଡ ମୂଲ୍ୟ ସହ ସମାନ ରଖିବା ପାଇଁ ଡିଜାଇନ କରାଯାଇଛି, ଯାହା ଉଭୟଙ୍କ ମଧ୍ୟରେ ଦୀର୍ଘାବଧି ଆଗ୍ରହକୁ ପ୍ରୋତ୍ସାହିତ କରୁଛି।

## ମଣିପାଲ ହସ୍ପିଟାଲ ପକ୍ଷରୁ ଏୟାର ,ବାଇକ୍ ଓ ରୋଡ୍ ଆମ୍ବୁଲାନ୍ସ ସେବା ଆରମ୍ଭ




ଭୁବନେଶ୍ୱର,୨୭।୫(ସମିସ): ବିଶ୍ୱ ଜରୁରୀକାଳୀନ ଚିକିତ୍ସା ଦିବସ ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଓଡ଼ିଶାରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ରୋଡ୍ ଆମ୍ବୁଲାନ୍ସ, ଏୟାର ଆମ୍ବୁଲାନ୍ସ ଏବଂ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି। ମଣିପାଲ ଆଡଭାନ୍ସଡ ରେସପନ୍ସ ସିଷ୍ଟମ (ମାର୍ସ) ମାଧ୍ୟମରେ ଏହାକୁ ଆରମ୍ଭ କରାଯାଇଛି। ଜରୁରୀକାଳୀନ ପରିସ୍ଥିତି ପାଇଁ ହେଲପ ଲାଇନ ନମ୍ବର ୦୬୭୪ ୬୬୬୬୬୬୬୬ ଜାରି କରାଯାଇଛି। ଷ୍ଟ୍ରୋକ୍,ଦୁର୍ଘଟଣା, ହୃଦଘାତ, ଟ୍ରମା ସମେତ ଯେକୌଣସି ଜରୁରୀ କାଳୀନ ପରିସ୍ଥିତି ପାଇଁ କଲ୍ କରି ପାରିବେ ଏହି ନମ୍ବରକୁ କଲ୍ କରି ୨୪ ଘଣ୍ଟିଆ ସେବାର ବ୍ୟବହାର କରିପାରିବେ। ଜରୁରୀକାଳୀନ ସେବାକୁ ଲକ୍ଷ୍ୟ କରି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମଣିପାଲ ଜରୁରୀକାଳୀନ ସ୍ୱାସ୍ଥ୍ୟ କାର୍ଡ (ଏମଇଏଚସି) ମଧ୍ୟ ଆରମ୍ଭ କରିଛି। ଏହି କାର୍ଡ ଦ୍ୱାରା ତୁରନ୍ତ ଓ ବ୍ୟକ୍ତିଗତ ଚିକିତ୍ସା ପାଇପାରିବେ ରୋଗୀ। ଏହି କାର୍ଡ ଥିଲେ ଜରୁରୀକାଳୀନ ପରିସ୍ଥିତିରେ ଚିକିତ୍ସା ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ି ନାହିଁ। ତୁରନ୍ତ ଚିକିତ୍ସା ପାଇଁ ରୋଗୀ ଏହି କାର୍ଡର ଉପଯୋଗ ପାଇପାରିବେ। ବାର୍ଷିକ ୪୯୯୯ ଟଙ୍କା ଫି ଭରି ଏହି କାର୍ଡର ଉପଯୋଗ ପାଇପାରିବେ। ଏହି ଅତ୍ୟାଧୁନିକ ସଡ଼କ ଆମ୍ବୁଲାନ୍ସରେ ଭେଣ୍ଟିଲେଟର, ଡେଫିବ୍ରିଲେଟର, ମନିଟର, ବିଲ୍ଟ-ଇନ୍ ଇସିଜି ମେସିନ୍, ସିରିଞ୍ଜ ପମ୍ପ ଆଦି ଜୀବନ ରକ୍ଷାକାରୀ ଉପକରଣ ରହିଛି, ଯାହା ରୋଗୀଙ୍କୁ ପରିବହନ ସମୟରେ ଗୁରୁତର ରୋଗୀଙ୍କ ନିରନ୍ତର ତଦାରଖ କରିପାରିବ ଏବଂ ଚିକିତ୍ସାପୋଯୋଗୀ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିସିପି ପ୍ରତୀକ୍ ସିଂହ ଯୋଗଦେଇଥିବା ବେଳେ ହସ୍ପିଟାଲ ନିର୍ଦ୍ଦେଶକ ଡାଃ ଶକ୍ତିମୟ ମହାପାତ୍ର ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ଉନ୍ନତ ମାନର ଜରୁରୀକାଳୀନ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

**ଟେଲିକମ୍ ଅପରେଟରଙ୍କୁ ସରକାରଙ୍କ ନିର୍ଦ୍ଦେଶ**

# ଜାଲ୍ ଅନ୍ତର୍ଜାତୀୟ କଲ୍‌କୁ ବ୍ଲକ୍ କର

**ନୂଆଦିଲ୍ଲୀ,୨୭।୫(ଏଜେନ୍ସି)**




ସାଇବରଠକମାନେ ଏବେ ଭାରତୀୟ ନାଗରିକମାନଙ୍କୁ ଜାଲ୍ ନାମରେ ଅନ୍ତର୍ଜାତୀୟ କଲ୍ କରି ସାଇବର ଅପରାଧ ଘଟାଉଛନ୍ତି। ଏହି ଠକମାନେ ଭାରତୀୟ ନମ୍ବର ପ୍ରଦର୍ଶନ କରୁଥିବା ଜାଲ୍ ନମ୍ବର ନାମରେ କଲ୍ କରି ସାଇବର ଅପରାଧ କରିବା ସହ ଆର୍ଥିକ ଠକେଇ ମଧ୍ୟ କରୁଛନ୍ତି। ଏହି କଲ୍‌ଗୁଡ଼ିକ ଭାରତରୁ ଆସୁଥିବା ପରି ଜଣାପଡୁଛି,କାରଣ ଏଥିରେ ଭାରତୀୟ ମୋବାଇଲ ନମ୍ବର ଦୃଶ୍ୟମାନ ହେଉଛି। ପ୍ରକୃତରେ ସେସୁବ କଲ୍ ସାଇବର୍ ଅପରାଧିମାନଙ୍କ ଦ୍ୱାରା ବିଦେଶରୁ କରାଯାଉଛି। ସାଇବର ଅପରାଧିମାନେ କଲିଂ ଲାଇନ୍ ପରିଚୟ (ସିଏଲ୍ଆଇ)ର ନାମରେ ପରିବର୍ତ୍ତନ କରି ଏପରି କଲ୍ କରୁଛନ୍ତି।

ନିକଟରେ ହୋଇଥିବା ନକଲି ଡିଜିଟାଲ୍ ଗିରଫ, ଫେଡେକ୍ସ ସ୍କାମ, କୋରିଅରରେ ନିଶା/ଡ୍ରଗ୍ସ କାରବାର, ନିଜକୁ ସରକାରୀ ଏବଂ ପୋଲିସ ଅଧିକାରୀ ଭାବେ ଛଦ୍ମନାମରେ ପରିଚୟ ଦେବା ଏବଂ ଟେଲିକମ୍ ବିଭାଗ/ ଟ୍ରାଇ ଦ୍ୱାରା ମୋବାଇଲ୍ ନମ୍ବର ବନ୍ଦ କରିଦେବା ଇତ୍ୟାଦି ମାମଲାରେ ଏହି ଅନ୍ତର୍ଜାତୀୟ ଜାଲ୍ କଲ୍‌ଗୁଡ଼ିକର ଅପବ୍ୟବହାର କରାଯାଇଛି। ସେଥିପାଇଁ ଟେଲିକମ ବିଭାଗ (ଡଟ୍) ଏବଂ ଟେଲିକମ୍ ସେବା ପ୍ରଦାନକାରୀ (ଟିଏସପି) ଏବେ ଭାରତୀୟ ଟେଲିକମ୍ ଉପଭୋକ୍ତାମାନଙ୍କୁ ଆସୁଥିବା ଏପରି ଅନ୍ତର୍ଜାତୀୟ ଜାଲ୍ କଲ୍ ଗୁଡ଼ିକୁ ଚିହ୍ନଟ ଏବଂ ବ୍ଲକ୍ କରିବା ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିଛନ୍ତି। ଟେଲିକମ୍ ସେବା ପ୍ରଦାନକାରୀମାନଙ୍କୁ ଏବେ ଏପରି ଜାଲ୍ ଅନ୍ତର୍ଜାତୀୟ କଲ ଗୁଡ଼ିକୁ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟେଲିକମ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଟିଏସପି ଦ୍ୱାରା ଭାରତୀୟ ଲ୍ୟାଣ୍ଡଲାଇନ୍ ନମ୍ବର ପ୍ରଦର୍ଶନ କରି ଆସୁଥିବା ଅନ୍ତର୍ଜାତୀୟ ଜାଲ୍ କଲ୍ ଗୁଡ଼ିକୁ ବ୍ଲକ୍ କରିବା କାମ ପ୍ରଥମରୁ ଆରମ୍ଭ ହୋଇଛି।

ଉପଭୋକ୍ତାମାନଙ୍କର ସୁରକ୍ଷା ଏବଂ ନିରାପତ୍ତା ଡିଜିଟାଲ୍ ଇଣ୍ଡିଆ ଭିଜନର ଏକ ମୁଖ୍ୟ ଅଂଶ ହୋଇଥିବାରୁ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ଟେଲିକମ୍ ବିଭାଗ ପକ୍ଷରୁ ନାଗରିକ କୈନ୍ଦ୍ରିକ ସଂଚାର ସାଥୀ ପୋର୍ଟାଲ୍ ସମେତ ଅନେକ ପଦକ୍ଷେପ ନିଆଯାଇଛି। ସର୍ବଶ୍ରେଷ୍ଠ ଉଦ୍ୟମ କରାଯାଉଥିଲେ ମଧ୍ୟ କିଛି ସାଇବର ଠକ ବିଭିନ୍ନ ଉପାୟରେ ସଫଳ ହେଉଛନ୍ତି। ଏପରି କଲ୍ ପାଇଁ, ଗ୍ରାହକ ସଂଚାର ସାଥୀରେ ଥିବା ଚକ୍ଷୁ ସୁବିଧା କେନ୍ଦ୍ରରେ ଏପରି ଜାଲ୍ କଲ୍ ସମ୍ପର୍କରେ ରିପୋର୍ଟ କରିପାରିବେ।

**ଭାରତୀୟ ମୋବାଇଲ ନମ୍ବର ସହ ଆସୁଛି ଅନ୍ତର୍ଜାତୀୟ ଜାଲ୍ କଲ୍**

## ମା' ତାରିଣୀଙ୍କ ଜନ୍ମୋତ୍ସବ

**ପାଣିକୋଇଲି, ୨୭।୫(ସମିସ):** ଚଳିତ ମାସ ୨୩ ତାରିଖ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନ ମା' ତାରିଣୀଙ୍କ ଜନ୍ମୋତ୍ସବ ସ୍ଥାନୀୟ ମା ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇ ୨୫ ତାରିଖ ଦିନ ପୂର୍ଣ୍ଣାହୂତି ହୋଇଯାଇଛି। ୨୨ ତାରିଖ ଦିନ ଅଧିବାସ ପରେ ତିନି ଦିନ ଧରି ଯଜ୍ଞୋତ୍ସବ ଓ ପାଲା ପରିବେଷଣ କରାଯାଇଥିଲା। ମୁଖ୍ୟ ପୁରୋହିତ ଆଚାର୍ଯ୍ୟ ରବି ମିଶ୍ର ଓ ମନ୍ଦିରର ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ତ୍ତା ଭାବେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସସ୍ତ୍ରୀକ ଭାବେ ପୂଜା କାର୍ଯ୍ୟ ତୁଲାଇଥିଲେ।

## +୨ କଳାରେ ପରିବା ବ୍ୟବସାୟୀଙ୍କ ଝିଅର ସଫଳତା

**କୁଆଖିଆ/ବାରବାଟୀ, ୨୭।୫(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପାରିକଇଁଚି ଗ୍ରାମର ପରିବା ବ୍ୟବସାୟୀ କ୍ଷୀରୋଦ ବୋଇତାଇଙ୍କ ଝିଅ ସୁଜାତା ବୋଇତାଇ ମଧୁବନ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରୁ +୨ କଳାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏଥିପାଇଁ ପରିବାର ତଥା ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏ ଉପଲକ୍ଷେ ସଖୀ ଦେବୀ ଫାଉଣ୍ଡେସନ ପକ୍ଷରୁ ତାଙ୍କ



ସଫଳତା ପାଇଁ ସଭାପତି ପ୍ରଦୀପ ସାମଲ ଓ ସମ୍ପାଦକ ମାନସ ବୋଇତାଇ ତାଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

# 'ଆଇନଜୀବୀଙ୍କ ପାଇଁ ବିଜେଡି ସରକାରଙ୍କ ଅବଦାନ ରହିଛି'

**ଯାଜପୁର, ୨୭।୫ (ସମିସ)**

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ନିର୍ବାଚନ ପରିପ୍ରେକ୍ଷୀରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟର ସଭାପତି ମିଳନ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ଆଇନଜୀବୀଙ୍କ ପାଇଁ ନବୀନ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ସମସ୍ତ ଆଇନଜୀବୀଙ୍କ ପାଇଁ କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କାରୁ ୧୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆଇନଜୀବୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରାଯିବା ପାଇଁ ପୂର୍ବରୁ ବହୁବାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ମାତ୍ର ଚଳିତ ନିର୍ବାଚନ ଇସ୍ତାହାରରେ ରାଜ୍ୟରେ ବାଦ୍ ପଡ଼ିଥିବା ବିଏସ୍‌କେୱାଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ରାଜ୍ୟର ସମସ୍ତ ଆଇନଜୀବୀ ଅନ୍ତର୍ଭୁକ୍ତ ହେଉଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀକୁ ଆଇନଜୀବୀ ପାର୍ଥ ରାୟ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୨୪ ବର୍ଷ କାର୍ଯ୍ୟକାଳର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ରାଜ୍ୟରେ ଥିବା ଆଇନଜୀବୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଶେଷ ଦୃଷ୍ଟି ଦେଇଥିବାରୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ଦିନେଶ ରାୟ, ଅକ୍ଷୟ ପତି, ଉପସଭାପତି ରାଜୀବ କୁମାର ମହାନ୍ତି, ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପସଭାପତି ବଂଶୀଧର ଶତପଥୀ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଭ୍ୟମାନେ ଆସନ୍ତା ଜୁନ୍ ୧ ତାରିଖରେ ହେବାକୁ ଥିବା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥି / ପ୍ରାର୍ଥିନୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍‌ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ



କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବାର ଆସୋସିଏସନ୍‌ର ସମ୍ପାଦକ କାଳିକିଂକର ଚାଟାର୍ଜୀ, ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ସଭାପତି ପ୍ରବୀର କୁମାର ରାୟ, ଡିଷ୍ଟ୍ରିକ୍ଟ କ୍ରିମିନାଲ ଆସୋସିଏସନ୍‌ର ସଭାପତି କିଶୋର ଚନ୍ଦ୍ର କର, ଚଣ୍ଡିଖୋଲ ବାର୍ ଆସୋସିଏନ୍‌ର ସଭାପତି ଦେବରାଜ ବେହେରା, ସୁକିନ୍ଦା ବାର୍ ଆସୋସିଏସନ୍‌ର ସଭ୍ୟା ତପସ୍ୱିନୀ ବେହେରା, ଯାଜପୁରରୋଡ ବାର୍ ଆସୋସିଏନ୍‌ର ବରିଷ୍ଠ ସଭ୍ୟ ରଜତ କୁମାର ରାଉତ, ବରୀ ବାର୍ ଆସୋସିଏନ୍‌ର ସଭାପତି ରାଜକିଶୋର ସାମଲ, ବିଂଝାରପୁର ବାର୍ ଆସୋସିଏନ୍‌ର ସଭାପତି ମାନଗୋବିନ୍ଦ ଧଳ, ଢେଙ୍କାନାଳ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଭାପତି ଗୋପାଳ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ବହୁ ଆଇନ୍‌ଜୀବୀ ଆଲୋଚନାରେ ଭାଗନେଇ ଯାଜପୁର ଲୋକସଭାର ପ୍ରାର୍ଥିନୀ ଓ ଜିଲ୍ଲାର ୭ଟି ବିଧାନସଭାର ପ୍ରାର୍ଥି/ ପ୍ରାର୍ଥିନୀଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ଜିତାଇବାକୁ ଉପସ୍ଥିତ ଆଇନଜୀବୀଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ ଯୋଗଦେଇ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ଆଇନଜୀବୀଙ୍କୁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରି ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ।

## ୨୫୦ ପୋଲିଂ ପାର୍ଟିକୁ ଶେଷ ପର୍ଯ୍ୟାୟ ପ୍ରଶିକ୍ଷଣ

**ଯାଜପୁର, ୨୭।୫(ସମିସ)**

ଆସନ୍ତା ୧ ତାରିଖରେ ଯାଜପୁର ଜିଲ୍ଲାରେ ଯାଜପୁର (ସଂରକ୍ଷିତ) ଲୋକସଭା ଆସନ, ବିଂଝାରପୁର (ସଂରକ୍ଷିତ), ବରୀ, ବଡ଼ଚଣା ଧର୍ମଶାଳା, ଯାଜପୁର, କୋରେଇ ଓ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହେବ। ଏ ଅବସରରେ ଆଜି ସକାଳ ୭ ଘଟିକାଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଅଫିସର, ଆଟେଷ୍ଟିଂ ଅଫିସର, ପୋଲିଂ ଅଫିସର ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ପୋଷ୍ଟାଲ ବାଲାଟ ଭୋଟିଂ ସମ୍ପାଦିତ ହୋଇଥିଲା। ଆଜି ୧୦୮୦ ଭୋଟର ଲୋକସଭା ଓ ବିଧାନସଭା ନିମନ୍ତେ ପୋଷ୍ଟାଲ ବାଲାଟରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ପୋଲିଂ କର୍ମଚାରୀ ବୁଥ୍‌ରେ ନିର୍ବାଚନ କମିଶନଙ୍କ




ଏନ୍‌ସି କଲେଜରେ ଚତୁର୍ଥ ତଥା ଅନ୍ତିମ ଦିବସରେ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ୨୫୦ ପୋଲିଂ ପାର୍ଟି ଅନ୍ତର୍ଭୁକ୍ତ ୧୬୯୦ ପୋଲିଂ କର୍ମଚାରୀ ଚୂଡ଼ାନ୍ତ ପ୍ରଶିକ୍ଷଣ ନେଇଛନ୍ତି। ନିର୍ବାଚନ କାର୍ଯ୍ୟରେ (ପୋଲିଂ ପାର୍ଟି) ଜିଲ୍ଲାର କର୍ମଚାରୀଙ୍କ ନିମନ୍ତେ ପୋଷ୍ଟାଲ ବାଲାଟରେ ମତଦାନ ସାବ୍ୟସ୍ତ କରିବା ପାଇଁ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୭ଟି ମତଦାନ କକ୍ଷ କରାଯାଇ ଲୋକସଭା ଓ ବିଧାନସଭାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଗ୍ରହଣ କରାଯାଇଥିଲା। ପୋଷ୍ଟାଲ ବାଲାଟ ଭୋଟରମାନେ ଭୋଟ ଦେଇ ବନ୍ଦ ଲଫାପାକୁ ଲୋକସଭା ଓ ବିଧାନସଭା ପାଇଁ ପୃଥକ ବାକ୍ସରେ ପକାଇଥିଲେ। ଏହି ଭୋଟଦାନ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟଦାନ କକ୍ଷରେ ନିଯୁକ୍ତ ସହକାରୀ ରିଟର୍ଣ୍ଣି ନିର୍ଦ୍ଦେଶମତେ ମତଦାନ କାର୍ଯ୍ୟ ସଫଳ ଭାବେ ସମ୍ପାଦିତ କରି ଯାଜପୁର ଜିଲ୍ଲାକୁ ଓଡ଼ିଶାରେ ଦୃଷ୍ଟାନ୍ତ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ଲଙ୍କେଶ୍ୱର ଅମାତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଓ ଉପଖଣ୍ଡ ମାଜିଷ୍ଟ୍ରେଟ୍ ଅଂଶୁମାନ ଶତପଥୀ, ପୋଷ୍ଟାଲ ବାଲାଟ ଭୋଟିଂ ନୋଡାଲ ଅଧିକାରୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀମତୀ ରଶ୍ମିରେଖା ପ୍ରଧାନ, ଡେପୁଟି କଲେକ୍ଟର, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

## କାର ସହ ବାଇକ ଧକ୍କା; ଜଣେ ଗୁରୁତର

**ଅନୁଗୋଳ, ୨୭।୫(ସମିସ):** ଅନୁଗୋଳ ସଦରଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ବଅଁରପାଳ ଥାନା ତଳମୂଳ ଗ୍ରାମର ବ୍ରଜବନ୍ଧୁ ବେହେରା (୪୫) ଅନୁଗୋଳ ସହରରୁ ଘରକୁ ଫେରୁଥିବା ବେଳେ ଖଣ୍ଡହତା ଗ୍ରାମ ନିକଟରେ ଗୋଟିଏ କାର ସହିତ ମାଡ଼ ହୋଇଥିଲା। ଫଳରେ ବ୍ରଜବନ୍ଧୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସେଠାରୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

**ଅନୁଗୋଳ, ୨୭।୫(ସମିସ):** ରେଳ ଧାରଣାରୁ ଜଣେ ବ୍ୟକ୍ତିଙ୍କର ମୃତ ଦେହ ଜିଆର୍‌ପି ପୁଲିସ ଉଦ୍ଧାର କରିଛି। ସୂଚନା ମୁତାବକ ତାଳଚେର ରେଳ ଷ୍ଟେସନ ପୂର୍ବରୁ ରେଳ ଧାରଣାରେ ଜଣେ ବ୍ୟକ୍ତିଙ୍କର ମୃତଦେହ ପଡ଼ିଥିବା ତାଳଚେର ଜିଆର୍‌ପିଏଫ୍ ପୁଲିସ ଖବର ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯିବା ପାଇଁ ରଖାଯାଇଛି। ତାଙ୍କ ଘର ପଶ୍ଚିମବଙ୍ଗର ମୁର୍ସିଦାବାଦ ଅଞ୍ଚଳରେ ବୋଲି ଜଣାପଡ଼ିଥିଲେ ମଧ୍ୟ ତାଙ୍କ ନାମ ଜଣାପଡ଼ିନାହିଁ। ଘର ଲୋକେ ଆସିବା ପରେ ସେ କିପରି ଏଠାକୁ ଆସିଛନ୍ତି ତାହା ଜଣାପଡ଼ିବ।

## କିଶୋରନଗର +୨ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା

**କିଶୋରନଗର, ୨୭।୫(ସମିସ):** ଚଳିତବର୍ଷ କିଶୋରନଗର କଲେଜ +୨ କଳା, ବାଣିଜ୍ୟ ଓ ବିଜ୍ଞାନେ ଛାତ୍ରଛାତ୍ରୀଙ୍କ ସଫଳତା ବେଶ୍ ଉତ୍ସାହଜନକ ରହିଛି। କଳାରେ ୨୦୬ରୁ ୧ମ ଶ୍ରେଣୀରେ ୫୩ଜଣ, ୨ୟରେ ୩୮ ଜଣ ଓ ୩ୟ ଶ୍ରେଣୀରେ ୧୧୫ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ସେହିପରି ବାଣିଜ୍ୟରେ ୫୭ ଜଣଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ୧୩ ଜଣ, ୩ୟ ଶ୍ରେଣୀରେ ୪୪ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଲକିରାଣୀ ବିଶ୍ୱାଳ ୫୩୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ୨୨ଜଣଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ୪ ଜଣ, ୨ୟ ଶ୍ରେଣୀରେ ୧୪ଜଣ, ତୃତୀୟ ଶ୍ରେଣୀରେ ୪ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି।

## ପ୍ରୀତିରଞ୍ଜନଙ୍କ ବିଶାଳ ଶୋଭାଯାତ୍ରା



**ସୁକିନ୍ଦା, ୨୭।୫(ସମିସ)**

ଖଣି ଅଞ୍ଚଳରେ ବିଜେଡିର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଦଳୀୟ କର୍ମୀ ଟାଟା ମାଇନ୍ସ ହାଟ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କାଳିଆପାଣି, କଅଁସ, ଚିଙ୍ଗୁଡ଼ିପାଳ, ରାଁସୋଳ, କାଙ୍କଡପାଳ, କୁହିକା ଓ ପିମ୍ପୁଡିଆ ପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରୀତିରଞ୍ଜନ ଘଡ଼ାଇ ପଞ୍ଚାୟତର ଜନସାଧାରଣଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ଛକରେ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଲୋକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ଦେଖିବାକୁ ମିଳିଛି।

ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ପ୍ରୀତିରଞ୍ଜନ ଘଡ଼ାଇ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। କେବଳ ନିର୍ବାଚନ ସମୟରେ କେନ୍ଦ୍ର ନେତାଙ୍କ ଓଡ଼ିଶା କଥା ମନେ ପଡେ, ତା'ପରେ ସେମାନେ ସବୁ ଭୁଲି ଯାଆନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଜୁଲାଇ ମାସରୁ ଆଉ ଆପଣଙ୍କୁ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି କହିଥିଲେ।

୧୦ ବର୍ଷ ପୂର୍ବେ ଲୋକଙ୍କୁ ଆଚ୍ଛା ଦିନର ସ୍ୱପ୍ନ ଦେଖାଇ ବିଦେଶରୁ କଳା ଧନ ଫେରିବ, ସମସ୍ତଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ମିଳିବ, ବର୍ଷକୁ ୨ କୋଟି ଚାକିରି ମିଳିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ୧୦ ବର୍ଷ ମଧ୍ୟରେ ଗୋଟିଏ ବି ପ୍ରତିଶ୍ରୁତି ପାଳନ କରି ନ ଥିବା ବିଜେପି ଏବେ ଓଡ଼ିଶାକୁ ୧ ନମ୍ବର କରିବାକୁ କହୁଛି।

କେନ୍ଦ୍ର ମନ୍ତ୍ରୀମାନେ ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନବୀନ ବାବୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜରିଆରେ ବର୍ଷକୁ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଦେଇଛନ୍ତି। ମିଶନ ଶକ୍ତି, ବିଏସକେୱାଇ, ମମତା, ଲକ୍ଷ୍ମୀ ବସ, ନୂଆ-ଓ ସ୍କଲାରସିପ, କାଳିଆ, ମଧୁବାବୁ ପେନସନ, ୫-ଟି ସ୍କୁଲ ଘର ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବେ ବୋଲି କହୁଛନ୍ତି। ୧୦ ବର୍ଷ କାଳ କ୍ଷମତାରେ ଥିବାବେଳେ ଚାଷୀଙ୍କ କଥା ଭାବିଲେ ନାହିଁ। ପ୍ରତ୍ୟେକ ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ନବୀନଙ୍କ ରୂପାନ୍ତକରଣ କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ବିଶେଷ ଆକୃଷ୍ଟ କରିଥିବା କହିଥିଲେ। ମହିଳା ଓ ଯୁବ ଗୋଷ୍ଠୀ ପାଇଁ ନବୀନ ବାବୁ ସମର୍ପିତ ବୋଲି କହି ଯୁବକଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ବଜେଟ୍, ୨ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଇସ୍ତାହାର ପ୍ରକାଶ ପାଇଛି। ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ, ୪୦ ହଜାର ମହିଳାଙ୍କୁ ସ୍କୁଟି ଦିଆଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ସୁକିନ୍ଦାର ଦ୍ରୁତ ବିକାଶ ସହ ବିକଶିତ ଓଡ଼ିଶା ଗଢି ତୋଳିବା ପାଇଁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରାରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର, ସୁକିନ୍ଦା ବିଜେଡି ସଭାପତି ବିବେକାନନ୍ଦ ବୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟା ଜେମା ଟାଖ୍, ବିଦ୍ୟାଧର ପାତ୍ର, ପ୍ରାଣକୃଷ୍ଣ ମହାନ୍ତ, ଭାରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ପାର୍ଥସାରଥୀ ମୁଦୁଲି, ଏସକେ ନିହାଲୁଦ୍ଦିନଙ୍କ ସମେତ ସମସ୍ତ ପଞ୍ଚାୟତର ଦଳୀୟ କର୍ମୀ ଯୋଗ ଦେଇଥିଲେ।

## +୨ ବିଜ୍ଞାନରେ ଏକ୍ସେଲସିଅର ମହାବିଦ୍ୟାଳୟର ସଫଳତା

**ଶଙ୍ଖଚିଲା, ୨୭।୫(ସମିସ)**





ପ୍ରକାଶ ପାଇଛି +ଦୁଇ ବିଜ୍ଞାନ ପରୀକ୍ଷା ଫଳ। ଏଥିରେ ଯାଜପୁର ଜିଲ୍ଲା କୋରେଇ ବ୍ଲକର ଛୋଟରାୟପୁରଠାରେ ଅବସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏକ୍ସେଲସିଅର +୨ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଗତ ବର୍ଷ ଭଳି ଚଳିତ ବର୍ଷ ଶିକ୍ଷାନୁଷ୍ଠାନର ଦିବ୍ୟଜ୍ୟୋତି ସାହୁ ୫୬୭ ମାର୍କ ୯୪.୫%, ପ୍ରିୟାଂଶୁ କୁମାର ପାଲ ୫୫୬ ମାର୍କ ୯୨.୬୭%, ଅଭିଷେକ ଗିରି ୫୫୫ ମାର୍କ ୯୨.୫%, ଓମପ୍ରକାଶ ମହାନ୍ତି ୫୫୨ ମାର୍କ ୯୨ %, ଶ୍ୱେତାଶ୍ରୀ ମହାରଣା ୫୪୯ ମାର୍କ ୯୧.୫%, ମଣିଶେରାଣୀ ପେରେଇ ୫୪୮ ମାର୍କ ୯୧.୩୩ %, ଦେବରାଜ ପାତ୍ର ୫୪୮ ମାର୍କ ୯୧.୩୩%, ରୋମାଲୀ ରାଉତ ୫୪୬ ମାର୍କ ୯୧ %, ଓମପ୍ରକାଶ ସାହୁ ୫୪୬ ମାର୍କ ୯୧ %, ସ୍ୱୟମଶ୍ରୀ ସତ୍ୟପ୍ରଜ୍ଞା ନାୟକ ୫୪୬ ମାର୍କ ୯୧ %, ଦୀପାଶିଖା ମହନ୍ତ ୫୪୫ ମାର୍କ ୯୦.୮୩ %, ସ୍ନେହା ବେହେରା ୫୪୫ ମାର୍କ ୯୦.୮୩ %, ରାଜଲକ୍ଷ୍ମୀ ସାହୁ, ୫୪୫ ମାର୍କ ୯୦.୮୩ %, ସାଇ ପ୍ରସାଦ ମହାପାତ୍ର ୫୪୪ ମାର୍କ ୯୦.୬୭ %, ବିପ୍ଳବ କୁମାର ଦାସ ୫୪୩ ମାର୍କ ୯୦.୫%, ଓମପ୍ରକାଶ ସାହୁ ୫୪୨ ମାର୍କ ୯୦.୩୩%, ତପସ୍ୱିନୀ ସାହୁ ୫୪୨ ମାର୍କ ୯୦.୩୩%, କେବି ବିପ୍ରା ଦାସ ୫୪୨ ମାର୍କ ୯୦.୩୩%, ସୁଦର୍ଶନ ପାତ୍ର ୫୪୨ ମାର୍କ ୯୦.୩୩%, ସ୍ୱାତୀସୁଚରିତା ୫୪୧ ମାର୍କ ୯୦.୧୭%, ଭାଗ୍ୟଶ୍ରୀ ପଣ୍ଡା ୫୪୦ ମାର୍କ ୯୦%, ବର୍ଷା ପ୍ରିୟଦର୍ଶିନୀ ସାହୁ ୯୦%, ସାଇପ୍ରଜ୍ଞା ପୃଷ୍ଟି ୫୪୦ ମାର୍କ ୯୦%, ପ୍ରଜ୍ଞା ପରମିତା ମହନ୍ତ ୫୪୦ ମାର୍କ ୯୦%, ସତ୍ୟରଞ୍ଜନ ବେହେରା ୫୪୦ ମାର୍କ ୯୦%, ରାଜଶ୍ରୀ ପଣ୍ଡା ୫୪୦ ମାର୍କ ୯୦%, ବିଶ୍ୱରଞ୍ଜନ ମହାନ୍ତି ୫୪୦ ମାର୍କ ୯୦% ରଖି କୃତକାର୍ଯ୍ୟ ହୋଇଛନ୍ତି।

ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏକ୍ସେଲସିଅର ଗ୍ରୁପର ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ତତସହିତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ରଙ୍କନିଧି ପ୍ରଧାନ, ଜୟନ୍ତ ପ୍ରଭାକର, ଶିଶିର ସାମଲ, ରାଜନୀସ କୁମାର ଗାର୍ଗ, ରଞ୍ଜନ ମହାପାତ୍ର, ବିଜୟ କୁମାର ବାରିକ, କେ ଅଭିଷେକ ପାତ୍ର, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅର୍ଜୁନ କୁମାର ନାୟକ, ମନୋଜ କୁମାର ନାୟକ, ଉମେଶ କୁମାର ପାତ୍ର, ବିମଳ କୁମାର ଦ୍ୱିବେଦୀ, ରାକେଶ ପୂଜାରୀ, ଅଶ୍ୱିନୀ କୁମାର ବିଶ୍ୱାଳ, ଦିଲ୍ଲୀପ କୁମାର କର, ଶଶୀକାନ୍ତ ନାୟକ, ତାପସ କୁମାର ଆଚାର୍ଯ୍ୟ, ସତ୍ୟପ୍ରକାଶ ଖଡେଙ୍ଗେଙ୍କ ସମେତ ପରିଚାଳନା କମିଟି ସାଇପ୍ରସନ୍ନ ବେହେରା, ଅମିତାଭ ଦାସ, ସତ୍ୟବ୍ରତ ବାରିକ, କୃଷ୍ଣଚନ୍ଦ୍ର ବେହେରା, ଦେବେନ୍ଦ୍ର ନାୟକ, ନାରାୟଣ ମଲ୍ଲିକ, ଏମଡି ଫୟଜ, ଦୁଷ୍ମନ୍ତ ରାଉତ, ସାଇ ରଞ୍ଜନ ରାଉଳ, ବିକାଶ ରଞ୍ଜନ ସାହୁଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି।

## ଘଣ୍ଟିଆଳି ପଞ୍ଚାୟତରେ ପ୍ରମିଳାଙ୍କ ରୋଡ୍ ଶୋ'



**ବିଂଝାରପୁର, ୨୭।୫ (ସମିସ):** ବିଂଝାରପୁର ଘଣ୍ଟିଆଳି ପଞ୍ଚାୟତରେ ବିଧାନସଭା ପ୍ରାର୍ଠିଥନୀ ପ୍ରମିଳା ମଲ୍ଲିକ ରୋଡ ଶୋ' କରିଛନ୍ତି। ପ୍ରାରମ୍ଭରୁ ପ୍ରମିଳା ମଲ୍ଲିକ ମଇଁଦା ଛକ ନିକଟରେ ପହଞ୍ଚି ରୋଡ ଶୋ ଆରମ୍ଭ କରିଥିଲେ। ଘଣ୍ଟିଆଳି ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରୋଡ୍ ଶୋ'ରେ ଗ୍ରାମ ପରିକ୍ରମା ପରେ ରାମରଜା ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ରାମରଜା ପଡ଼ିଆରେ ଶତାଧିକ ମହିଳା ଓ ପୁରୁଷ ପ୍ରମିଳା ମଲ୍ଲିକଙ୍କୁ ସ୍ୱାଗତ କରିଥିଲେ। ରୋଡ ଶୋ' ବେଳେ ସାହିମାନଙ୍କରେ ମହିଳାମାନେ ଶଙ୍ଖ ଧ୍ୱନି ଓ ହୁଳହୁଳି ଦେଇ ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିର୍ବାଚନୀ ସଭାରେ ଗୁରୁଜନଙ୍କ ଆର୍ଶୀବାଦ ସହିତ ମା'ମାନଙ୍କ ଆର୍ଶୀବାଦ କାମନା ପୂର୍ବକ ଯୁବ ବନ୍ଧୁମାନେ ନିର୍ବାଚନରେ ବିଜୟୀ ପାଇଁ ତାଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ। ଏଥିସହ ଓଡ଼ିଶା ପ୍ରଗତି ରଥର ସାରଥି ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମନେ ପକାଇ ଜୁନ ୧ ତାରିଖରେ ଦୁଇଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ମାରିବାକୁ ଅନୁରୋଧ କରିଥିଲେ ପ୍ରମିଳା ମଲ୍ଲିକ। ଏହି କାର୍ଯ୍ୟକ୍ରମରେ ବିଂଝାରପୁର ବ୍ଲକ ବିଜୁ ଜନତା ଦଳ ସଭାପତି ନନ୍ଦକିଶୋର ସାମଲ, ବିଜୁ ଜନତା ଦଳର ବରିଷ୍ଠ ପ୍ରବକ୍ତା ପ୍ରଦୀପ ମହାନ୍ତି, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଧଳ ଉପସ୍ଥିତ ରହି ବିଜୁ ଜନତା ଦଳ ପାଇଁ ଭୋଟ ଭିକ୍ଷା କରିଥିଲେ।

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



# ଶିଖରଙ୍କ ଉପରେ ନଜର ରଖନ୍ତି ଜାହ୍ନବୀ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ମିଷ୍ଟର ଆଣ୍ଡ ମିସେସ୍ ମାହି'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏଥିରେ ତାଙ୍କ ବିପକ୍ଷରେ ରାଜକୁମାର ରାଓ ନଜର ଆସିବେ । ଜାହ୍ନବୀ ଏବେ ତାଙ୍କ ଫିଲ୍ମ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି । ନିକଟରେ ଫିଲ୍ମର ପ୍ରମୋସନ୍ ସମୟରେ ଜାହ୍ନବୀ ନିଜ ପ୍ରେମ ସମ୍ପର୍କକୁ ନେଇ ଖୁଲମ୍ ଖୁଲ୍ଲା ଆଲୋଚନା କରିଥିଲେ । ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ତାଙ୍କ ପ୍ରେମିକ ଶିଖର ପହାଡ଼ିଆଙ୍କ ଫୋନ୍ ଚେକ୍ କରୁଥିବା କଥା ସ୍ୱୀକାର କରିଛନ୍ତି । ଭିଡିଓରେ ଦେଖାଯାଇଛି, ଦର୍ଶକଙ୍କ ମଧ୍ୟରୁ ଜଣେ ଯୁବତୀ ଜାହ୍ନବୀଙ୍କୁ ପ୍ରେମିକାମାନେ ତାଙ୍କ ପ୍ରେମିକଙ୍କ ଫୋନ୍ ଚେକ୍ କରିବା ଉଚିତ୍ କି ନୁହେଁ ବୋଲି ପଚାରିଥିଲେ । ଏହାର ଜବାବରେ ଜାହ୍ନବୀ କହିଥିଲେ, ଏହା କରିବା ଠିକ୍ ନୁହେଁ, କିନ୍ତୁ ମୁଁ କରେ । ଏହାର ଜବାବରେ ଯୁବତୀ ଜଣକ ପୁଣି ପଚାରିଥିଲେ, ପ୍ରେମିକ ଏପରି କରିବା ଉଚିତ୍ କି? ଏହାର ଜବାବରେ ଜାହ୍ନବୀ 'ନା' ବୋଲି କହିଥିଲେ । ଏହାପରେ ଜଣେ ଯୁବକ ପ୍ରେମିକମାନେ କାହିଁକି ପ୍ରେମିକାଙ୍କ ଫୋନ୍ ଚେକ୍ କରିବେ ନାହିଁ ବୋଲି ପ୍ରଶ୍ନ କରିବାରୁ ସେ କହିଥିଲେ – କରିବା କଥା ନୁହେଁ, ଆପଣ କ'ଣ ବିଶ୍ୱାସ କରୁନାହାନ୍ତି କି?

ଏଠାରେ ପ୍ରକାଶ ଥାଉ କି, ନିକଟରେ ଜାହ୍ନବୀ ଏକ ସାକ୍ଷାତକାରବେଳେ ଶିଖରଙ୍କ ସହ ତାଙ୍କ ସମ୍ପର୍କକୁ ସ୍ୱୀକାର କରିଥିଲେ । ସେ ଏହି ସାକ୍ଷାତକାରରେ କହିଥିଲେ ଯେ, 'ମୁଁ ବହୁତ କମ୍ ବୟସରୁ ଶିଖରକୁ ଜାଣିଛି । ମୋତେ ଯେତେବେଳେ ୧୫/୧୬ ବର୍ଷ ବୟସ ହୋଇଥିଲା, ସେ ମୋ ଜୀବନରେ ଅଛନ୍ତି । ଆମେ ଦୁଇଜଣ ପରସ୍ପରର ଅତି ନିକଟତର । ଆମେ ଦୁଇଜଣ ପରସ୍ପରକୁ ସବୁବେଳେ ସମର୍ଥନ କରିଆସିଛୁ ।

ଜାହ୍ନବୀଙ୍କ ଅଭିନୀତ 'ମିଷ୍ଟର ଆଣ୍ଡ ମିସେସ୍ ମାହି' ମେ ୩୧ରେ ରିଲିଜ୍ ହେବ । ଏହାବାଦ୍ ସେ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସହ 'ଦେବରା'ରେ ନଜର ଆସିବେ ।

# ଘର କାନ୍ଥରେ ରାମାୟଣ ଚୌପାଇ




ସାଧାରଣତଃ ନକାରାତ୍ମକ ଶକ୍ତିରୁ ରକ୍ଷା ପାଇବା ପାଇଁ ଲୋକେ ଘର ଦୁଆର ମୁହଁରେ ସ୍ୱସ୍ତିକ ଚିହ୍ନ ଅଙ୍କନ, ଲେମ୍ବୁ ଲଙ୍କା ଝୁଲାଇବା ସହ ଶ୍ରୀଗଣେଶ, ହନୁମାନଙ୍କ ଫଟୋ ଲଗାଇଥାନ୍ତି । ତେବେ ଏମିତି ବି ଏକ ଗାଁ ଅଛି, ଯାହାର ପ୍ରତ୍ୟେକ ଘର କାନ୍ଥରେ ରାମାୟଣ ଚୌପାଇ ଲେଖା ଅଛି । ମଧ୍ୟପ୍ରଦେଶ ଝାବୁଆ ସ୍ଥିତ ବଡାଘୋସଲିୟା ଗାଁରେ ଏଭଳି ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ । ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପରେ ଗାଁ ଲୋକ ଏଭଳି ଏକ ପଦକ୍ଷେପ ନେଇଥିଲେ । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏହି ଗାଁରେ ଲବାନା ସମାଜର ଲୋକ ବାସ କରନ୍ତି । ଗାଁରେ ସମୁଦାୟ ୫୪ ପରିବାର ରହୁଛନ୍ତି । ତେବେ ଗାଁର ପ୍ରତ୍ୟେକ ଘର କାନ୍ଥରେ କେବଳ ରାମାୟଣ ଚୌପାଇ ସହ ଦୋହା ମଧ୍ୟ ଲେଖା ଅଛି । ଯାହାକି ଲୋକଙ୍କ ଜ୍ଞାନ ବୃଦ୍ଧିରେ ସାହାଯ୍ୟ କରେ । ଅବଶ୍ୟ ଏହା ପଛରେ ମହତ ଉଦ୍ଦେଶ୍ୟ ଅଛି । ଏହା ଲୋକଙ୍କୁ ସେମାନଙ୍କ ଧର୍ମ ସହ ଯୋଡ଼ି ରଖିବାରେ ସାହାଯ୍ୟ କରେ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି । ଏହାବାଦ୍ ଘରୁ କେହି ବାହାରିଲେ ସେମାନଙ୍କ ନଜର ଚୌପାଇରେ ପଡ଼ିବ ଏବଂ ଏହାକୁ ସେମାନେ ପଢ଼ିବେ ବୋଲି ଗ୍ରାମବାସୀ କୁହନ୍ତି । ଅନ୍ୟପକ୍ଷରେ ଗାଁ କାନ୍ଥର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ମଧ୍ୟ ଗ୍ରାମବାସୀଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

# ଏକଚକିଆ ଶୂନ ଗାଡ଼ି



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ରୋଚକୀୟ ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ଏକ ସାଇକଲର ଭିଡିଓ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ତେବେ ଏ ସାଇକଲ ସାଧାରଣ ସାଇକଲ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ । କାରଣ ଏଥିରେ ଦୁଇଟି ନୁହେଁ, ଗୋଟିଏ ଚକ ଲାଗିଛି । ଫଳରେ ଏହାକୁ ଏକ ଚକିଆ ଶୂନଗାଡ଼ି କହିଲେ କୌଣସି ଭୁଲ୍ ହେବ ନାହିଁ । ବ୍ରିଟେନର ଏଡ୍ ପ୍ରେଟ୍ ଏହି ସାଇକଲ ଚଳାଇ ବିଶ୍ୱ ଭ୍ରମଣ କରିବା ଲକ୍ଷ୍ୟ ରଖିଛନ୍ତି । ଏପରିକି ଏହି ଗୋଟିଏ ଚକିଆ ସାଇକଲରେ ସେ ବିଭିନ୍ନ ସ୍ଥାନ ବୁଲିସାରିଲେଣି । ଏହି ସାଇକଲରେ ଗୋଟିଏ ଚକ ଥିବା ବେଳେ ସେଥିରେ ହ୍ୟାଣ୍ଡେଲ ନାହିଁ । ସେହିପରି ଏହି ଗୋଟିଏ ଚକ ଉପରେ ସିଟ୍‌କୁ ଖଞ୍ଜାଯାଇଛି । ଏହି ସିଟ୍ ପାଖରେ ଏକ ହୁକ୍ ଅଛି, ଯାହାକୁ ଧରି ଏଡ୍ ସାଇକଲ ଚଳାଇଉଛନ୍ତି । ଅନ୍ୟପଟେ ଏହି ସାଇକଲ ଉପରେ ସେ ଏକାଧିକ ଜିନିଷ ରଖିଛନ୍ତି । ତା'ସହ ପାଣିବୋତଲ ରଖିବା ପାଇଁ ଏଥିରେ ବ୍ୟବସ୍ଥା ବି ହୋଇଛି । ଅବଶ୍ୟ ଏହି ସାଇକଲ ଚଳାଇବାକୁ ହେଲେ ନିଜ ଭିତରେ ଭାରସାମ୍ୟ ରକ୍ଷା କରିବା ଜରୁରି । ଏଡ୍ କିନ୍ତୁ ନିଜ ଭିତରେ ସନ୍ତୁଳନ ରକ୍ଷା କରି ଆରାମରେ ସାଇକଲ ଚଳାଉଥିବାର ଦେଖାଯାଇଛନ୍ତି । ସେହିପରି ସେ ସାଇକଲିଂ ପୋଷାକ ସହ ମୁଣ୍ଡରେ ହେଲମଟ୍ ଏବଂ କାନ୍ଧରେ ବ୍ୟାଗ ପକାଇ ଥିବା ନଜର ଆସିଛନ୍ତି ।

## ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ ।
- ୧୯୫୯ - ଦୁଇଟି ଆମେରିକୀୟ ମାଙ୍କଡ଼ ମହାକାଶକୁ ଯାତ୍ରା କଲେ ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ ।
- ୧୯୯୮ -ପାକିସ୍ତାନ ପରମାଣୁ ପରୀକ୍ଷା କଲା ।
- ୨୦୦୮ - ନେପାଳରେ ୨୪୦ ବର୍ଷରୁ ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ ।
- ୨୦୧୨- ସମାଜବାଦୀ ନେତା ମୁଲାୟମ୍ ସିଂହ ଯାଦବଙ୍କୁ ଲଣ୍ଡନରେ 'ଅନ୍ତଃରାଷ୍ଟ୍ରୀୟ ଜୁରୀ ପୁରସ୍କାର'ରେ ସମ୍ମାନିତ କରାଗଲା ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**ମୀନ:** ବ୍ୟବସାୟରେ ବାଧା ଆସିବ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅସହାୟଙ୍କୁ ସାହାଯ୍ୟ କରିବେ ।

# ପାହାଡ଼ ତଳେ ଚାଷ



ପାହାଡ଼ର ପାଦଦେଶରେ ଚାଷ କାମ କରିବା କଠିନ ହୋଇଥାଏ । ହେଲେ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ୬୫ ବର୍ଷୀୟ ପିଜି ଜନ୍ କେରଳ, ଇଦୁକ୍କି କୋରଗଟି ଗାଁରେ ୩୦ କିସମର ଧାନ ଚାଷ କରି ଦେଖାଇଛନ୍ତି । କେବଳ ଧାନ ଚାଷ ନୁହେଁ, ବରଂ ବିଭିନ୍ନ ପ୍ରକାର ଫସଲ, ଫଳ, ପରିବା ଜଡ଼ିବୁଟି ଗଛ ଲଗାଇ ସଫଳତା ହାସଲ କରିଛନ୍ତି । ପାହାଡ଼ ପାଦଦେଶରେ ସେ ସବୁଜ ବନାନୀ ସୃଷ୍ଟି କରିଛନ୍ତି । ପିଜି ଜନ୍‌ଙ୍କୁ ତାଙ୍କ ପିଲାମାନେ ଗଛର ଦେଖାଶୁଣାରେ ତାଙ୍କୁ କାର୍ଯ୍ୟରେ ସହଯୋଗ କରିଥିବାରୁ ଏହାକୁ ସେ ଏକ ଗ୍ରୁପ୍ ଫାର୍ମ ବୋଲି କହୁଛନ୍ତି । ତେବେ ୨୫ ବର୍ଷ ପୂର୍ବରୁ ସେ ଏହି ଚାଷ କାମ ଆରମ୍ଭ କରିଥିଲେ । ହେଲେ ୨୦୧୭ ମସିହାରେ ସେ ଧାନ ଚାଷକୁ ଅଧିକ ଗୁରୁତ୍ୱ ଦେଇଥିଲେ ।

ତାଙ୍କ ଦ୍ୱାରା କରାଯାଇଥିବା ଫାର୍ମରେ ୬୦ ପ୍ରକାର ଔଷଧୀୟ ଗଛ, ୪୦ ପ୍ରକାର ପନିପରିବା, ୨୦ ପ୍ରକାର ଫସଲ ଏବଂ ୪୦ ଫଳଗଛ, ୭ ପ୍ରକାର ଆମ୍ବ, ଛଅପ୍ରକାର ପଣସ, ଆଠ ପ୍ରକାର କଦଳୀ ସମେତ ଅନ୍ୟାନ୍ୟ ଗଛ ଏବଂ ୩୦ ପ୍ରକାର ଧାନ ସାମିଲ ରହିଛି । ଏହାରି ଭିତରେ ସେ ପରିବେଶ ଅନୁକୂଳ ଘର ମଧ୍ୟ କରିଛନ୍ତି । କେବଳ ସେତିକି ନୁହେଁ, ଏମିତି ଅନେକ ଗଛ ରହିଛି ଯାହାର କିମ୍ବଦନ୍ତୀ ବିଷୟରେ ସେ ଜ୍ଞାନ ବାଣ୍ଟିପାରୁଛନ୍ତି ।

**କ୍ଷେତ ପାଲଟିଛି ଫାର୍ମ ସ୍କୁଲ:** ଜନ୍‌ଙ୍କ ବଗିଚା କେରଳ ବାୟୋଡାଇଭର୍ସିଟି ବୋର୍ଡ ଲାଗି ଏକ ଫାର୍ମ ସ୍କୁଲ ପାଲଟିଛି । ଏଠାରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ଚାଷ, କୌଶଳ, ଏବଂ ପ୍ୟାଟର୍ଣ୍ଣ ବିଷୟରେ ଜ୍ଞାନ ଦିଆଯାଏ । କୃଷି ବିଜ୍ଞାନ କେନ୍ଦ୍ରର କୃଷି ବିଶେଷଜ୍ଞଙ୍କ ସହାୟତାରେ ଏଠାରେ ସ୍ୱତନ୍ତ୍ର ଧାନ ମଧ୍ୟ ସେ ଫଳାଉଛନ୍ତି । ସେ କେବଳ ଚାଷ କରୁଛନ୍ତି ତାହା ନୁହେଁ, ବରଂ ଜନ୍‌ଙ୍କ ପୂର୍ବପୁରୁଷ ଯେଉଁ ଧାନ ଚାଷ ଉପରେ ନିର୍ଭରଶୀଳ ଥିଲେ ସେ ସେହି ଧାନ ଚାଷ କରିବା ସହ ଏହି ସ୍ୱତନ୍ତ୍ର କିସମ ଧାନକୁ ସଂରକ୍ଷିତ କରି ରଖୁଛନ୍ତି । ତେଣୁ ତାଙ୍କ ରକ୍ତରେ ଚାଷକାମ ରହିଛି । ଜନଜାତିଙ୍କ ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ଚାଷ ହେଉଥିବା 'ମାଲାବାରୀ'କୁ ସେ ସାଇତି ରଖି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତେଣୁ ଦୃଢ଼ ମନୋବଳ ଥିଲେ ସବୁକିଛି ସମ୍ଭବ ବୋଲି ସେ କୁହନ୍ତି ।

# ସୁବର୍ଣ୍ଣା



## ଗ୍ରୋ ବ୍ୟାଗ୍‌ରେ ଆଳୁ ଚାଷ



ଆଳୁ ଏମିତି ଏକ ପରିବା, ଯାହା ବିନା ଖାଦ୍ୟ ସ୍ୱାଦ ଲାଗେନି । ଯଦିଓ ଆମ ରାଜ୍ୟରେ ଅଧିକାଂଶ ଲୋକ ଆଳୁ ଚାଷ ଉପରେ ନିର୍ଭରଶୀଳ ଆଳୁକୁ ମଧ୍ୟ ଅନ୍ୟ ଫସଲ ପରି ବଗିଚା, ଗ୍ରୋ-ବ୍ୟାଗ୍ ଓ କୁଣ୍ଡରେ ଫଳା ଯାଇପାରିବ । ଆଳୁ ଫସଲରେ ଅଧିକ ଭୂତାଣୁ ଓ କବକ ଜନିତ ରୋଗ ପୋକ ନ ଲାଗିବା ପାଇଁ ସର୍ବଦା ପ୍ରମାଣୀକୃତ ବିହନ ବ୍ୟବହାର କରିବା ଜରୁରି । ମଧ୍ୟମ କମ୍ ଆର୍ଦ୍ରତା ତଥା ଥଣ୍ଡା ମୌସୁମୀ ଆଳୁ ଚାଷ ପାଇଁ ଉପଯୁକ୍ତ । ଆଳୁ ଚାଷ ପାଇଁ ସର୍ବଦା ମାଟିରେ ଏକ ଦୁଇ ଭାଗ ଖତ ମିଶାଇବା ଜରୁରି । ଖତ ମିଶା ମାଟିକୁ କୁଣ୍ଡରେ ପକାଇ ମାଟିକୁ ତଳ ଉପର କରି ଖରାରେ ଶୁଖାଇ ଦେବା ଜରୁରି । ମଞ୍ଜିକୁ ୬ଇଞ୍ଚ ଗଭୀର ଏବଂ ଦୁଇରୁ ତିନି ଫୁଟ ଦୂରତାରେ ଲଗାଇ ଏହା ଉପରେ ମାଟି ଚଳାଇଦେବା ଜରୁରି । ଏହା ଉପରେ ପ୍ରତ୍ୟହ ଅଳ୍ପ ଅଳ୍ପ କରି ପାଣି ସିଞ୍ଚି ପାରିବେ । ତେବେ ଆଳୁ ଚାରା ହେବା ପରେ ଏହାକୁ ଉଠାଇ ପଟାଳି କରି ଲଗାଇପାରିବେ । ନିୟମିତ ଜଳସିଞ୍ଚନ କରିବା ସହ ଗଛ ମୂଳରେ ଜୈବିକ ଖତ ବ୍ୟବହାର କରିବା ଦ୍ୱାରା ଗଛର ବିକାଶ ହୋଇଥାଏ । ଯେତେବେଳେ ଆଳୁ ଗଛରେ ଫୁଲ ଫୁଟିବା ଆରମ୍ଭ କରିବ ସେହି ସମୟରେ ଖତ ଦେବା ବନ୍ଦ କରିଦେବା ଜରୁରି । ତେବେ ଆଳୁ ଫଳିବାକୁ ପାଖାପାଖି ଦୁଇରୁ ତିନି ମାସ ସମୟ ଲାଗିଯାଇଥାଏ । ତେଣୁ ଗଛର ପତ୍ର ହଳଦିଆ ପଡ଼ି ଝାଉଁଳି ଶୁଖିବାକୁ ଲାଗିଲେ ଗୋଟିଏ ସପ୍ତାହ ପାଇଁ ଆଳୁକୁ ଟାଣ କରିବାକୁ ଛାଡିଦେବାକୁ ହୁଏ । ଆଳୁକୁ ମାଟି ତଳୁ ବାହାର କରି ଏହାକୁ ଶୁଖାଇବା ପରେ ଏହାକୁ ଥଣ୍ଡା, ଅନ୍ଧାରିଆ ସ୍ଥାନରେ ସାଇତି ରଖିପାରିବେ । ଏହାକୁ ପ୍ଲାଷ୍ଟିକ୍ ବ୍ୟାଗ୍ କିମ୍ବା କଣ୍ଟେନରରେ ନ ରଖିବା ଭଲ । କାରଣ ଏହା ଦ୍ୱାରା ଆଳୁ ଶଢ଼ିବାର ଆଶଙ୍କା ଥାଏ । ଛାତ ଉପରେ ଆଳୁ ଲଗାଇବା ପାଇଁ ଗ୍ରୋ ବ୍ୟାଗ୍, ମାଟିର ବଡ଼ ବଡ଼ କୁଣ୍ଡ, ଘରର ପୁରୁଣା ବାଲ୍‌ଟି କିମ୍ବା ଅନ୍ୟାନ୍ୟ ବଡ଼ ପାତ୍ର ବ୍ୟବହାର କରିପାରିବେ ।

## ମିଷ୍ଟ କୁଲିଂ ସିଷ୍ଟମ ହ୍ୟାଣ୍ଡ କାର୍ଟ

### ଫଳ ଓ ପରିବା ରହିବ ତାଜା

ତାପମାତ୍ରା ବୃଦ୍ଧି ଯୋଗୁଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଗଛରେ ପାଣି ଦେବାକୁ ହୁଏ । ଠିକ୍ ସେହିପରି ଖରାଦିନେ ବଜାରରେ ବିକ୍ରି ହେଉଥିବା ଫଳ ଓ ପରିବାକୁ ତାଜା ରଖିବାକୁ ବ୍ୟବସାୟୀ ସମୟେ ସମୟେ ପାଣି ଛିଞ୍ଚିଥାନ୍ତି । ତଥାପି ଫଳ ଶୁଖିଯିବା କାରଣରୁ ଅଧିକାଂଶ ଫଳ ବିକାଳିଙ୍କୁ ଅଧିକ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଏହି ସମସ୍ୟା ଦୂର କରିବାକୁ ରାଜସ୍ଥାନ, ବାଡ଼ମେର, ମରୁଧରାର ଶିଶୁ ବୈଜ୍ଞାନିକ ଭାବନା ମାଲି ଏକ ଉପାୟ ଖୋଜିଛନ୍ତି । ଜବାହାର ନବୋଦୟ ବିଦ୍ୟାଳୟରେ ଅଧ୍ୟୟନରତ ଭାବନା 'ମିଷ୍ଟ କୁଲିଂ ସିଷ୍ଟମ ହ୍ୟାଣ୍ଡ କାର୍ଟ' ବନାଇ ଚର୍ଚ୍ଚାରେ ରହିଛନ୍ତି । ଏହାଦ୍ୱାରା ଠେଲାରେ ଫଳ ବିକ୍ରି କରୁଥିବା ଲୋକ କେବଳ କ୍ଷତିରୁ ମୁକ୍ତି ପାଇବେ ତାହା ନୁହେଁ, ବରଂ ଗ୍ରାହକଙ୍କୁ ତଟକା ଫଳ ଓ ପରିବା ମଧ୍ୟ ବିକ୍ରି କରିପାରିବେ । ସାଧାରଣତଃ ନିମ୍ନ ଏବଂ ମଧ୍ୟମ ବର୍ଗର ଫଳ ବିକ୍ରେତାଙ୍କ ପାଇଁ ମିଷ୍ଟ କୁଲିଂ ସିଷ୍ଟମ ହ୍ୟାଣ୍ଡ କାର୍ଟ ବରଦାନ ସଦୃଶ ହେବ । ସୌରଶକ୍ତି ଦ୍ୱାରା ଚାଲୁଥିବା ଏହି ମିଷ୍ଟ କୁଲିଂ ସିଷ୍ଟମ ହ୍ୟାଣ୍ଡ କାର୍ଟକୁ ଠେଲାରେ ସେଟ୍‌ଅପ୍ କରାଯାଇଥାଏ । ଠେଲାର ଛାତ ଉପରେ ସୌରପ୍ୟାନେଲ ଥିବାବେଳେ ଏହାର ସାଇଟ୍‌ରେ ଛୋଟ ଫଙ୍ଖା ସଂଯୋଗ କରାଯାଇଥାଏ । ଉଭୟ ପଙ୍ଖା ଓ ୱାଟର କୁଲିଂ ସୁବିଧା ଥିବାରୁ ଦିନସାରା ଫଳ ଓ ପରିବା ତାଜା ରହିଥାଏ । ଫଳରେ ବିକାଳିମାନେ ଫଳ ଓ ପରିବାକୁ ଦିନକରୁ ଦୁଇ ଦିନ ମଧ୍ୟରେ ବିକ୍ରି କରିପାରିବେ । ଏହି ପ୍ରୋଜେକ୍ଟ କରିବାକୁ ତାଙ୍କୁ ୧୫୦୦ରୁ ୨୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ତେବେ ଅତି ସାନ ପିଲା ହୋଇ ମଧ୍ୟ ଏହାକୁ ଜନହିତରେ ଲଗାଇବାକୁ ଆହୁରି ପ୍ରୟାସ କରୁଛନ୍ତି ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...



- କଟାଧାନ ଅମଳ ପରେ ଖଳାରେ ଥିଲେ , ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ କିମ୍ବା ପାଲ ଢାଙ୍କି ରଖନ୍ତୁ ।
- ଅମଳ ଉପଯୋଗୀ ଫସଲ ଯଥା-ଚିନାବାଦାମ ଓ ଡାଲି ଜାତୀୟ ଫସଲକୁ ଶୀଘ୍ର ଅମଳ କରିଦିଅନ୍ତୁ ।
- ଜମିର ପ୍ରକାର, ମାଟିର ଉର୍ବରତା ଓ ଜଳ ସେଚନର ସୁବିଧାକୁ ବିଚାରକୁ ନେଇ ଖରିଫ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ ।
- ଆଖୁ କଳାଛାଟ ରୋଗ ନ ହେବା ପାଇଁ, ପ୍ରାଥମିକ ଅବସ୍ଥାରେ ଏହି ରୋଗର ନିରାକରଣ ପାଇଁ ରୋଗାକ୍ରାନ୍ତ ଅଂଶକୁ ସଂଗ୍ରହ କରି ଦୂରରେ ଫୋପାଡ଼ି ଦିଅନ୍ତୁ । ଏହାର ନିରାକରଣ ପାଇଁ ଏକର ପ୍ରତି ୨୦୦ ଗ୍ରାମ୍ ଟ୍ରିଆଡିମେଫନ୍ କିମ୍ବା ୬୦୦ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ପତ୍ର ସିଞ୍ଚନ କରନ୍ତୁ ।
- ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୮ ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ । ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢ ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି କସମୋଲ୍ୟୁର ଥିବା ଫାଂଗ ଆକର୍ଷକ ଯନ୍ତା ବସାନ୍ତୁ ।

# ଟି-୨୦ ବିଶ୍ୱକପ୍

ଆଉ ୪ ଦିନ

କ୍ରିକେଟର ସବୁଠାରୁ ଛୋଟିଆ ଫର୍ମାଟ୍ ଟି-୨୦କୁ ନେଇ ୨୦୦୭ରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ ହୋଇଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ର ଏହି ପ୍ରଥମ ସଂସ୍କରଣରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା। ଇତିମଧ୍ୟରେ ୮ଥର ବିଶ୍ୱକପ୍ ଆୟୋଜିତ ହୋଇସାରିଥିଲେ ମଧ୍ୟ ଭାରତ ଏପର୍ଯ୍ୟନ୍ତ ଦ୍ୱିତୀୟଥର ପାଇଁ ଏହି ସଫଳତା ହାସଲ କରିପାରି ନାହିଁ। ଜୁନ୍ ୧ରୁ ଅର୍ଥାତ ଆଉ ୪ ଦିନପରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ପୁଣିଥରେ ବିଶ୍ୱକପ୍ ଚାମ୍ପିଅନ ହେବାକୁ ପ୍ରୟାସ କରିବ। ଦୁଇଥର ଲେଖାଏଁ ଟାଇଟଲ ଜିତି ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ସଫଳତମ ଦଳ ବିବେଚିତ ହେଉଛନ୍ତି। ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ହେଉଥିବା ଟି-୨୦ ବିଶ୍ୱକପ୍‌ର ସବୁ ସଂସ୍କରଣକୁ ନେଇ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଗଲା।

## ଭାରତ ପ୍ରଥମ ଚାମ୍ପିଅନ



୨୦୦୭ ସେପ୍ଟେମ୍ବର ୧୧ରୁ ୨୪ ତାରିଖ ମଧ୍ୟରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା। ଏହି ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଆଫ୍ରିକାର ୱାଣ୍ଡରର୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ ୫ ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ବାଜି ମାରିଥିଲା। ପାକିସ୍ତାନ ଅଲରାଉଣ୍ଡର ଶାହିଦ ଆଫ୍ରିଦି ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଅଷ୍ଟ୍ରେଲିଆର ମାଥ୍ୟୁ ହେଡନ ସର୍ବାଧିକ ୨୬୫ ରନ ସଂଗ୍ରହ କରିଥିବା ବେଳେ ୧୩ଟି ୱିକେଟ ଅକ୍ତିଆର କରି ପାକିସ୍ତାନ ଦ୍ରୁତ ବୋଲର ଉମର ଗୁଲ ସଫଳତମ ବୋଲର ବିବେଚିତ ହୋଇଥିଲେ।

## ରେକର୍ଡ ଟପିବ କିଏ

### ବ୍ୟାଟିଂ

| | | |
|---|---|---|
| ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ୍ | ବିରାଟ କୋହଲି | ୧୧୪୧ |
| ଗୋଟିଏ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ | ବିରାଟ କୋହଲି | ୩୧୯ (୨୦୧୪) |
| ସର୍ବାଧିକ ବ୍ୟକ୍ତିଗତ ସ୍କୋର | ବ୍ରେଣ୍ଡନ ମ୍ୟାକୁଲମ | ୧୨୩ (୨୦୧୨) |
| ସର୍ବାଧିକ ଆଭରେଜ୍ | ବିରାଟ କୋହଲି | ୮୧.୫୦ |
| ସର୍ବାଧିକ ଷ୍ଟ୍ରାଇକ୍ ରେଟ୍ | ସୂର୍ଯ୍ୟକୁମାର ଯାଦବ | ୧୮୧.୨୯ |
| ସର୍ବାଧିକ ଶତକ | କ୍ରିସ୍ ଗେଲ | ୨ |
| ସର୍ବାଧିକ ଅର୍ଦ୍ଧଶତକ | ବିରାଟ କୋହଲି | ୧୪ |
| ସର୍ବାଧିକ ଛକା | କ୍ରିସ ଗେଲ | ୬୩ |
| ସର୍ବାଧିକ ଭାଗୀଦାରି | ବଟଲର/ ହେଲ୍ସ (ବନାମ ଭାରତ) | ୧୭୦*(୨୦୨୨) |

### ବୋଲିଂ

| | | |
|---|---|---|
| ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ | ସାକିବ ଅଲ ହାସନ | ୪୭ |
| ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ | ୱାନିନ୍ଦୁ ହାସରଙ୍ଗା | ୧୬ (୨୦୨୧) |
| ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ | ଅଜନ୍ତା ମେଣ୍ଡିସ | ୬/୮ (୨୦୧୨) |
| ଶ୍ରେଷ୍ଠ ବୋଲିଂ ଆଭ୍‌ରେଜ | ୱାନିନ୍ଦୁ ହାସରଙ୍ଗା | ୧୧.୪୫ |
| ଶ୍ରେଷ୍ଠ ଇକୋନୋମି ରେଟ୍ | ସୁନୀଲ ନାରିନ | ୫.୧୭ |

### ଫିଲ୍ଡିଂ

| | | |
|---|---|---|
| ସର୍ବାଧିକ ଡିସ୍‌ମିସାଲ (ୱିକେଟରକ୍ଷକ) | ମହେନ୍ଦ୍ର ସିଂ ଧୋନି | ୩୨ |
| ସର୍ବାଧିକ କ୍ୟାଚ୍ | ଏବି ଡିଭିଲିୟର୍ସ | ୨୩ |

### ଦଳୀୟ ପ୍ରଦର୍ଶନ

| | | |
|---|---|---|
| ସର୍ବାଧିକ ଦଳଗତ ସ୍କୋର | ଶ୍ରୀଲଙ୍କା (ବନାମ କେନିଆ) | ୨୬୦/୬(୨୦୦୭) |
| ସର୍ବନିମ୍ନ ଦଳୀୟ ସ୍କୋର | ନେଦରଲାଣ୍ଡସ (ବନାମ ଶ୍ରୀଲଙ୍କା) | ୩୯/୧୦ (୨୦୧୪) |
| ସର୍ବବୃହତ ବିଜୟ (ରନରେ) | ଶ୍ରୀଲଙ୍କା (ବନାମ କେନିଆ) | ୧୭୨ (୨୦୦୭) |

୨୦୦୭



## ଚାମ୍ପିଅନ ଓ ରନର୍ସଅପ୍

| ବର୍ଷ | ଆୟୋଜକ | ଚାମ୍ପିଅନ | ରନର୍ସଅପ୍ |
|---|---|---|---|
| ୨୦୦୭ | ଦକ୍ଷିଣ ଆଫ୍ରିକା | ଭାରତ | ପାକିସ୍ତାନ |
| ୨୦୦୯ | ଇଂଲଣ୍ଡ | ପାକିସ୍ତାନ | ଶ୍ରୀଲଙ୍କା |
| ୨୦୧୦ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୨୦୧୨ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ଶ୍ରୀଲଙ୍କା |
| ୨୦୧୪ | ବାଂଲାଦେଶ | ଶ୍ରୀଲଙ୍କା | ଭାରତ |
| ୨୦୧୬ | ଭାରତ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ |
| ୨୦୨୧ | ୟୁଏଇ/ଓମାନ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ | ପାକିସ୍ତାନ |

## ୨୦୦୯ରେ ପାକିସ୍ତାନ ଚାମ୍ପିଅନ

ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ୨୦୦୯ ଜୁନ୍ ୫ରୁ ୨୧ ତାରିଖ ମଧ୍ୟରେ ଇଂଲଣ୍ଡରେ ଆୟୋଜିତ ହୋଇଥିଲା। ଏହି ବିଶ୍ୱକପ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମୁକାବିଲାରେ ୟୁନିସ ଖାନ୍‌ଙ୍କ ନେତୃତ୍ୱରେ ପାକିସ୍ତାନ ୮ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ଶ୍ରୀଲଙ୍କା ଓପନର ତିଲକରତ୍ନେ ଦିଲସାନ ସର୍ବାଧିକ ୩୧୭ ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ପାକିସ୍ତାନ ଦ୍ରୁତ ବୋଲର ଉମର ଗୁଲ ୧୩ ୱିକେଟ ଅକ୍ତିଆର କରି କ୍ରମାଗତ ଦ୍ୱିତୀୟଥର ପାଇଁ ସର୍ବାଧିକ ୱିକେଟ ହାସଲକାରି ବୋଲର ବିବେଚିତ ହୋଇଥିଲେ।

## ୨୦୧୦ରେ ଇଂଲଣ୍ଡ ବିଜେତା

ଟି-୨୦ ବିଶ୍ୱକପ୍‌ର ତୃତୀୟ ସଂସ୍କରଣ ୨୦୧୦ରେ ଆୟୋଜିତ ହୋଇଥିଲା। ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ଇଂଲଣ୍ଡ ପଲ କଲିଂଉଡ୍‌ଙ୍କ ନେତୃତ୍ୱରେ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ୭ ୱିକେଟରେ ହରାଇ ପ୍ରଥମଥର ପାଇଁ ଆଇସିସି ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଏପ୍ରିଲ ୩୦ରୁ ମେ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ମୋଟ୍ ୧୨ ଦଳ ଆଶଗ୍ରହଣ କରିଥିଲେ। ସେତେବେଳର ତାରକା ବ୍ୟାଟର କେଭିନ୍ ପିଟରସନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୦୨ ରନ ସଂଗ୍ରହ କରି ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ସର୍ବାଧିକ ସ୍କୋରର ବିବେଚିତ ହୋଇଥିଲେ। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଡିର୍କ ନେନ୍ସ ୧୪ଟି ୱିକେଟ ନେଇ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଥିଲେ।

## ୨୦୧୨ରେ ୱେଷ୍ଟଇଣ୍ଡିଜକୁ ଟାଇଟଲ୍

ଦିନିକିଆ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଦୁଇଥର ଟାଇଟଲ ହାସଲ କରିଥିଲେ ମଧ୍ୟ ୨୦୧୨ରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ଏଥିସହ ପ୍ରଥମଥର ପାଇଁ ୱେଷ୍ଟଇଣ୍ଡିଜ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୭ ମଧ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟର ଫାଇନାଲରେ ଡାରେନ ସାମିଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ୩୬ ରନରେ ଶ୍ରୀଲଙ୍କାକୁ ହରାଇ ବାଜି ମାରିଥିଲା। ସର୍ବାଧିକ ୨୪୯ ରନ ସଂଗ୍ରହ କରି ଶେନ୍ ୱାଟସନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ସ୍ପିନର ଅଜନ୍ତା ମେଣ୍ଡିସ୍ ସର୍ବାଧିକ ୧୫ଟି ୱିକେଟ ହାସଲ କରିଥିଲେ।

## ଇଂଲଣ୍ଡକୁ ଦ୍ୱିତୀୟ ଟାଇଟଲ

୨୦୨୨ରେ ଅଷ୍ଟ୍ରେଲିଆରେ ଆୟୋଜିତ ହୋଇଥିଲା ବିଶ୍ୱକପ୍‌ର ୮ମ ସଂସ୍କରଣ। ଅକ୍ଟୋବର ୧୬ରୁ ନଭେମ୍ବର ୧୩ ତାରିଖ ମଧ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟରେ ଜୋଶ ବଟଲରଙ୍କ ନେତୃତ୍ୱରେ ଇଂଲଣ୍ଡ ଫାଇନାଲରେ ୫ ୱିକେଟରେ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଥିଲା। ଇଂଲଣ୍ଡର ସାମ କୁରାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୯୬ ରନ ସଂଗ୍ରହ କରି ଭାରତର ବିରାଟ କୋହଲି ତୃତୀୟଥର ପାଇଁ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ। ସାମ କୁରାନ ସର୍ବାଧିକ ୧୫ ୱିକେଟ ନେଇଥିଲେ। ଭାରତ ସେମିଫାଇନାଲରେ ଇଂଲଣ୍ଡଠାରୁ ୧୦ ୱିକେଟରେ ପରାସ୍ତ ହୋଇଥିଲା।

୨୦୨୨




## ୨୦୧୪ ଦ୍ୱିତୀୟ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା ଭାରତ

୨୦୧୪ରେ ବାଂଲାଦେଶରେ ଟି-୨୦ ବିଶ୍ୱକପ୍‌ର ୫ମ ସଂସ୍କରଣ ଆୟୋଜିତ ହୋଇଥିଲା। ପୂର୍ବରୁ ଦୁଇଥର ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହେବାପରେ ଶ୍ରୀଲଙ୍କା ଏହି ସଂସ୍କରଣରେ ହାସଲ କରିଥିଲା ପ୍ରଥମ ଟାଇଟଲ। ମାର୍ଚ୍ଚ ୧୬ରୁ ଏପ୍ରିଲ ୬ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ର ଫାଇନାଲରେ ଲସିଥ ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୬ ୱିକେଟ ଭାରତକୁ ହରାଇ ବାଜି ମାରିଥିଲା। ଏଥିସହ ଦ୍ୱିତୀୟ ଟାଇଟଲ ହାସଲରୁ ଭାରତ ବଞ୍ଚିତ ହୋଇଥିଲା। ଏଥର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସର୍ବାଧିକ ୩୧୯ ରନସଂଗ୍ରହ କରି ଭାରତର ବିରାଟ କୋହଲି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ଓ ନେଦରଲାଣ୍ଡସର ଅହସାନ ମଲିକ ୧୨ଟି ଲେଖାଏ ୱିକେଟ ଅକ୍ତିଆର କରି ଯୁଗ୍ମ ଭାବେ ସଫଳତମ ବୋଲର ବିବେଚିତ ହୋଇଥିଲେ।

## ୨୦୧୬ ଦ୍ୱିତୀୟ ଥର ବାଜିମାତ୍ କଲା ୱେଷ୍ଟଇଣ୍ଡିଜ

୨୦୧୬ରେ ଭାରତରେ ଆୟୋଜିତ ହୋଇଥିଲା ଟି-୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ। ମାର୍ଚ୍ଚ ୮ରୁ ଏପ୍ରିଲ ୩ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ବିଶ୍ୱକପ୍‌ର ଫାଇନାଲରେ ଡାରେନ୍ ସାମିଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ୪ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଥିଲା। ଘରୋଇ ପରିବେଶରୁ ଭାରତ ଫାଇଦା ଉଠାଇପାରି ନ ଥିଲା ଓ ସେମିରେ ୱେଷ୍ଟଇଣ୍ଡିଜଠାରୁ ୭ ୱିକେଟରେ ପରାସ୍ତ ହୋଇଥିଲା। ବିରାଟ କୋହଲି କିନ୍ତୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୯୫ ରନ ସଂଗ୍ରହ କରି ବାଂଲାଦେଶର ତାମିମ ଇକବାଲ ସର୍ବାଧିକ ସ୍କୋରର ବିବେଚିତ ହୋଇଥିଲେ। ଆଫଗାନିସ୍ତାନର ମହମ୍ମଦ ନବି ସର୍ବାଧିକ ୧୨ ୱିକେଟ ହାସଲ କରିଥିଲେ।

## ୨୦୨୧ ଅଷ୍ଟ୍ରେଲିଆର ପ୍ରତୀକ୍ଷିତ ଟ୍ରଫି ବିଜୟ

ୟୁଏଇ ଓ ଓମାନ ମିଳିତ ଭାବେ ୨୦୨୧ରେ ଆୟୋଜନ କରିଥିଲେ ଟି-୨୦ ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ। ୧୬ଟି ଦେଶ ଅଂଶଗ୍ରହଣ କରିଥିବା ଏହି ବିଶ୍ୱକପ୍‌ର ଫାଇନାଲରେ ଆରୋନ ଫିଞ୍ଚ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୮ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହେବାର ସୌଭାଗ୍ୟଲାଭ କରିଥିଲା। ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାର ୧୪ ବର୍ଷ ପରେ ଅଷ୍ଟ୍ରେଲିଆ ଏହି ପ୍ରତୀକ୍ଷିତ ଟ୍ରଫି ଜିତିଥିଲା। ଏହି ସଂସ୍କରଣରେ ଭାରତ ସେମିଫାଇନାଲକୁ ଉଠିପାରି ନଥିଲା। ଅଭିଜ୍ଞ ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ଣ୍ଣର ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପାକିସ୍ତାନର ବାବର ଆଜମ ସର୍ବାଧିକ ୩୦୩ ରନ ସଂଗ୍ରହ କରିଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ସର୍ବାଧିକ ୧୬ ୱିକେଟ ନେଇଥିଲେ।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ହର୍‌ମନପ୍ରୀତ୍‌ଙ୍କ ହ୍ୟାଟ୍ରିକ୍‌ରେ ଭାରତ ବିଜୟୀ

**ଅନ୍ତୱର୍ପ, ୨୭।୫ (ଏଜେନ୍ସି)**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍-୨୦୨୩/୨୪ ସଂସ୍କରଣର ୟୁରୋପ ଲେଗ୍(ଚରଣ)ରେ ରବିବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୫-୪ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ଅଧିନାୟକ ହର୍‌ମନପ୍ରୀତ୍ ସିଂହ ହ୍ୟାଟ୍ରିକ ଗୋଲ୍‌ସ୍କୋର କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ପୁରୁଷ ହକି ଦଳ ଏଥିସହ ୧୨ ମ୍ୟାଚରୁ ୪ ବିଜୟ, ୬ ଅମୀମାଂସିତ, ୩ ବୋନସ ବିଜୟ ଓ ୨ ପରାଜୟ ସହ ୨୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି। ୨୬ ପଏଣ୍ଟ ସହ ନେଦରଲାଣ୍ଡସ ସାରଣୀ ଶୀର୍ଷରେ ରହିଛି। ଆର୍ଜେଣ୍ଟିନା ୨୦ ପଏଣ୍ଟ ସହ ୪ର୍ଥ ସ୍ଥାନ ଲାଭ କରିଛି।



**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଏହି ମ୍ୟାଚରେ ଆର୍ଜେଣ୍ଟିନା ପ୍ରାରମ୍ଭରୁ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ତୃତୀୟ ମିନିଟ୍‌ରେ ଫେଡେରିକୋ ମୋଞ୍ଜା ଏହି ଗୋଲଟି ଦେଇଥିଲେ। ତେବେ ଏହାର ୪ ମିନିଟ୍ ପରେ ଅର୍‌ଜିତ୍ ସିଂହ ହୁଣ୍ଡାଲ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟରରେ କିନ୍ତୁ ଭାରତ ୨ଟି ଓ ଆର୍ଜେଣ୍ଟିନା ଗୋଟିଏ ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ଭାରତ ୩-୨ରେ ଆଗୁଆ ରହିଥିଲା। ଭାରତ ପାଇଁ ଗୁର୍‌ଜାନ୍ତ ସିଂହ ଓ ଅଧିନାୟକ ହର୍‌ମନପ୍ରୀତ୍ ଏହି ଦୁଇଟି ଗୋଲ୍ ଦେଇଥିଲେ। ଏହାପରେ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର କିନ୍ତୁ ବେଶ୍ ରୋମାଞ୍ଚ ରହିଥିଲା। ୫୦ ଓ ୫୨ତମ ମିନିଟ୍‌ରେ ହର୍‌ମନପ୍ରୀତ୍ ଆଉ ୨ଟି ଗୋଲ ଦେଇ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ହର୍‌ମନପ୍ରୀତ୍‌ଙ୍କ ଏହି ଗୋଲ୍ ବଳରେ ଭାରତ ୫-୨ରେ ବଡ଼ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଶେଷ ୮ ମିନିଟ୍‌ରେ ଆର୍ଜେଣ୍ଟିନା ୨ଟି ଗୋଲ୍ ଦେଇଥିଲେ ମଧ୍ୟ ପରାଜୟରୁ ବର୍ତ୍ତି ପାରି ନ ଥିଲା। ଶେଷରେ ଭାରତ ୫-୪ ଗୋଲରେ ମ୍ୟାଚକୁ ହାତେଇ ନେଇଥିଲା।

**ଟି-୨୦ ବିଶ୍ୱକପ ୱାର୍ମ ଅପ୍**

# ଭାରତ-ବାଂଲା ମୁକାବିଲା ୧ରେ

**ଡଲାସ,୨୭।୫(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଲାଗି ୱାର୍ମଅପ୍ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି। କାନାଡା ଓ ନେପାଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଉଛି। ଜୁନ୍୨ରେ ବା ଭାରତୀୟ ସମୟ ଅନୁଯାୟୀ ଜୁନ୍ ୨ ତାରିଖ ସକାଳ ୬ଟାରୁ ଏହି ବିଶ୍ୱକପ୍ ଆରମ୍ଭ ହେବ। ଜୁନ୍ ୧ରେ ଭାରତ ତାହାର ଏକମାତ୍ର ଅଭ୍ୟାସ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଟି ନବନିର୍ମିତ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଏଠାରେ ମଧ୍ୟ ଭାରତ ୩ଟି ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ଜୁନ୍ ୧ ତାରିଖ ରାତି ୮ଟାରେ ଖେଳାଯିବ। ଏହା ମଧ୍ୟରେ ଭାରତୀୟ ଦଳର କିଛି ସଦସ୍ୟ ନ୍ୟୁୟର୍କରେ ପହଞ୍ଚିସାରିଛନ୍ତି। ଆଇପିଏଲ୍ ଶେଷ ହେବା ପରେ ବିରାଟ କୋହଲି ଓ ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବିଳମ୍ବରେ ଦଳ ସହ ଯୋଗଦେବେ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ କୋହଲି ଏହି ମ୍ୟାଚ୍ ଖେଳିବେ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେ ଜୁନ୍ ୯ରେ ପାକିସ୍ତାନ ସହ ଖେଳାଯିବାକୁ ଥିବା ହାଇଭୋଲ୍ଟେଜ୍ ମ୍ୟାଚ୍‌ରେ ନିଶ୍ଚିତ ଖେଳିବେ ବୋଲି ଅନ୍ୟଏକ ସୂତ୍ରରୁ ଜଣାଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳଗୁଡିକ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ପହଞ୍ଚିବା ଆରମ୍ଭ କରିଦେଲେଣି। କିନ୍ତୁ ଇଂଲଣ୍ଡ ଓ ପାକିସ୍ତାନ ଦଳ ଟି-୨୦ ସିରିଜ୍ ଖେଳିସାରିବା ପରେ ଜୁନ୍ ୨ କିମ୍ବା ୩ରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଏମାନେ କୌଣସି ୱାର୍ମଅପ୍ ମ୍ୟାଚ୍ ଖେଳିବେ ନାହିଁ। ସେହିପରି ଆଇପିଏଲ ପ୍ଲେଅଫ୍‌ରେ ଖେଳିଥିବା ସମସ୍ତ ଅଷ୍ଟ୍ରେଲୀୟ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ଯାହା ଫଳରେ ଅଷ୍ଟ୍ରେଲିଆ ଦଳ ୱାର୍ମଅପ୍‌ରେ ସପୋର୍ଟ ଷ୍ଟାଫ୍‌ଙ୍କୁ ନେଇ ଖେଳିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି।



# ୱେଷ୍ଟଇଣ୍ଡିଜ୍‌ର ୩-୦ରେ କ୍ଲିନ୍‌ସୁଇପ୍

**କିଙ୍ଗଷ୍ଟନ୍, ୨୭।୫(ଏଜେନ୍ସି):** ଓପନର ଜନସନ ଚାର୍ଲସଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ପ୍ରଦର୍ଶନ ବଳରେ ଏଠାରେ ରବିବାର ରାତିରେ ଖେଳାଯାଇଥିବା ତୃତୀୟ ଟି-୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୱେଷ୍ଟଇଣ୍ଡିଜ୍ ୩-୦ରେ କ୍ଲିନ୍ ସୁଇପ୍ କରିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ୍ ୨୮ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୧୬ ରନ୍‌ରେ ଜିତିନେଇଥିଲା। ତୃତୀୟ ମ୍ୟାଚ୍‌ରେ ମାତ୍ର ୨୬ ବଲ୍‌ରୁ ୯ ଚୌକା ଓ ୫ଛକା ସହ ୬୯ ରନ୍ କରିଥିବା ଜନ୍‌ସନ ଚାର୍ଲସଙ୍କୁ ମ୍ୟାଚ୍‌ର ଓ ସ୍ପିନର ଗୁଡକେଶ ମୋତିଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

# କନିଷ୍ଠ ମହିଳା ହକି ଦଳ ହାରିଲା

**ଡସେଲଡର୍ଫ, ୨୭।୫(ଏଜେନ୍ସି):** ୟୁରୋପ ଗସ୍ତରେ ଯାଇଥିବା ଭାରତର କନିଷ୍ଠ ମହିଳା ହକି ଦଳ ୫ମ ମୁକାବିଲାରେ ପରାଜିତ ହୋଇଛି। ଏଠାରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜର୍ମାନୀ ୬-୪ ଗୋଲରେ ଭାରତକୁ ପରାସ୍ତ କରିଛି। ଜର୍ମାନୀ ଦଳ ପ୍ରଥମେ ୬ଟି ଯାକ ଗୋଲ ଦେଇଥିଲା। ଏହା ପରେ ଭାରତ ଲଢୁଆ ଖେଳ ପ୍ରଦର୍ଶନ କରି ୪ଟି ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲା।

# ଗମ୍ଭୀରଙ୍କ ନିଯୁକ୍ତି ନେଇ ଆଶଙ୍କା

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):** ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ପଦ ଲାଗି ଆଜି ଆବେଦନ କରିବା ଶେଷ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି ଲାଗି ବିସିସିଆଇ କିମ୍ବା ଗୌତମ ଗମ୍ଭୀର ଏ ସମ୍ପର୍କରେ କିଛି ମନ୍ତବ୍ୟ ଦେଇନାହାନ୍ତି। ଯାହା ଫଳରେ ମୁଖ୍ୟ ପ୍ରଶିକ୍ଷକ ପଦରେ ଗମ୍ଭୀରଙ୍କ ନିଯୁକ୍ତିନେଇ ଆଶଙ୍କା ପ୍ରକାଶ ପାଇଛି। ନିକଟରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ଚାମ୍ପିଅନ କରାଇବା ଓ ବିସିସିଆଇ ସମ୍ପାଦକ ଜୟ ଶାହଙ୍କ ସହ ଗମ୍ଭୀର ଏକତ୍ର ହେବାକୁ ନେଇ ଅନେକ ଆଲୋଚନା ହୋଇଥିଲା। ରାହୁଲ ଦ୍ରାବିଡଙ୍କ ସ୍ଥାନରେ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ହେବେ ବୋଲି ଯେଉଁ ଆଶା ସୃଷ୍ଟି ହୋଇଥିଲା ତାହାର କିଛି ସୂଚନା ମିଳିନାହିଁ। କୋଲକାତା ଟିମ୍ ମାଲିକ ଶାହରୁଖ ଖାନଙ୍କ ସହ ଅତି ଉତ୍ତମ ସମ୍ପର୍କ ରହିଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ହେଲେ କୋଲକାତା ଟିମର ମୁଖ୍ୟ ପରାମର୍ଶଦାତା ପଦରୁ ଇସ୍ତଫା ଦେବାକୁ ହେବ। ଏଣୁ ଗମ୍ଭୀର ରାଜି ହୋଇ ନ ଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଖେଳାଳିଙ୍କ ସହ ତାଙ୍କର ପୂର୍ବସମ୍ପର୍କ ଭଲ ନାହିଁ। ଏଭଳି ସ୍ଥିତିରେ ସେ ଦଳକୁ ଚଳାଇପାରିବେ କି ନାହିଁ ତାହାକୁ ନେଇ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ୍।

**ଫ୍ରେଞ୍ଚ ଓପନ**

# ପ୍ରଥମ ରାଉଣ୍ଡରେ ହାରିଲେ ନାଦାଲ

**ପ୍ୟାରିସ୍,୨୭।୫(ଏଜେନ୍ସି)**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଫ୍ରେଞ୍ଚ ଓପନ୍‌ର ୧୨୩ତମ ସଂସ୍କରଣରେ ସବୁଠୁ ବଡ଼ ବିପର୍ଯ୍ୟୟ ଦ୍ୱିତୀୟ ଦିବସରେ ଦେଖିବାକୁ ମିଳିଛି। ନାଲି ମାଟି (କ୍ଲେ-କୋର୍ଟ)ର ରାଜା ଭାବେ ପରିଚିତ ୨୨ଥରର ଗ୍ରାଣ୍ଡସ୍ଲାମ ବିଜେତା ସ୍ପେନର ରାଫେଲ ନାଦାଲ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପରାଜୟବରଣ କରିଛନ୍ତି। ୩୭ ବର୍ଷୀୟ ନାଦାଲ ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚରେ ଜର୍ମାନୀର ଆଲେକ୍ସଜାଣ୍ଡର ଜେଭରେଭଙ୍କ ନିକଟରୁ ୬-୩, ୭-୬ (୫), ୬-୩ ସିଧାସଳଖ ସେଟ୍‌ରେ ହାରିଯାଇଛନ୍ତି। ଏଠାରେ ୧୪ଥର ଟ୍ରଫି ଜିତିଥିବା ନାଦାଲ ଫ୍ରେଞ୍ଚ ଓପନ୍ ଇତିହାସରେ ପ୍ରଥମଥର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟନେଇଛନ୍ତି। ପ୍ରଥମ ରାଉଣ୍ଡର ଏହି ମ୍ୟାଚ୍ ସେମିଫାଇନାଲ ସଦୃଶ ମନେ ହେଉଥିବାବେଳେ ଏହାକୁ ଦର୍ଶକ ଗ୍ୟାଲେରୀରେ ନୋଭାକ ଜୋକୋଭିଚ୍, ଇଗା ସ୍ୱିଆଟେକ, କାର୍ଲୋସ ଆଲ୍‌କାରାଜଙ୍କ ପରି ତାରକା ଖେଳାଳି ଉପଭୋଗ କରୁଥିଲେ। ନାଦାଲ ଏଠାରେ ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯, ୨୦୨୦ ଓ ୨୦୨୨ରେ ଚାମ୍ପିଅନ ହୋଇଥିଲେ। ଫ୍ରେଞ୍ଚ ଓପନ୍‌ରେ ସେ ୧୧୨ ମ୍ୟାଚ୍ ଜିତିଥିବାବେଳେ ମାତ୍ର ୪ଟି ପରାସ୍ତ ହୋଇଛନ୍ତି।

ସୋମବାର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମହିଳା ଏକକରେ ଟପ୍ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ, ୮ମ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେଉର, ୫ମ ସିଡ୍ ଚେକ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭା, ଦ୍ୱାଦଶ ସିଡ୍ ଇଟାଲିର ଜାସମିନ ପାଓଲିନି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ସେହିଭଳି ପୁରୁଷ ଏକକରେ ୯ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ୍, ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# ହାଇଦ୍ରାବାଦ୍ ପିଚ୍ ଓ ଗ୍ରାଉଣ୍ଡ ଶ୍ରେଷ୍ଠ

**ଚେନ୍ନଇ,୨୭।୫(ଏଜେନ୍ସି):** ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ମ୍ୟାଚ୍ ଜିତିବା ଯେପରି କଷ୍ଟକର ହୋଇଥିଲା, ସେହିପରି ଉପଯୁକ୍ତ ପିଚ୍ ଯୋଗାଇବା ତା'ଠାରୁ ଅଧିକ ଚ୍ୟାଲେଞ୍ଜିଂ ହୋଇଥିଲା। ଏହା ମଧ୍ୟରେ ହାଇଦ୍ରାବାଦ୍‌ର ପିଚ୍ ଓ ଗ୍ରାଉଣ୍ଡକୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା। ଏଥିଲାଗି ମଧ୍ୟ ଏହି ଗ୍ରାଉଣ୍ଡକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏବେ ବିସିସିଆଇ ପକ୍ଷରୁ ଆଇପିଏଲ୍ ଖେଳାଯାଇଥିବା ସମସ୍ତ ୧୩ଟି ଷ୍ଟାଡିୟମ୍‌ର ପିଚ୍ ନିର୍ମାତା ଓ ଗ୍ରାଉଣ୍ଡମ୍ୟାନ୍‌ଙ୍କୁ ପୁରସ୍କାର ଦିଆଯାଇଛି। ନିୟମିତ ଖେଳାଯାଇଥିବା ୧୦ଟି ଭେନ୍ୟୁକୁ ୨୫ ଲକ୍ଷ ଲେଖାଏଁ ଓ ଅନ୍ୟ ୩ଟି ଲେଖାଏଁ ଭେନ୍ୟୁକୁ ୧୦ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ଦିଆଯାଇଛି। ଏହି ଟଙ୍କାକୁ ପିଚ୍ ନିର୍ମାତା ଓ ଗ୍ରାଉଣ୍ଡସମ୍ୟାନଙ୍କୁ ଦିଆଯିବ। ସୂଚନାଯୋଗ୍ୟ, ଚେନ୍ନାଇରେ ରବିବାର ଅନୁଷ୍ଠିତ ଆଇପିଏଲ୍ ଫାଇନାଲ୍‌ରେ ହାଇଦ୍ରାବାଦକୁ ହରାଇ କୋଲକାତା ଚାମ୍ପିଅନ୍ ହୋଇଥିଲା।

ସକାଳ THE SAKALA
ନନ୍ଦିଘୋଷ TV
Presents
ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୪
୨୯ ମେ ବୁଧବାର
Presenting Sponsor
RUCHI FOODLINE Since 1976 Karlo Dosti Sehat Se.
FROZIT "Time Ki Bachat, Eat Fresh Fatafat"
FarmB Family of Master Artisans
Supported by
omfed | JUPITER GROUP OF INSTITUTIONS | AIMS GROUP OF INSTITUTIONS | vidwan | Centurion UNIVERSITY | NALANDA SHREE HIGHER SECONDARY SCHOOL | VEDBYASH RESIDENTIAL COLLEGE BERHAMPUR-10, GANJAM
Krishna Vikash Group of Institutions | SAMANTROY ACADEMY | VEDIC GROUP OF INSTITUTIONS SAMBALPUR RAIGARH BARGARH | vedanta transforming for good | AIPH University Bhubaneswar (Odisha)

**ଭୁବନେଶ୍ୱର**
ଜୟଦେବ ଭବନ
(ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର, ଯାଜପୁର)

**ସମ୍ବଲପୁର**
ଡଲଫିନ୍ ହୋଟେଲ, ଅଇଁଠାପାଲି
(ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ବରଗଡ, ନୂଆପଡା, ବୌଦ୍ଧ, ଦେବଗଡ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ରାଉରକେଲା)

**ବ୍ରହ୍ମପୁର**
ଗୁରୁକୁଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲ, ଗୁଡ୍ସ ସେଡ୍ ରୋଡ୍
(ଗଞ୍ଜାମ, ଗଜପତି, ଫୁଲବାଣୀ)

**ଜୟପୁର**
ଅଗ୍ରସେନ ଭବନ, ନେହେରୁ ନଗର
(କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି)

**ଢେଙ୍କାନାଳ**
ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି
(ଢେଙ୍କାନାଳ, ଅନୁଗୁଳ)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA